

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୭ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 17 MARCH 2021

Vol.No. 32 ■ No. 72 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପିପିଲି ଉପ-ନିର୍ବାଚନ ପାଇଁ ବାଜିଲା ବିଗୁଲ

■ ଏପ୍ରିଲ ୧୭ରେ ପଡ଼ିବ ଭୋଟ୍, ମେ’ ୨ରେ ଫଳାଫଳ

■ ପ୍ରାର୍ଥୀ ଖୋଜିବା ପାଇଁ ତିନି ପ୍ରମୁଖ ଦଳର କସରତ

ଭୁବନେଶ୍ୱର,୧୬/୦୩ (ନି.ପ୍ର): ଯେଉଁ ତାରିଖକୁ ତିନି ପ୍ରମୁଖ ରାଜନୈତିକ ଦଳ ଅନେଇ ବସିଥିଲେ ସେହି ତାରିଖ ଘୋଷଣା ହୋଇଛି । ଏପ୍ରିଲ ୧୭ ତାରିଖରେ ହେବ ପିପିଲି ଉପନିର୍ବାଚନ । ଏନେଇ ମାର୍ଚ୍ଚ ୨୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ । ନାମାଙ୍କନ ଦାଖଲର ଶେଷ ତାରିଖ ରହିଛି ମାର୍ଚ୍ଚ ୩୦ ତାରିଖ । ମାର୍ଚ୍ଚ ୩୧ ତାରିଖରେ ପ୍ରାର୍ଥୀପତ୍ର ଯାଂଚ ହେବ । ପ୍ରାର୍ଥୀପତ୍ର ପ୍ରତ୍ୟାହାରର ସମୟ ସୀମା ହେଲା ଏପ୍ରିଲ ୩ ତାରିଖ । ଏପ୍ରିଲ ୧୭ ତାରିଖରେ ଭୋଟ ହେବ । ମେ ୨ ତାରିଖରେ ପ୍ରକାଶ ପାଇବ ଫଳାଫଳ । ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଅକ୍ଟୋବର ୪ ତାରିଖରେ ଦେହାନ୍ତ ପରେ ସେହିଦିନ ଠାରୁ ଖାଲି ରହିଥିଲା ଏହି ଆସନ । ଉପନିର୍ବାଚନ ପାଇଁ ରାଜନୈତିକ ଦଳ ମଧ୍ୟରେ ଆରମ୍ଭ ହୋଇଯାଇଥିଲା ଅଙ୍କକଷା । ବିଜେଡିର ବରିଷ୍ଠ ନେତା ପ୍ରତାପ ଦେବଙ୍କୁ ପିପିଲି ଉପନିର୍ବାଚନ ଦାୟିତ୍ୱ ଦିଆଯାଇଥିବା ବେଳେ ବିଜେପି ରାଜ୍ୟ ପ୍ରଭାରୀ ପୁରନ୍ଦେଶ୍ୱରୀ ଘନ ଘନ ବୈଠକ କରି ରଣନୀତି ପ୍ରସ୍ତୁତିରେ ଲାଗିପଡିଛନ୍ତି । ସେପଟେ କଂଗ୍ରେସ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ବୈଠକ କରି ଦଳର ତୁଙ୍ଗ ନେତାଙ୍କ ସହିତ ବିଚାର ବିମର୍ଶ ଜାରି ରଖିଛି । ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିବା ପ୍ରଦୀପ ମହାରଥୀ ପିପିଲି ଆସନରୁ ୭ଥର ବିଧାୟକ ଭାବେ ନିର୍ବାଚିତ ହେବା ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ଦାୟିତ୍ୱରେ ରହିଥିଲେ । ଜନତା ପାର୍ଟିରୁ ଥରେ ଜନତା ଦଳରୁ ଥରେ ଏବଂ ବିଜୁ ଜନତା ଦଳରୁ ୫ଥର ବିଧାୟକ ରହିଥିବା ବେଳେ ଗୋଟିଏ ଥର ପରାଜୟର ସାମନା କରିଥିଲେ । ଏବେ ସମସ୍ତଙ୍କ ନଜର ଅଟକିଛି ଏହି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀର ଟିକେଟ କିଏ ପାଇବ । ଅନୁମାନ କରାଯାଉଛି ବିଜେଡି ପ୍ରଦୀପ ମହାରଥୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଟିକେଟ ଦେଇପାରେ ।

## ଓଡ଼ିଶା ଆସିବେ ରାଷ୍ଟ୍ରପତି । ମାର୍ଚ୍ଚ ୨୧, ୨୨ରେ ୨ ଦିନିଆ ଓଡ଼ିଶା ଗସ୍ତର ରହିଛି କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୬/୦୩(ନି.ପ୍ର): ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ । ଆସନ୍ତା ମାର୍ଚ୍ଚ ୨୧ ଏବଂ ୨୨ ତାରିଖରେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି । ଗସ୍ତ ସମୟରେ ରାଉରକେଲାରେ ଆରଏସପି ଦ୍ୱାରା ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲର ଉଦଘାଟନ କରିବେ ରାଷ୍ଟ୍ରପତି । ତେବେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ରାଷ୍ଟ୍ରପତି ଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସାକ୍ଷାତ ସମୟରେ ରାଷ୍ଟ୍ରପତିଙ୍କୁ ‘ଗାମୁଛା’ ଭେଟି ଦେଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ଅନୁଗୁଳ ଆଠମଲ୍ଲିକର ଜଣେ ଦଳିତ କାରିଗର ନିର୍ମିତ ଗାମୁଛା ରାଷ୍ଟ୍ରପତିଙ୍କୁ ଭେଟି ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ।

## ଶାସକ-ବିରୋଧୀ ନାରାବାଜି ଓ ହୋ-ହଲ୍ଲା ଭିତରେ ବିଧାନସଭା ଅଚଳ

**୪ ଦିନ ହେଲା, ବିଧାୟକଙ୍କ କ୍ଷମା ଦାବିରେ ଅଡି ବସିଛି ବିଜେଡି, ମଣ୍ଡି ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଙ୍ଗାମା**



ଭୁବନେଶ୍ୱର,୧୬/୦୩ (ନି.ପ୍ର): ବିଧାନସଭା ଲାଗାତାର ଚତୁର୍ଥ ଦିନ ପାଇଁ ଅଚଳ । ଶାସକ- ବିରୋଧିଙ୍କ ମୁହାଁମୁହିଁ ସ୍ଥିତି ଯୋଗୁଁ ଲୋକଙ୍କ ପ୍ରସଙ୍ଗ ପଛକୁ ଠେଲିହୋଯାଇଇଛି । ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତିଙ୍କ ସର୍ବଦଳୀୟ ବୈଠକରେ କୌଣସି ନିଷ୍କର୍ସ ବାହାରିପାରିନାହିଁ । ବୈଠକରୁ ଅଧାରୁ ଓହରି ଆସିଛି କଂଗ୍ରେସ । ମଣ୍ଡି ସମସ୍ୟା ନେଇ ବିରୋଧୀ ଗୃହରେ ହଟ୍ଟଗୋଳ କରୁଥିବାବେଳେ ଆତ୍ମହତ୍ୟା ଉଦ୍ୟମ ପ୍ରସଙ୍ଗରେ ସୁବାସ ପାଣିଗ୍ରାହୀଙ୍କ କ୍ଷମା ଦାବିରେ ଗୃହକୁ ଅଚଳ କରିଛି ବିଜେଡି । ଆଉ ଏହାରି ମଧ୍ୟରେ କୁଚିଣ୍ଡାରେ ମଣ୍ଡିର ଅସଲ ଚିତ୍ର ପରଖିଛି କନକ ନ୍ୟୁଜ । ମଣ୍ଡିରେ ହଜାର ହଜାର ଧାନ ବସ୍ତା ପଡିରହିଥିବାରୁ ସମସ୍ୟା ଜଟିଳ ହେବାରେ ଲାଗିଛି । ବିଧାନସଭା ପ୍ରଶ୍ନକାଳର ଏ ହେଉଛି ୪ ଦିନର ଚିତ୍ର । ଆଉ ଏହି ୪ଦିନ ପ୍ରଶ୍ନକାଳରେ ସମାନ ଚିତ୍ର । ଗୃହର ମଧ୍ୟଭାଗରେ ବିଜେପି-କଂଗ୍ରେସର ହଟ୍ଟଗୋଳ ସହ ଶାସକ ଦଳର ନାରାବାଜି । ଆଉ ଏହାରି ମଧ୍ୟରେ ଚାଲିପାରୁନି ବିଧାନସଭା । ମଣ୍ଡିରୁ ଧାନ ନ ଉଠିବା ପ୍ରସଙ୍ଗରେ ବିରୋଧୀ ଗୃହରେ ହଙ୍ଗାମା କରୁଛନ୍ତି । ଆଉ ସାନିଟାଇଜର ପିଇ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ବିଧାୟକ ସୁବାସ ପାଣିଗ୍ରାହୀଙ୍କ କ୍ଷମା ଦାବିରେ ଅଡିବସିଛି ଶାସକ ଦଳ । ମଙ୍ଗଳବାର ବି ▶▶ପୃଷ୍ଠା ୭

## ସିମ୍ପୋସିୟମ ଅନ୍ ଫ୍ୟୁଏଲ ଏବଂ ଲୁବରିକାଣ୍ଟରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ



ନୂଆଦିଲ୍ଲୀ/ଭୁବନେଶ୍ୱର,୧୬/୦୩ (ନି.ପ୍ର): ନୂଆଦିଲ୍ଲୀଠାରେ ଆୟୋଜିତ ଦ୍ୱାଦଶତମ ଅନ୍ତରାଷ୍ଟ୍ରୀୟ ସିମ୍ପୋସିୟମ ଅନ୍ ଫ୍ୟୁଏଲ ଏବଂ ଲୁବରିକାଣ୍ଟ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ସେ କହିଛନ୍ତି, ଦେଶରେ ସାମାଜିକ ଓ ଆର୍ଥିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାରେ ଉର୍ଜାର ବଡ ଭୂମିକା ରହିଛି । ଭବିଷ୍ୟତ ସ୍ଥାୟୀ ଉର୍ଜାରେ ଭାରତର ଯାତ୍ରା ଉପରେ ମତ ଦେଇ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ପୁଞ୍ଜିନିବେଶ ଯୋଗୁଁ ବ୍ୟାପକ ରୋଜଗାର ତିଆରି ହେବ ଏବଂ ଏହାଫଳରେ ସମାଜର ସବୁ ବର୍ଗର ସାମାଜିକ ଓ ଆ୍ିଥକ ବିକାଶ ହୋଇପାରିବ । ଭାରତର ଅର୍ଥନୀତିକୁ ଦୁଇ ଗୁଣା ଗତି ଦେବାରେ ତୈଳ ଏବଂ ଗ୍ୟାସ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଉର୍ଜା କ୍ଷେତ୍ରରେ ଅଣାଯାଇଥିବା ସଂସ୍କାର ଉପରେ ଆଲୋଚନା କରି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା, ଇଥାନଲ ବ୍ଲେଣ୍ଡି, ସିବିଜି, ବାୟୋଡ଼ିଜେଲ, କୋଇଲାରୁ ସିନଗ୍ୟାସ ଏବଂ ଏଲଏନଜିକୁ ପରିବହନ ଇନ୍ଧନ ଭାବରେ ପ୍ରଚାରପ୍ରସାର କରାଯାଉଛି । ନୀତିଗତ ଦୃଷ୍ଟିରୁ ସ୍ପଷ୍ଟ ପୁଞ୍ଜିନିବେଶ ଯୋଜନା, ଭବିଷ୍ୟତକୁ ଲକ୍ଷ୍ୟର ସ୍ପଷ୍ଟ ତଥା କ୍ରିୟାନ୍ୱୟନ ରଣନୀତିକୁ ସୁଦୃଢ଼ କରିବା ଦିଗରେ ଅନେକ ସମ୍ଭାବନା ସୃଷ୍ଟି ହେଉଛି ।

## ୨୪ ଘଂଟାରେ ଆଉ ୬୫ କରୋନା ପଜିଟିଭ୍

ଭୁବନେଶ୍ୱର,୧୬/୦୩ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୬୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩୭ ଜଣ ସଂଗରୋଧ କେନ୍ଦ୍ରରୁ ଓ ୨୮ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି । ନୂଆ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ସମୁଦାୟ ସଂକ୍ରମିତଙ୍କ ସଂଖ୍ୟା ୩ ଲକ୍ଷ ୩୮ ହଜାର ୩୨୩ରେ ପହଂଚିଛି । ସେହପରି ୩ ଲକ୍ଷ ୩୫ ହଜାର ୭୩୦ ଜଣ ସୁସ୍ଥ ହୋଇସାରିଥିବା ବେଳେ ଏବେ ବି ୬୨୨ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱର ୫, ବଲାଙ୍ଗୀରରୁ ୩, କଟକରୁ ୫ ଜଣ, ଦେବଗଡରୁ ୨, ନୂଆପଡ଼ାରୁ ଜଣେ, ପୁରୀରୁ ୩ ଜଣ, ସୁନ୍ଦରଗଡ଼ରୁ ୧୫ ଜଣ ଓ ଷ୍ଟେଟ୍ ପୁଲ୍ ରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ବଲରାମଗଡ଼ି ଗୁଳିକାଣ୍ଡ ମାମଲାରେ ୨ଅଟକ

**ଅପରାଧୀ ଖୁବଶୀଘ୍ର ଗିରଫ ହେବେ: ଏସ୍‌ପି**

ବାଲେଶ୍ୱର,୧୬/୦୩ (ନି.ପ୍ର): ବାଲେଶ୍ୱରରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ପ୍ରଶାସନର ଅପାରଗତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିବା ବେଳେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ବଲରାମଗଡି ଗୁଳିକାଣ୍ଡରେ ସମ୍ପୃକ୍ତ ସମସ୍ତ ଅପରାଧିଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି । ଗୁଳିକାଣ୍ଡରେ ଜଡିତ ଥିବା ସନ୍ଦେହରେ ଦୁଇ ଜଣ ବ୍ୟକ୍ତିଙ୍କୁ ଅଟକ ରଖଯାଇଥିବା ବେଳେ ସେମାନଙ୍କ ନିକଟରୁ ବନ୍ଧୁକ ଓ ଗୁଳି ମିଳିଛି ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ତେବେ ଏସପି ଅଟକଥିବା ଦୁଇ ଜଣଙ୍କ ପରିଚୟ ଦେଇ ନଥିଲେ । ଅଟକ ଥିବା ଜଣେ ବ୍ୟକ୍ତିଙ୍କ ସହ ମୃତ ବିଜୟ ପ୍ରଧାନଙ୍କର କିଛି ଦିନ ପୂର୍ବେ ଗଣ୍ଡଗୋଳ ହୋଇଥିଲା । ଏହାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥାଇ ପାରେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଏସପି ଶ୍ରୀ ମିଶ୍ର କହିଛନ୍ତି । ଏ ଘଟଣାର ତଦନ୍ତ ସହ ସମସ୍ତ ଅପରାଧୀଙ୍କୁ ଧରିବା ପାଇଁ ଡିଏସପି ର୍ୟାଙ୍କର ଅଫିସରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି ସେ ସୂଚନା ଦେଇଥିଲେ । ଅନ୍ୟପକ୍ଷରେ ବାଲେଶ୍ୱର ସହରର ସଞ୍ଜୟ ହାଇଟ୍ସରେ ହୋଇଥିବା ଗୁଳିକାଣ୍ଡ ଓ ବଳରାମଗଡ଼ି ଗୁଳିକାଣ୍ଡ ମଧ୍ୟରେ ଆଇନ ଶୃଙ୍ଖଳାକୁ ନେଇ କୌଣସି ସାମଞ୍ଜସ୍ୟ ନାହିଁ ବୋଲି ଶ୍ରୀ ମିଶ୍ର କହିଥିଲେ । ପ୍ରଥମ ଗୁଳିକାଣ୍ଡ ପରସ୍ପର ବିବାଦରୁ ହୋଇଥିବା ବେଳେ ବଳରାମଗଡି ଘଟଣା ସଂଗଠିତ ଅପରାଧିକ ଘଟଣା ବୋଲି ସେ କହିଛନ୍ତି । ଜିଲାର ଆଇନ ଶୃଙ୍ଗଳା ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ବେଳେ ଅପରାଧିକ କାର୍ଯ୍ୟକଳାପ ଉପରେ ପୁଲିସ ତୀକ୍ଷ୍ଣ ଦୃଷ୍ଟି ରଖିଛି ବୋଲି ଏସପି ଶ୍ରୀ ମିଶ୍ର କହିଥିଲେ ।

## କରୋନାର ନୂଆ ନୂଆ ରୂପକୁ ନେଇ ସତର୍କ କଲେ ରାଜ୍ୟ ସରକାର



ଭୁବନେଶ୍ୱର,୧୬/୦୩ (ନି.ପ୍ର): କରୋନାର ନୂଆ ରୂପ ଚିନ୍ତା ବଢ଼ାଉଥିବା ବେଳେ ଓଡ଼ିଶାରେ ସଂକ୍ରମଣର ଆଶଙ୍କାକୁ ଦୃଷ୍ଟିରେ ରଖି ଆଗୁଆ ସତର୍କତାମୁଳକ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର । ଯଦିଓ ଆମ ରାଜ୍ୟରେ କରୋନା ସଂକ୍ରମଣ ନିୟନ୍ତ୍ରଣରେ ରହିଛି, ତଥାପି ସତର୍କ ନହେଲେ ପରିସ୍ଥିତି ବିଗିଡି ଯିବାର ଆଶଙ୍କା ରହିଛି । ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୂଆ ଗାଇଡଲାଇନ ଜାରି କରାଯାଇଛି । ଏହାରି ଭିତରେ ଓଡ଼ିଶାରେ ଟିକାକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ରାଜ୍ୟରେ ମୋଟ୍ ୧୨ ଲକ୍ଷରୁ ଅଧିକ ଡୋଜ୍ ଟିକା ଦିଆଯାଇଥିବା ବେଳେ କେତେ ପ୍ରତିଶତ ଆଂଟିବଡ଼ି ବିକଶିତ ହୋଇଛି ତା ଉପରେ ସମସ୍ତଙ୍କ ନଜର ରହିଛି । ବେଳ ଥାଉ ଥାଉ ସାବଧାନ ନହେଲେ, କରୋନା ସଂକ୍ରମଣ କେଉଁ ଭଳି ସ୍ଥିତି ସୃଷ୍ଟି କରିପାରେ, ଏକଥା ଆମେ ସମସ୍ତେ ଅନୁଭବ କରିଛନ୍ତି । ଆଉ ଏଭଳି ସ୍ଥିତିରେ କରୋନାର ନୂଆ ନୂଆ ରୂପ ଏବଂ ମହାରାଷ୍ଟ୍ର, ସମେତ ଦେଶର ବିଭିନ୍ନ ସ୍ଥାନରେ ବଢୁଥିବା ସଂକ୍ରମଣ ପୁଣି ଥରେ କରୋନାକୁ ନେଇ ଚିନ୍ତା କରିବାକୁ ବାଧ କରିଛି । ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୂଆ ଗାଇଡଲାଇନ ଜାରି ହୋଇଛି । ଏଥିରେ କୁହାଯାଇଛି- କି ପ୍ରକାର ସତର୍କତା ଗ୍ରହଣ କରିବା ? ମୌଳିକ କୋଭିଡ ନିରୋଧୀ ଆଚରଣ ଗ୍ରହଣ କରିବା, ହାତ ଧୋଇବା, ଠିକ ଭାବେ ମାସ୍କ ପିନ୍ଧିବା ▶▶ପୃଷ୍ଠା ୭

## କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ଭେଟିଲେ ବିଜେପି ସାଂସଦ

ନୂଆଦିଲ୍ଲୀ/ଭୁବନେଶ୍ୱର , ୧୬ ମାର୍ଚ୍ଚ - କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ରାଜ୍ୟ ବିଜେପି ସାଂସଦର ଏକ ପ୍ରତିନିଧି ମଣ୍ଡଳି ମଙ୍ଗଳବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଂଟନ ମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ଭେଟି ବିକ୍ରି ହୋଇନଥିବା ସମସ୍ତ ଧାନକୁ ତୁରନ୍ତ କିଣିବା ପାଇଁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି । ଏକ ସ୍ମାରକ ପତ୍ର ଜରିଆରେ ବିଜେପିର ସାଂସଦମାନେ ଧାନ କିଣା ନେଇ ଥିବା ଆନୁଷଙ୍ଗିକ ସମସ୍ୟା ତଥା ଓଡ଼ିଶାରେ ଧାନ କିଣା ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବରେ କରିବା ପାଇଁ ମଧ୍ୟସ୍ଥିଙ୍କୁ ସମ୍ପୃକ୍ତି ନେଇ ଥିବା ସମସ୍ୟା, ଏମଏସପି ମୂଲ୍ୟ ଆଧାରରେ ସ୍ୱଚ୍ଛ ଏବଂ ଶୀଘ୍ର ଧାନ କ୍ରୟ କରିବା ଦିଗରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗୋଏଲଙ୍କ ସହଯୋଗ ଲୋଡ଼ିଛନ୍ତି । ଏହି ସମସ୍ୟାର ସମାଧାନ ହେଲେ ପ୍ରଧାନମନ୍ତ୍ରୀଙ୍କ ▶▶ପୃଷ୍ଠା ୭

## ଧର୍ମେନ୍ଦ୍ର ପ୍ରଧାନଙ୍କୁ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଚିଠି

ଭୁବନେଶ୍ୱର,୧୬/୦୩ (ନି.ପ୍ର): ରାଉରକେଲାର ଆଇଜିଏଚକୁ ୨୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଟି ହସ୍ପିଟାଲ କରାଯାଇଥିବାବେଳେ ମେଡିକାଲ କଲେଜ କରାଯାଇନଥିବା ଦର୍ଶାଇ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଛନ୍ତି ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ । ମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଗତ ୨୦୧୫ , ଏପ୍ରିଲ ୨ତାରିଖରେ ▶▶ପୃଷ୍ଠା ୭

## ଗୁଜୁରାଟର ୪ ସହରରେ ଜାରି ହେଲା ନାଇଟ୍ କର୍ଫ୍ୟୁ

ଗୁଜୁରାଟ,୧୬/୦୩ : କରୋନା ସଂକ୍ରମଣ ଗୁଜୁରାଟରେ ଉଦବେଗଜନକ ଭାବେ ବଢିଥିବା ବେଳେ ରାଜ୍ୟର ୪ଟି ସହରରେ ନାଇଟ କର୍ଫ୍ୟୁ ଜାରି କରିଛି ପ୍ରଶାସନ । ଗୁଜରାଟର ସୁରଟ, ରାଜକୋଟ, ଅହମ୍ମଦାବାଦ, ବଡୋଦରାରେ ମହାନଗର ନିଗମ ନାଇଟ କର୍ଫ୍ୟୁ ଜାରି କରିଛି । ମାର୍ଚ୍ଚ ୧୭ ତାରିଖରୁ ୩୧ ତାରିଖ ଯାଏଁ ଏହି ୪ଟି ସହରରେ ରାତି ୧୦ଟାରୁ ସକାଳ ୬ଟା ଯାଏଁ ନାଇଟ କର୍ଫ୍ୟୁ ବଳବତର ରହିବ । ତେବେ ଗୁଜୁରାଟ ଦେଶରେ ସେହି ରାଜ୍ୟ ତାଲିକାରେ ସାମିଲ ଅଛି, ଯେଉଁଠି ଦୈନିକ ସଂକ୍ରମଣ ମାମଲା ଦ୍ରୁତ ଗତିରେ ବଢୁଛି । ଦେଶର ଟପ ୧୦ ସଂକ୍ରମିତ ରାଜ୍ୟ ତାଲିକାରେ ଗୁଜୁରାଟ ଚତୁର୍ଥ ସ୍ଥାନରେ ରହିଛି । ଦିନକୁ ଦିନ କରୋନା ସଂକ୍ରମଣ ସଂଖ୍ୟା ବଢୁଥିବା ବେଳେ ନାଇଟ କର୍ଫ୍ୟୁ ଭଳି କଟକଣା ଜାରି କରିବାକୁ ନିଷ୍ପତ୍ତି ନେଇଛି ପ୍ରଶାସନ ।

## ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ୧୬ ଗିରଫ

ପୁରୀ,୧୬/୦୩ (ନି.ପ୍ର): ପୁରୀ ସହରରେ ନିଶା କାରବାର ପ୍ରବଳ ମାତ୍ରରେ ଚାଲୁଥିବା ଜାଣି ଏସପି କେ. ଭିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଥାନା ପକ୍ଷରୁ ଚଢାଉ କରାଯାଇଥିଲା । ଧଳାଜହର ବ୍ରାଉନସୁଗାର ୩୫୦ଗ୍ରାମ ପୁଲିସ ଜବତ କରି ୧୬ଜଣଙ୍କୁ ଗିରଫ କରିଛି । ଏ ସଂପର୍କରେ ଏସପି କୁମ୍ଭାରପଡା ଥାନାରେ ଗଣମାଧମକୁ ସୂଚନା ଦେଇ କହିଛନ୍ତି ଜିରୋ କ୍ରାଇମ ସିଟିଭାବେ ପୁରୀକୁ ଗଢାଯିବ । ସୂଚନା ପାଇବା ମାତ୍ରେ ପୁଲିସ ତାହାର କାର୍ଯ୍ୟଧାରା ଜାରି ରଖିଛି । ବଳିଆପଣ୍ଡା ଥାନା ମାମଲା ନମ୍ବର ୫୦/୨୧ରେ ୪ଜଣଙ୍କ ଠାରୁ ୪୦ଗ୍ରାମ ବ୍ରାଉନସୁଗାର ଜବତ କରାଯାଇ ଗିରଫ କରାଯାଇଛି । ସେମାନେ ହେଲେ ମାଧବ ମଣ୍ଡଳ, ସଂଞ୍ଜୟ ଦାସ, ରାମ ଦାସ, ରମେଶ ନାୟକ । ସେହିପରି ବାସେଳୀ ସାହି ଥାନା ମାମଲା ୪୪/୨୧ରେ ୪୦ଗ୍ରାମ ବ୍ରାଉନସୁଗାର ଜବତ କରାଯିବା ସହ ମହନ୍ତ ନାୟକ, ଚନ୍ଦନ ମଙ୍ଗରାଜ, କାଳିଆ ବେହେରା, ଶଙ୍କର ମଲ୍ଲିକ ଗିରଫ କରିଛି । କୁମ୍ଭାରପଡା ଥାନା ମାମଲା ୭୧/୨୧ରେ ୨୭୦ଗ୍ରାମ ବ୍ରାଉନସୁଗାର ଜବତ କରି ଦିଲ୍ଲୀପ ନାୟକ, ଦୀପକ ନାୟକ, ବୁଡିଆ ନାୟକ, ଅକ୍ଷୟ ନାୟକ, ପ୍ରସନ୍ନ ପ୍ରଧାନ, ଝରଣା ପ୍ରଧାନ, ରାଜେଶ ପଣ୍ଡା କୁ ଗିରଫ କରିଛି । କୁମ୍ଭାରପଡା ଥାନା ୩୦୪/୨୦ ମାମଲାରେ ଟିକୁ ଦାସ (ଭୋଇ)କୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ଗୋଟିଏ କାର ଓ ସ୍କୁଟି ଜବତ କରାଯାଇଛି ।

## ଆଜିଠୁ ଜେଇଇ ମେନ୍-୨, ଓଡ଼ିଶାର ୧୭ଟି ସହରରେ ହେଉଛି ପରୀକ୍ଷା



ଭୁବନେଶ୍ୱର,୧୬/୦୩ (ନି.ପ୍ର): ଇଂଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜିଠୁ ଆରମ୍ଭ ହୋଇଛି ଜେଇଇ ମେନ୍-୨ । ଦେଶର ୩୩୧ଟି ସହରରେ ପରୀକ୍ଷା କରାଯାଉଛି । ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତିଦିନ ଦୁଇଟି ସିଟିଂରେ ହେବ ପରୀକ୍ଷା । ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରଥମ ସିଟିଂ ଏବଂ ଅପରାହ୍ନ ୩ଟାରୁ ସଂଧ୍ୟା ୬ଟା ମଧ୍ୟରେ ଦ୍ୱିତୀୟ ସିଟିଂ ପରୀକ୍ଷା ହେବ । ଓଡ଼ିଶାର ୧୭ଟି ସହରରେ ପରୀକ୍ଷା କରାଯାଉଛି । ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ପୁରୀ ସମେତ ବିଭିନ୍ନ ସହରରେ ପରୀକ୍ଷା କରାଯାଉଛି । ରାଜ୍ୟର ପ୍ରାୟ ୩୦ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ପରୀକ୍ଷା ବେଳେ କରୋନା ଗାଇଡ୍ ଲାଇନ୍ ମାନିବା ପାଇଁ ନିର୍ଦ୍ଦେଶ ରହିଛି । ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରିବାକୁ ଛାତ୍ରଛାତ୍ରୀଙ୍କୁ କୁହାଯାଇଛି । ଓଡ଼ିଆ ଓ ହିନ୍ଦୀ ସମେତ ୯ଟି ଆଞ୍ଚଳିକ ଭାଷାରେ ପରୀକ୍ଷା ଅନୁଷ୍ଠିତ ହେଉଛି ।

## ଏସ୍‌ସିବିରେ ପଙ୍ଖା ପଡି ବୃଦ୍ଧାଙ୍କ ମୃତ୍ୟୁ ଘଟଣାରେ ଉତ୍ତେଜନା

କଟକ,୧୬/୦୩ (ନି.ପ୍ର): କଟକ ବଡ ମେଡିକାଲରେ ପଙ୍ଖା ପଡି ବୃଦ୍ଧାଙ୍କ ମୃତ୍ୟୁ ଘଟଣାରେ ଉତ୍ତେଜନା । ମୃତଦେହକୁ ରଖି ଧରଣା ଦେଲେ ମୃତକଙ୍କ ସଂପର୍କୀୟ । ୨ଦିନ ତଳେ ଜଣେ ମହିଳା କଟକ ଏସସିବିର ସର୍ଜରୀ ୱାର୍ଡରେ ଭର୍ତ୍ତି ହୋଇଥିବାବେଳେ ତାଙ୍କ ଉପରେ ଛିଣ୍ଡି ପଡିଥିଲା ଫ୍ୟାନ । ଗୁରୁତର ଅବସ୍ଥାରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ତେବେ ଗତକାଲି ରାତିରେ ତାଙ୍କର ମୃତ୍ୟୁ ହୋଇଛି । ଏହାପରେ ହସ୍ପିଟାଲ ବିରୋଧରେ ଧାରଣା ଦେଇଛନ୍ତି ମୃତଙ୍କ ପରିବାର ଲୋକ । ମୃତ ମହିଳା ଜଣଙ୍କ ଯାଜପୁର ଜିଲ୍ଲା କୃଷ୍ଣନଗର ଗ୍ରାମର ପାର୍ବତୀ ଦାଶ ବୋଲି ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଯେ, ପାର୍ବତୀ ଦାଶ ଘରେ ପୂଜା କରୁଥିବା ସମୟରେ ଦୀପରୁ ନିଆଁ ଲାଗି ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ପାର୍ବତୀ ଆହତ ହୋଇଥିଲେ । ମାର୍ଚ୍ଚ ୫ ତାରିଖରେ ତାଙ୍କୁ ଏସ୍ ?ସିବି ମେଡିକାଲକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେ ସର୍ଜରୀ ବର୍ଣ୍ଣ ୱାର୍ଡ଼ରେ ଚିକିତ୍ସିତ ହେଉଥିଲେ । କିନ୍ତୁ ମାର୍ଚ୍ଚ ୮ ତାରିଖରେ ଚିକିତ୍ସାଧୀନ ପାର୍ବତୀଙ୍କ ଉପରେ ଏକ ଫ୍ୟାନ ଖସି ପଡ଼ିଥିଲା । ଏଥିରେ ସେ ଗୁରୁତର ହୋଇଥିଲେ । ମେଡିକାଲ ପକ୍ଷରୁ ତାଙ୍କୁ ଏସ ?ସିବି ଟ୍ରମା ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ପୁଅ ପ୍ରଶାନ୍ତ ଦାଶ ସୂଚନା ଦେଇଛନ୍ତି ।

# ସମାଲୋଚନାଧର୍ମୀ ସାହିତ୍ୟ ପତ୍ରିକା 'ଆକଳନ'ର ବସନ୍ତ ସଂଖ୍ୟା ଉନ୍ମୋଚିତ

## ସମାଲୋଚନା ହିଁ ସାହିତ୍ୟ ସୃଷ୍ଟିର ଆଶ୍ରୟମଞ୍ଚ

ଭଦ୍ରକ,୧୬।୩ (ନି.ପ୍ର): ସମାଲୋଚନା ସାହିତ୍ୟ ସୃଜନଶୀଳତାର ଆଶ୍ରୟମଞ୍ଚ। କୁହାଯାଏ ବିନା ଆଶ୍ରୟରେ କବିତା, ବନିତା ଓ ଲତା ବଂଚିପାରନ୍ତି ନାହିଁ। କେବଳ କବିତା ନୁହେଁ, ସାହିତ୍ୟର ପ୍ରତ୍ୟେକ ବିଭାଗର ସୃଷ୍ଟିଟିଏ ସମୀକ୍ଷା, ସମାଲୋଚନା ବିନା କାଳଜୟୀ ହୋଇପାରିବ ନାହିଁ ବୋଲି ଆଜି ସନ୍ଧ୍ୟାରେ ଭଦ୍ରକ ବାଇପାସ୍‌ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମିଳନୀ କକ୍ଷରେ ଭଦ୍ରକରୁ ଡ. ଶଶଧର ଦାସଙ୍କ ସଂପାଦନାରେ ପ୍ରକାଶ ପାଇଆସୁଥିବା ସମାଲୋଚନାଧର୍ମୀ 'ଆକଳନ' ପୁସ୍ତକର ବସନ୍ତ ସଂଖ୍ୟା ଉନ୍ମୋଚନ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଡ. ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଫେସର ଡ. ଶୈଳେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ଡାକ୍ତର ଦୁର୍ଯ୍ୟୋଧନ ଦାସ ଓ ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି, ଡ. ରାମଚନ୍ଦ୍ର ପଲାଇ, ପ୍ରାଧ୍ୟାପକ କିଶୋର ପାଣିଗ୍ରାହୀ, ଅଧ୍ୟାପକ ଡ. ଅଭୟ ଦାସ ଓ ଶିକ୍ଷାବିତ୍ ରତିକାନ୍ତ ବେହେରା ଅତିଥି ଆଲୋଚକ ଭାବେ ଯୋଗଦେଇ ସାହିତ୍ୟର ସବୁଯୁଗରେ ସର୍ଜନାର ଆକଳନ, ଆଲୋଚନା ରହିଛି। ପ୍ରାଚୀନ ସାହିତ୍ୟରେ ଟୀକାକାରମାନେ ମୂଳ ଲେଖା ସଂପର୍କରେ ଟୀକା ଟିପ୍ପଣୀ ଦେବା ହେତୁ ବହୁ ଦୁର୍ବୋଧ୍ୟ ସାହିତ୍ୟ ପାଠକୀୟ ଶ୍ରଦ୍ଧା ଲାଭ କରିଛି। ଆଜି ସମାଲୋଚନା ସାହିତ୍ୟର ଏକ ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବାବେଳେ ଲେଖକ ଓ ସମାଲୋଚକ ମାନେ ଏହି କ୍ଷେତ୍ରରେ ଆଗ୍ରହ ପ୍ରକାଶ ନକରିବା ଫଳରେ 'ଆକଳନ' ଭଳି ଏକ ନିରୁତା, ସମୀକ୍ଷା ଓ ସମାଲୋଚନାଧର୍ମୀ ସାହିତ୍ୟ ପତ୍ରିକା ଭାବେ ଓଡ଼ିଶାରେ ଏହି ଏକମାତ୍ର ପତ୍ରିକା ନିୟମିତ ପ୍ରକାଶ ପାଇ ଆଧୁନିକ ତଥା ବିଭିନ୍ନ ଯୁଗର ବହୁ ଅନାଲୋଚିତ ଦିଗ ଉପରେ ଆଲୋଚନା ପ୍ରକାଶ କରିବା ସହ ରାଜ୍ୟର ବିଭିନ୍ନ ଅଂଚଳରେ ବହୁ ନୂତନ ସମାଲୋଚକ ସୃଷ୍ଟି କରିପାରିଥିବାରୁ ସଂପାଦକ ଡ. ଶଶଧର ଦାସଙ୍କ ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଡ. ମହାପାତ୍ର 'ଆକଳନ' ଉନ୍ମୋଚନ କରିବା



ଅବସରରେ ସମାଲୋଚନା ସାହିତ୍ୟ ସୃଜନଶୀଳତାର ନିର୍ମାଣ ଭୂମି ସୃଷ୍ଟି କରିବା ସହ ନିରପେକ୍ଷ ସମାଲୋଚକ ସାହିତ୍ୟ କ୍ଷେତ୍ରରେ ଲେଖକ ଓ ପାଠକ ମଧ୍ୟରେ ମଧ୍ୟସ୍ଥିର ଭୂମିକା ନିର୍ବାହ କରିଆସିଛି ବୋଲି କହିବା ସହ 'ଆକଳନ'ର ଏହି ସଂଖ୍ୟାରେ ବହୁ ଉପାଦେୟ ଲେଖା ପ୍ରକାଶ ପାଇ ବିଶିଷ୍ଟ କଥାକାର ତରୁଣକାନ୍ତି ମିଶ୍ରଙ୍କ ଗଳ୍ପ ଆଲୋଚନାକୁ ନେଇ କଭର ପୃଷ୍ଠା ବେଶ୍ ଆକର୍ଷଣୀୟ ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ଡ. ଅଜାମ୍ବର ମଲ୍ଲ, ପ୍ରଫେସର ଡମଣୀୟ କୁମାର ମେହେର, ଡ. ଦେବାଶିଷ ପାତ୍ର, ପ୍ରାଧ୍ୟାପକ ରମେଶ ଦାସ, ପବିତ୍ର ପାଣିଗ୍ରାହୀ, ଡ. ବ୍ରହ୍ମାନନ୍ଦ ଖୁଣ୍ଟିଆ, କୃଷ୍ଣ ବଳ, ଡ. ଜୟନ୍ତ ଦାସ, ଡ. ବିରଞ୍ଚି ସାହୁ ପ୍ରମୁଖଙ୍କ ସାହିତ୍ୟର ବିଭିନ୍ନ ପ୍ରସଙ୍ଗରେ ଗବେଷଣା ଧର୍ମୀ ଆଲୋଚନା ଏହି ସଂଖ୍ୟାର ଗୁରୁତ୍ୱକୁ ବୃଦ୍ଧି କରିଛି ବୋଲି ସମାଲୋଚକମାନେ କହିଥିଲେ। ଶେଷରେ ସଭାପତି ଡ. ଦାସ ନିଜର ମତାମତରେ ଲେଖକ ଓ ପାଠକମାନଙ୍କ ସହଯୋଗ ଫଳରେ 'ଆକଳନ' ଆଜି ସମଗ୍ର ରାଜ୍ୟରେ ଏକମାତ୍ର ସମାଲୋଚନା ଧର୍ମୀ ସାହିତ୍ୟ ପତ୍ରିକା ଭାବେ ଛିଡା ହୋଇପାରିବା ସହ ଯେଉଁଦିନ ଆମ ସାମ୍ପ୍ରତିକ ଓଡ଼ିଆ ସାହିତ୍ୟର ପରିମଣ୍ଡଳରୁ ଅଣସାହିତ୍ୟିକ ଉପାଦାନ ସବୁକୁ ଦୂରେଇ ଦିଆଯିବ, ସେହିଦିନ ହିଁ ସାହିତ୍ୟ ଆକାଶରେ ଆଉ ଏକ ସକାଳର ସିନ୍ଦୁରା ଫାଟିବ, ଆମ ସାହିତ୍ୟ ମେଘମୁକ୍ତ ଆକାଶ ଭଳି ସ୍ୱଚ୍ଛ ସୁନ୍ଦର ଦିଶିବ ବୋଲି ବକ୍ତବ୍ୟରେ କହିଥିଲେ। ଏବଂ ଅଣସାହିତ୍ୟିକ ଉପାଦାନମାନେ ହିଁ ଆଜିର ସାହିତ୍ୟରେ କୁତ୍ସା, କଳୁଷ ଓ କଳଙ୍କ ପାଇଁ ଅନେକ ପରିମାଣରେ ଦାୟୀ ବୋଲି ସୂଚାଇଥିଲେ। ଆଜିର ଏହି ସଭାରେ ରୋଟାରିଆନ ଅତିଶ ବେହେରା ଅତିଥି ପରିଚୟ ଓ ଅଧ୍ୟାପକ ଲକ୍ଷ୍ମୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାନ୍ଧୀ ଶିଳ୍ପ ବଜାର୍ ୨୦୨୧ ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୩ (ନି.ପ୍ର): ଆଜି ସ୍ଥାନୀୟ ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନଙ୍କ ଦ୍ୱାରା 'ଗାନ୍ଧୀ ଶିଳ୍ପ ବଜାର-୨୦୨୧' ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ଶ୍ରୀମତୀ ଦିଆନ କହିଲେ ଯେ ଏହି ଭଳି ମେଳା ଦ୍ୱାରା କରୋନା ଦ୍ୱାରା ପ୍ରଭାବିତ ଶିଳ୍ପୀ ଓ କାରିଗରମାନେ ସେମାନଙ୍କ ସାମଗ୍ରୀ ବିକ୍ରୟ କରି ବେଶ୍ ଉପକୃତ ହୋଇପାରିବେ । ଓଡ଼ିଶା ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ଦ୍ୱାରା ଏହି 'ଗାନ୍ଧୀ ଶିଳ୍ପ ବଜାର-୨୦୨୧' ଆୟୋଜନ କରାଯାଇଛି । ଭାରତ ସରକାରଙ୍କ ବିକାଶ ଆୟୁକ୍ତ (ହସ୍ତଶିଳ୍ପ) ନୂଆଦିଲ୍ଲୀର ଆର୍ଥିକ ସହାୟତାରେ ଏହି 'ଗାନ୍ଧୀ ଶିଳ୍ପ ବଜାର-୨୦୨୧' ଅନୁଷ୍ଠିତ ହେଉଛି । ଏହି ସର୍ବଭାରତୀୟ ସ୍ତରର ପ୍ରଦର୍ଶନୀ-'ଗାନ୍ଧୀ ଶିଳ୍ପ ବଜାର-୨୦୨୧'ରେ ୧୦୦ ଜଣ ଶିଳ୍ପୀ/ ହସ୍ତଶିଳ୍ପ କାରିଗର ଭାଗ ନେଇ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ କରିବେ । ଏହି 'ଗାନ୍ଧୀ ଶିଳ୍ପ ବଜାର-୨୦୨୧'ରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାରଖଣ୍ଡ, ବିହାର, ଆସାମ, ଗୋଆ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ଦିଲ୍ଲୀ, ରାଜସ୍ଥାନ, ପଞ୍ଜାବର ଅମୃତସର, ଉତରପ୍ରଦେଶ, ପଣ୍ଡିଚେରୀ ଆଦି ୧୪ଟି ରାଜ୍ୟ ଅଂଶଗ୍ରହଣ କରିଛନ୍ତି । ଓଡ଼ିଶାର ଡୋକ୍ରା, ପିପିଲିର ଚାନ୍ଦୁଆ କାମ, ତାରକସୀ, କାଠଶିଳ୍ପ, ଶିଙ୍ଗ ଶିଳ୍ପ, ଟସର ପେନଟିଂ, ତାଳପତ୍ର ଖୋଦେଇ, ଜନଜାତି ଅଳଙ୍କାର, ସବାଇଘାସ ଆଦି ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରାଯାଉଛି । ସେହିଭଳି ପଶ୍ଚିମବଙ୍ଗର ଟେରାକୋଟା, କାନ୍ଥା ସିଲେଇ, ଝାରଖଣ୍ଡର ଲୌହଶିଳ୍ପ, ଆସାମର ବାଉଁଶ ଶିଳ୍ପ, ଗୋଆର ଏମ୍ବ୍ରୋଡରୀ, ମହାରାଷ୍ଟ୍ରର କୋହ୍ଲାପୁରୀ, ମଧ୍ୟପ୍ରଦେଶର ବାଟିକ୍ ପ୍ରିଂଟ୍ ସାମଗ୍ରୀ, ଛତିଶଗଡ଼ର ଲୌହ ଶିଳ୍ପ, ଦିଲ୍ଲୀର ଅଳଙ୍କାର ଆଦି, ରାଜସ୍ଥାନର ଚମଡ଼ା ଦ୍ରବ୍ୟ, ଉତରପ୍ରଦେଶର ବସ୍ତ୍ର ଇତ୍ୟାଦି ହସ୍ତଶିଳ୍ପ ସାମଗ୍ରୀ ଦର୍ଶକମାନଙ୍କ ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ଉପଲବ୍ଧ ହେଉଛି । ଏହି ମେଳା ପ୍ରତ୍ୟେକ ଦିନ ଅପରାହ୍ଣ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲାରହିବ । ମାର୍ଚ୍ଚ ୨୪ ତାରିଖ ପର୍ଯ୍ୟନ୍ତ ମେଳା ଚାଲିବ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସନାତନ ନାୟକ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ସଚିବ କୈଳାଶ ଚନ୍ଦ୍ର ସାହୁ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ସ୍ୱୟଂପ୍ରଭା ମୁଦୁଲି, ଭାରତ ସରକାରଙ୍କ ବିକାଶ ଆୟୁକ୍ତ (ହସ୍ତଶିଳ୍ପ) ନୂଆଦିଲ୍ଲୀର ସହକାରୀ ନିର୍ଦ୍ଦେଶିକା କୁମାରୀ ଶୈଳଜା, ଉତ୍କଳିକାର ହସ୍ତଶିଳ୍ପ ଅଧିକାରୀ ପଦ୍ମିନୀ ମିଶ୍ର, ପ୍ରୀତିଶ ବେହେରା, ଶିଳ୍ପ ବିକାଶ ଅଧିକାରୀ ରଶ୍ମିରେଖା ପ୍ରମୁଖ ଉପସ୍ଥିତ ଥିଲେ ।

## କମିଶନରେଟ୍ ପୋଲିସ୍‌ର ହ୍ୱାଟସ୍ ଆପ୍ ନମ୍ବର ଜାରି

ଭୁବନେଶ୍ୱର ,୧୬।୩ (ନି.ପ୍ର): ଅପରାଧ ରୋକିବାକୁ ହ୍ୱାଟସଆପ୍ ନମ୍ବର ଜାରି କରିଛି କମିଶନରଟ୍ ପୋଲିସ୍। କୌଣସି ବି ଅପରାଧ ସମ୍ପର୍କରେ ୭୦୭୭୭-୯୮୧୧୧ ରେ ହ୍ୱାଟସଆପ୍ କରି ଅଭିଯୋଗ କରିପାରିବେ। ଏହି ହ୍ୱାଟସଆପ୍ ନମ୍ବରରେ ମାମଲାର ଅଗ୍ରଗତି ସଂପର୍କରେ ବି ଜାଣିହେବ। ୭୦୭୭୭-୯୮୧୧୧ ନମ୍ବରଟି କେବଳ ହ୍ୱାଟସଆପ୍ ଉପଲବ୍ଧ ହେବ ଏବଂ ଭୁବନେଶ୍ୱର ପାଇଁ କାର୍ଯ୍ୟ କରିବ। ବିଶେଷ କରି ଛିନତାଇ ଓ ଲୁଟ୍ କୁରୋକିବା ପାଇଁ ଏହି ପଦକ୍ଷେପ ନେଇଛି କମିଶନରେଟ୍ ପୋଲିସ୍।

# କୋଟିଆ ପାଇଁ ସ୍ପେଶାଲ ପ୍ୟାକେଜ୍ ଘୋଷଣା କରନ୍ତୁ ମୁଖ୍ୟମନ୍ତ୍ରୀ : ନିରଞ୍ଜନ

ଭୁବନେଶ୍ୱର ,୧୬।୩ (ନି.ପ୍ର): କୋଟିଆର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଏକ ସ୍ପେଶାଲ ପ୍ୟାକେଜ ଘୋଷଣା କରନ୍ତୁ ବୋଲି ଆଜି ପ୍ରଦେଶ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ନିବେଦନ କରିଛନ୍ତି।

ପ୍ରଦେଶ କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ଗତ ୧୦ ମାର୍ଚ୍ଚରେ ଏକ କଂଗ୍ରେସ ପ୍ରତିନିଧି ଦଳ କୋଟିଆ ଗ୍ରସ୍ତ କରି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। କୋଟିଆ ଅଂଚଳର ପଟା ସୁନେରୀ, ଫଗୁ ସୁନେରୀ, ତଳ ଗଞ୍ଜେଇ ପଦର ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ମାନଙ୍କ ସହିତ ଆଲୋଚନା କଲାବେଳେ ସେମାନେ ସମସ୍ତେ ଓଡ଼ିଶାରେ ଏବଂ ଓଡ଼ିଆ ତାଙ୍କର ପରିଚୟ ହେଉ ବୋଲି ଚାହାଁନ୍ତି କିନ୍ତୁ ସେମାନଙ୍କର ସାମାଜିକ ଏବଂ ଅର୍ଥନୈତିକ ପରିସ୍ଥିତ ବହୁ ଖରାପ ଅବସ୍ଥାରେ ଅଛି।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସର୍ବପ୍ରଥମେ ମୁଖ୍ୟମନ୍ତ୍ରୀ କୋଟିଆ ଅଂଚଳ ପରିଦର୍ଶନରେ ଯାଇ ସ୍ଥିତି ପରଖନ୍ତୁ। ଯଥାଶୀଘ୍ର ଏକ ସ୍ପେଶାଲ ପ୍ରୋଜେକ୍ଟ ସେ ଅଂଚଳର ଅଧିବାସୀମାନଙ୍କର ବିକାଶ ନିମନ୍ତେ ଘୋଷଣା କରାଯାଉ। ସ୍ୱତନ୍ତ୍ର ଭାବରେ ଏକ ଅଫିସରଙ୍କ ନିଯୁକ୍ତି କରନ୍ତୁ ଏବଂ ତାଙ୍କୁ ତହସିଲଦାରର କ୍ଷମତା ଦିଅନ୍ତୁ, ସେ ଅଂଚଳର ଜମିର ସମାଧାନ କରନ୍ତୁ ଜମି ସମାଧାନକରି ପଟ୍ଟା ପ୍ରଦାନ କରନ୍ତୁ। ସେ ଅଂଚଳର ଲୋକଙ୍କର ଜୀବିକା ନିର୍ବାହ ପାଇଁ କୃଷି ଉପଯୋଗି ଜମି ପ୍ରଦାନ କରନ୍ତୁ ଏବଂ ଜମିକୁ ପାର୍ବତ୍ୟ ଅଂଚଳରୁ ବହିଆସୁଥିବା ଜଳକୁ ସଂଗ୍ରହ କରି ଯୋଗାଇଦିଅନ୍ତୁ। ସରକାର ସେମାନଙ୍କର କୃଷିଯାତ ଦ୍ରବ୍ୟକୁ କିଭଳି ଭାବରେ ବଜାରରେ ବିକ୍ରି କରାଯାଇ ପାରିବ ସେ ଦିଗରେ ପଦକ୍ଷେପ ନେବା ସହିତ ନିଜେ ସରକାର ତାଙ୍କର କୃଷିଜାତ ଦ୍ରବ୍ୟକୁ କିଣନ୍ତୁ। ଓଡ଼ିଶା ଭାଷାରେ କିଭଳି ଅଧିକ ଶିକ୍ଷା ପ୍ରଦାନ କରାଯାଇପାରିବ ସେଥିପାଇଁ ଯଥେଷ୍ଟ ଗରୁତ୍ୱାରୋପ କରନ୍ତୁ। ଯୁବକ ଯୁବତୀମାନଙ୍କର ଦକ୍ଷତା ବିକାଶ ଦିଗରେ ତାଙ୍କୁ ଉପଯୁକ୍ତ କୃଷି ଏବଂ ଉଦ୍ୟୋଗିକ ଅଧିକାରୀ ମାନଙ୍କ ଦ୍ୱାରା ତାଙ୍କୁ ପ୍ରଶିକ୍ଷଣ ଦିଆଯାଉ। ବେଳଥାଉ ଥାଉ ସରକାର ଓ ମୁଖ୍ୟମନ୍ତ୍ରୀ ଏକ ଠୋସ ପଦକ୍ଷେପ ନିଅନ୍ତୁ। ଇତିହାସ କେବେ ହେଲେ ଆମକୁ କ୍ଷମା ଦେବ ନାହିଁ ଯଦି ଆମେ ଆମ ସୀମାକୁ ରକ୍ଷା କରିପାରିବା ନାହିଁ ବୋଲି ସେ କହିଛନ୍ତି।

# ଧାନ ସଂଗ୍ରହ ଦାବି ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ସାଂସଦ

ନୂଆଦିଲ୍ଲୀ/ ଭୁବନେଶ୍ୱର,୧୬।୩ (ନି.ପ୍ର): ଧାନ ସଂଗ୍ରହ ଓ ବକେୟା ସବସିଡି ପ୍ରଦାନ ଦାବି ନେଇ କେନ୍ଦ୍ର ଖାଦ୍ୟ ଯୋଗାଣ ଓ ସାଧାରଣ ବଂଟନ ମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ଭେଟିଛନ୍ତି ବିଜେଡି ସାଂସଦ। ବିଜେଡିର ଲୋକସଭା ଓ ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଧାନ କିଣାକୁ ନେଇ ଚାଷୀ ଭୋଗୁଥିବା ସମସ୍ୟା ବାବଦରେ ଜଣାଇଥିଲେ । ସାଂସଦଙ୍କ ଦାବି ଶୁଣିବା ପରେ ଏହି ସଂପର୍କରେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ର ଖାଦ୍ୟ ଯୋଗାଣ ମନ୍ତ୍ରୀ । ଏହି ପ୍ରତିନିଧି ଦଳରେ ସାଂସଦ ପିନାକୀ ମିଶ୍ର , ସସ୍ମିତ ପାତ୍ର , ଅନୁଭବ ପଟ୍ଟନାୟକ , ଅମର ପଟ୍ଟନାୟକ, ଅଚ୍ୟୁତସାମନ୍ତ , ପ୍ରଶାନ୍ତ ନନ୍ଦ , ସୁବାସ ସିଂ , ମୁନ୍ନାଖାଁ ପ୍ରମୁଖ ସାମିଲ ଥିଲେ।

## ରାଇଗାଁରେ ଭାଲୁ ଆତଙ୍କ

ବାଲେଶ୍ୱର,୧୬।୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସିର ୧୨ ନଂ ୱାର୍ଡ଼ ଅନ୍ତର୍ଗତ ରାଇଗାଁକୁ ଏକ ଭାଲୁ ପଶି ଆସିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଯାହାକୁ ସାଧାରଣରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି । ଭାଲୁ ଘଉଡାଇବା ଦିଗରେ ବନ ବିଭାଗ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# 'ଅନନ୍ୟା ବିଳାସିନୀ' ପୁସ୍ତକ ଲୋକାର୍ପିତ

ଜଳେଶ୍ୱର,୧୬।୩ (ନି.ପ୍ର): ସ୍ୱାସ୍ଥ୍ୟସେବୀ ସ୍ୱର୍ଗୀୟା ବିଳାସିନୀ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନନ୍ୟା ବିଳାସିନୀ ରବିବାର ଅପରାହ୍ଣରେ ଲୋକାର୍ପିତ ହୋଇ ଯାଇଛି । ବରିଷ୍ଠ ନାଗରିକ ପରିଷଦ, ଶାଳିକୋଠା ଆନୁକୂଲ୍ୟରେ ସ୍ଥାନୀୟ ଭଂଜ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବୈଠକରେ ଶରତ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଡ. ରମାକାନ୍ତ ଭଂଜ, ଜିତାରାମ ଦେ, ପ୍ରଫୁଲ୍ଲ କୁମାର ପାଠୀ, ପୂର୍ଣ୍ଣଚନ୍ଦ୍ର ଓଝା, ପ୍ରଫୁଲ୍ଲ ଦାସ, ରମେଶ ଚନ୍ଦ୍ର ନାୟକ, ଭାଗିରଥି ନାୟକ, ଅନୁପମା ପାତ୍ରଶିବଶଙ୍କର ସାମଲ ପ୍ରମୁଖ ଉପସ୍ଥିତ ହୋଇ ସେବିକା ବିଳାସିନୀ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଜଣେ ଆଦର୍ଶ ମଣିଷ ଥିଲେ । ପରିଷଦର ସଂପାଦକ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଧାଂସୁ ସେଖର ପ୍ରଧାନ ପ୍ରାକ୍ ସୂଚନା ଦେଇଥିବା ବେଳେ ଅମୂଲ୍ୟ ରତନ ଦାସ ଧନ୍ୟବାଦ ଦେଇଥିଲେ ।

# ସ୍କୁଟି - କାର୍ ଧକ୍କା : ଜଣେ ମୃତ , ୧ ଗୁରୁତର

କନ୍ଧମାଳ,୧୬।୩ (ନି.ପ୍ର): କନ୍ଧମାଳ ଜିଲ୍ଲା ସାରଙ୍ଗଡ଼ ଥାନା ଅଂଚଳରେ ଏକ ସ୍କୁଟି ଓ କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି । ସ୍କୁଟି ପଛରେ ବସିଥିବା ଅନ୍ୟ ଜଣେ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି । ଗୁରୁତରଙ୍କୁ ସାରଙ୍ଗଡ଼ ଅଗ୍ନିଶମ ବାହିନୀ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ୪ଟା ସମୟରେ ଏହି ସ୍କୁଟି ନଂ ଓଡ଼ି ୧୨ ଡି ୩୭୨୩ ଏକ ନମ୍ବର ବିହୀନ କାର୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଥିଲା । ଏବଂ ସ୍କୁଟିଟି ମଝିରୁ ଦୁଇ ଫାଳ ହୋଇଯାଇଥିଲା । ସାରଙ୍ଗଗଡ଼ ଥାନା ପୋଲିସ ସେଠାରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ଗୁରୁତରଙ୍କୁ ଦମକଳବାହିନୀ ସହାୟତାରେ ଉଦ୍ଧାର ମେଡିକାଲରେ ଭର୍ତ୍ତି କରିଥିଲା । ମୃତାହତଙ୍କ ପରିଚୟ ମିଳିପାରିନାହିଁ । ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍ ଓ ସ୍କୁଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି ।

# ଗୁଣି ଗାରେଡ଼ି ସନ୍ଦେହରେ ଘର ଭାଙ୍ଗିଲେ ଗାଁ ଲୋକେ: କ୍ଷତିଗ୍ରସ୍ତ ପରିବାର ପକ୍ଷରୁ ଥାନାରେ ଏତଲା

କନ୍ଧମାଳ,୧୬।୩ (ନି.ପ୍ର): ଗୁଣି ଗାରେଡ଼ି ସନ୍ଦେହରେ ଜଣକ ଘର ଭାଙ୍ଗିଛନ୍ତି ଗାଁ ଲୋକେ । ଏନେଇ ବାଲିଗୁଡ଼ା ଥାନାରେ ଏହି ପରିବାର ପକ୍ଷରୁ ଏତଲା କରାଯିବା ପରେ ସମ୍ପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଛି । ଗୁଣି ଗାରେଡ଼ି କରୁଥିବା ସନ୍ଦେହରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ଡିଙ୍ଗେଲକିଆ ଗ୍ରାମର ବୁଦାରା ପ୍ରଧାନଙ୍କ ଘରକୁ ଗ୍ରାମର ୨୦ ରୁ ଉର୍ଦ୍ଧ୍ୱ ଲୋକ ଆସି ତାଙ୍କ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି । ଏନେଇ ପୀଡ଼ିତ ପରିବାର ବାଲିଗୁଡ଼ାର ଥାନାର ଆଶ୍ରୟ ନେଇଛନ୍ତି । ସୂଚନା ଅନୁସାରେ, ଗତ କିଛି ଦିନ ଧରି ବୁଦାରା ପ୍ରଧାନଙ୍କ ସହିତ ତାଙ୍କର କିଛି ସମ୍ପର୍କୀୟଙ୍କ ଶତୃତା ଲାଗି ରହିଥିଲା । ଏହା ସହିତ ବୁଦାରା ଜଣେ ଗୁଣିଆ ହୋଇଥିବା ନେଇ ତାଙ୍କ ବିପକ୍ଷ ଲୋକ ତାଙ୍କ ବିରୋଧରେ ଗ୍ରାମରେ ଏକ ବୈଠକ କରିଥିଲେ । ଏନେଇ ସେତେବେଳେ ଆପୋଷ ବୁଝାମଣା ମଧ୍ୟ ହୋଇଥିବା କହିଛନ୍ତି ବୁଦାରା । ହେଲେ ହଠାତ୍ ପୁଣି ଗତ ଶନିବାର ରାତିରେ ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ଲୋକ ବୁଦାରାଙ୍କ ଘର ନିକଟରେ ପହଂଚି ତାଙ୍କ ଘରକୁ ଚାରିପଟୁ ଘେରି ଯାଇଥିଲେ ଏବଂ ତୋତେ ଗାଁରେ ରଖାଇ ଦେବୁନାହିଁ ବୋଲି କହିବା ସହ ତାଙ୍କ ଘରକୁ ଭାଙ୍ଗି ଦେଇଥିଲେ । ବର୍ତ୍ତମାନ ଗୁଣିଗାରେଡ଼ିକୁ ବିଶ୍ୱାସ ନକରିବା ପାଇଁ ସରକାରଙ୍କ ପକ୍ଷରୁ ନାନା ପ୍ରକାର ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ବେଳେ ପୂର୍ବ ଶତୃତାକୁ କେନ୍ଦ୍ର କରି ଗ୍ରାମବାସୀ ମାନେ ତାଙ୍କ ବିରୋଧରେ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି ବୁଦାରା।

## ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗ : ବାପ ପୁଅ ଗିରଫ

ବୌଦ୍ଧ,୧୬।୩ (ନି.ପ୍ର): ମାଧପୁର ରେଞ୍ଜ୍ ମୁଣ୍ଡେଶ୍ୱର ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ବାପ ପୁଅଙ୍କୁ ଗିରଫ କରିଛି ବନ ବିଭାଗ । ସେମାନଙ୍କ ନିକଟରୁ ଦୁଇଟି ଟାଙ୍ଗିଆ ଓ ଦିଆସିଲି କାଠି ଜବତ କରାଯାଇଛି । ଅଭିଯୁକ୍ତ ଦ୍ୱୟ ହେଲେ ମାଧପୁର କଲୋନୀ ସାହିର ଆସନ ମାଝୀ ଓ ତାଙ୍କ ପୁଅ ଶ୍ୟାମଘନ ମାଝି।

# ଭୀମସାର ର୍ୟାଗିଂ ଘଟଣାରେ ମାନବାଧିକାର ଆୟୋଗଙ୍କୁ ଫେରାଦ ହେଲା ର୍ୟାଗିଂ ଫ୍ରି କ୍ୟାମ୍ପସ୍ ଅଭିଯାନ

ଭୁବନେଶ୍ୱର ,୧୬।୩ (ନି.ପ୍ର): ଭୀମ୍‌ସାର ବୁର୍ଲା କ୍ୟାମ୍ପସ୍‌ରେ ର୍ୟାଗିଂ ଘଟଣାରେ ର୍ୟାଗିଂ ଫ୍ରି କ୍ୟାମ୍ପସ୍ ଅଭିଯାନ ତରଫରୁ ରାଜ୍ୟ ମାନବାଧିକାର ଆୟୋଗ ନିକଟରେ ଫେରାଦ ହେବା ସହ ଏହାର ନିୟନ୍ତ୍ରଣ ପାଇଁ ବିଭିନ୍ନ ପ୍ରସ୍ତାବ ଦିଆଯାଇଛି। ର୍ୟାଗିଂ ଫ୍ରି କ୍ୟାମ୍ପସ୍ ଅଭିଯାନର ଆବାହକ ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀର ଅଭିଯୋଗ ଉପରେ ଆଜି ଓଡ଼ିଶା ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ୍ ବିଜୟକୃଷ୍ଣ ପଟେଲ ଓ ଅମିତାଭ ଦାସଙ୍କର ଦୁଇଜଣିଆ ଖଣ୍ଡପୀଠ ବିଚାର କରିଥିଲେ। ବୁର୍ଲାଠାରେ ଥିବା ଭିସୁଟ୍ ଓ ଭୀମ୍‌ସାର ଶିକ୍ଷାନୁଷ୍ଠାନରେ ଏଭଳି ଅଭାବନୀୟ ର୍ୟାଗିଂ ଘଟଣା ବାରମ୍ବାର ଘଟୁଥିବା ବିଷୟରେ ଖଣ୍ଡପୀଠ କ୍ଷୋଭ ପ୍ରକାଶ କରିବା ସହ ଅଭିଯାନ ତରଫରୁ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ର୍ୟାଗିଂ ସମ୍ପର୍କିତ ଖବର ଦେଖିଥିଲେ ଓ ଏହି ଘଟଣା ଉପରେ ସମ୍ବଲପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଭୀମସାରର ରେଜିଷ୍ଟ୍ରାରଙ୍କୁ ଆୟୋଗଙ୍କ ତରଫରୁ ନୋଟିସ୍ ଜାରି କରିଥିଲେ। ଏହା ସହ ର୍ୟାଗିଂ ଫ୍ରି କ୍ୟାମ୍ପସ୍ ଅଭିଯାନ ତରଫରୁ ମାନବାଧିକାର ଆୟୋଗଙ୍କ ଖଣ୍ଡପୀଠ ନିକଟରେ ର୍ୟାଗିଂ ଲୋପ କରିବା ପାଇଁ ଲିଖିତ ଭାବେ ମତାମତ ଓ ପ୍ରସ୍ତାବ ପ୍ରଦାନ କରାଯାଇଛି। ଏହାପରେ ଖଣ୍ଡପୀଠ ଓଡ଼ିଶା ସରକାରଙ୍କ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ୍ ଜାରିକରିଛନ୍ତି। ର୍ୟାଗିଂ ଫ୍ରି କ୍ୟାମ୍ପସ୍ ଅଭିଯାନ ତରଫରୁ ଏହି ଅଭିଯୋଗର ଶୁଣାଣି ଖଣ୍ଡପୀଠ ଆସନ୍ତା ଏପ୍ରିଲ ୨୬ ତାରିଖରେ କରିବେ। ଏହି ପ୍ରତିନିଧି ମଣ୍ଡଳୀରେ ଆବାହକ ତେଜେଶ୍ୱର ପରିଡ଼ା, ସହ-ଆବାହକ ମୀର ଅହମ୍ମଦ ଅଲ୍ଲୀ, ନଳିନୀକାନ୍ତ ନାୟକ, ଗୁରୁଦାସ ଗୌତମ ସ୍ୱାଇଁ, ସୁବ୍ରତ କୁମାର ଜେନା ଓ କୃପାସିନ୍ଧୁ ପ୍ରଧାନ ଯୋଗଦେଇ ମାନବାଧିକାର ଆୟୋଗ ଖଣ୍ଡପୀଠଙ୍କ ଶୁଣାଣି ସମୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ ଗତ ମାର୍ଚ୍ଚ ୧୦ ତାରିଖ ରାତିରେ ଦ୍ୱିତୀୟ ବର୍ଷର ଡାକ୍ତରୀ ଛାତ୍ରଙ୍କୁ ସିନିୟର ଛାତ୍ରମାନେ ର୍ୟାଗିଂ କରିଥିବା ଅଭିଯୋଗ ହୋଇଛି।

# ୨୨ ବିଶେଷ ଟ୍ରେନର ଚଳାଚଳ ଅବଧି ଜୁନ ଯାଏଁ ବୃଦ୍ଧି

ଭୁବନେଶ୍ୱର,୧୬।୩ (ନି.ପ୍ର): ପୂର୍ବ ତଟ ରେଳପଥ ୨୨ ଯୋଡ଼ା ବିଶେଷ ଟ୍ରେନ ଚଳାଚଳ ଅବଧିକୁ ୨୦୨୧ ଜୁନ ମାସ ଶେଷ ପର୍ଯ୍ୟନ୍ତ ବୃଦ୍ଧିକରିବାକୁ ନିଷ୍ପତି ନେଇଛି । ଭୁବନେଶ୍ୱର ରୁ ପ୍ରତି ବୁଧବାର ଓ ରବିବାର ଦିନ ଏବଂ ଆନନ୍ଦ ବିହାର ରୁ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ଛାଡୁଥିବା ୦୨୮୧୯/୦୧୮୨୦ ଭୁବନେଶ୍ୱର-ଆନନ୍ଦ ବିହାର-ଭୁବନେଶ୍ୱର ବିଶେଷ ଟ୍ରେନ ଭୁବନେଶ୍ୱର ରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଏବଂ ଆନନ୍ଦ ବିହାର ରୁ ଜୁଲାଇ ଦୁଇ ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବ । ଭୁବନେଶ୍ୱର ରୁ ପ୍ରତି ସୋମବାର ଓ ଗୁରୁବାର ଏବଂ ମୁମ୍ବାଇ ଲୋକମାନ୍ୟ ତିଳକ ଟର୍ମିନସ ରୁ ପ୍ରତି ବୁଧବାର ଓ ଶନିବାର ଦିନ ଛାଡୁଥିବା ୦୨୮୮୦/୦୨୮୭୯ ଭୁବନେଶ୍ୱର-ମୁମ୍ବାଇ ଲୋକମାନ୍ୟ ତିଳକ ଟର୍ମିନସ-ଭୁବନେଶ୍ୱର ବିଶେଷ ଟ୍ରେନ ଭୁବନେଶ୍ୱର ଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ଓ ଏଲଟିଟି ଠାରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବ । ୦୮୪୭୯/୦୮୪୮୦ ଭୁବନେଶ୍ୱର-ତିରୁପତି-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ୍ ପ୍ରତ୍ୟେକ ଶନିବାର ଦିନ ଭୁବନେଶ୍ୱରରୁ ଏବଂ ପ୍ରତ୍ୟେକ ରବିବାର ଦିନ ତିରୁପତିରୁ ଜୁନ ମାସ ୨୭ ତାରିଖ ପର୍ଯ୍ୟନ୍ତ ଛାଡିବ । ୦୨୮୩୯/୦୨୮୪୦ ଭୁବନେଶ୍ୱର-ଚେନ୍ନାଇ-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ ଗୁରୁବାର ଦିନ ଭୁବନେଶ୍ୱରରୁ ଏବଂ ପ୍ରତ୍ୟେକ ଶୁକ୍ରବାର ଦିନ ଚେନ୍ନାଇରୁ ଜୁନ ମାସ ୨୫ ତାରିଖ ପର୍ଯ୍ୟନ୍ତ ଛାଡିବ ।୦୨୮୪୫/୦୨୮୪୬ ଭୁବନେଶ୍ୱର-ବାଙ୍ଗାଲୋର କ୍ୟାଣ୍ଟ-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ ରବିବାର ଦିନ ଭୁବନେଶ୍ୱରରୁ ଏବଂ ପ୍ରତ୍ୟେକ ମଙ୍ଗଳବାର ଦିନ ବାଙ୍ଗାଲୋର କ୍ୟାଣ୍ଟରୁ ଜୁନ ମାସ ୨୮ ତାରିଖ ପର୍ଯ୍ୟନ୍ତ ଛାଡିବ । ୦୨୮୯୮/୦୨୮୯୭ ଭୁବନେଶ୍ୱର-ପୁଡୁଚେରୀ-ଭୁବନେଶ୍ୱର ସାପ୍ତାହିକ ପ୍ରତ୍ୟେକ ମଙ୍ଗଳବାର ଦିନ ଭୁବନେଶ୍ୱରରୁ ଏବଂ ପ୍ରତ୍ୟେକ ବୁଧବାର ଦିନ ପୁଡୁଚେରୀରୁ ଜୁନ ମାସ ୩୦ ତାରିଖ ପର୍ଯ୍ୟନ୍ତ ଛାଡିବ । ୦୮୪୯୬/୦୮୪୯୫ ଭୁବନେଶ୍ୱର-ରମେଶ୍ୱରମ୍-ଭୁବନେଶ୍ୱର ସାପ୍ତାହିକ ଶୁକ୍ରବାର ଦିନ ଭୁବନେଶ୍ୱରରୁ ଏବଂ ପ୍ରତ୍ୟେକ ରବିବାରରେ ରମେଶ୍ୱରାମରୁ ଜୁନ ମାସ ୨୭ ତାରିଖ ପର୍ଯ୍ୟନ୍ତ ଛାଡିବ । ୦୮୩୦୬/୦୮୩୦୫ ସମ୍ବଲପୁର-ହାଓଡ଼ା-ସମ୍ବଲପୁର ସାପ୍ତାହିକ ସାମ୍ବଲପୁରରୁ ପ୍ରତ୍ୟେକ ଶୁକ୍ରବାର ଏବଂ ହାଓଡ଼ାରୁ ପ୍ରତ୍ୟେକ ଶନିବାର ଦିନ ଜୁନ ମାସ ୨୬ ତାରିଖ ପର୍ଯ୍ୟନ୍ତ ଛାଡିବ । ୦୮୩୧୧/୦୮୩୧୨ ସମ୍ବଲପୁର-ମାଣ୍ଡୁଆଡିହ-ସମ୍ବଲପୁର ଦ୍ୱି-ସାପ୍ତାହିକ ସ୍ପେଶାଲ ପ୍ରତ୍ୟେକ ବୁଧବାର ଏବଂ ରବିବାର ଦିନ ସମ୍ବଲପୁରରୁ ଏବଂ ପ୍ରତ୍ୟେକ ସୋମବାର ଏବଂ ଗୁରୁବାର ଦିନ ମାଣ୍ଡୁଆଡିହରୁ ଜୁଲାଇ ମାସ ପହିଲା ପର୍ଯ୍ୟନ୍ତ ଛାଡିବ ।୦୮୪୪୯/୦୮୪୫୦ ପୁରୀ-ପାଟନା-ପୁରୀ ସ୍ପେଶାଲ ପ୍ରତ୍ୟେକ ସୋମବାର ଦିନ ପୁରୀରୁ ଏବଂ ପ୍ରତ୍ୟେକ ବୁଧବାର ଦିନ ପାଟନା ଠାରୁ ଜୁନ ମାସ ୩୦ ତାରିଖ ପର୍ଯ୍ୟନ୍ତ ଛାଡିବ । ୦୮୪୧୯/୦୮୪୨୦ ପୁରୀ-ଜୟନଗର-ପୁରୀ ସ୍ପେଶାଲ ଗୁରୁବାର ଦିନ ପୁରୀରୁ ଏବଂ ପ୍ରତ୍ୟେକ ଶନିବାର ଦିନ ଜୟନଗରରୁ ଜୁନ ମାସ ୨୬ ତାରିଖ ପର୍ଯ୍ୟନ୍ତ ଛାଡିବ ।୦୨୮୨୭/୦୨୮୨୮ ପୁରୀ-ସୁରଟ-ପୁରୀ ବିଶେଷ ଟ୍ରେନ ପ୍ରତ୍ୟେକ ରବିବାର ଦିନ ପୁରୀରୁ ଏବଂ ପ୍ରତି ମଙ୍ଗଳବାର ଦିନ ସୁରଟରୁ ଜୁନ ମାସ ୨୯ ତାରିଖ ପର୍ଯ୍ୟନ୍ତ ଛାଡିବ ।୦୨୮୬୬/୦୨୮୬୫ ପୁରୀ-ଲୋକମାନ୍ୟ ତିଳକ ଟର୍ମିନସ୍ (LTT)-ପୁରୀ ସାପ୍ତାହିକ ବିଶେଷ ଟ୍ରେନ ପ୍ରତ୍ୟେକ ମଙ୍ଗଳବାର ଦିନ ପୁରୀରୁ ଏବଂ ପ୍ରତ୍ୟେକ ଗୁରୁବାର ଦିନ ଏଲଟିଟି ରୁ ଜୁଲାଇ ମାସ ପହିଲା ପର୍ଯ୍ୟନ୍ତ ଛାଡିବ ।୦୨୮୫୯/୦୨୮୬୦ ପୁରୀ-ଚେନ୍ନାଇ-ପୁରୀ ସ୍ପେଶାଲ୍ ରବିବାର ଦିନ ପୁରୀରୁ ଏବଂ ପ୍ରତି ସୋମବାର ଦିନ ଚେନ୍ନାଇରୁ ଜୁନ ମାସ ୨୮ ତାରିଖ ପର୍ଯ୍ୟନ୍ତ ଛାଡିବ ।୦୨୮୫୧/୦୨୮୫୨ ବିଶାଖାପାଟନମ୍-ନିଜାମୁଦ୍ଦିନ-ବିଶାଖାପାଟନମ୍ ଦ୍ୱି-ସାପ୍ତାହିକ ସ୍ପେସାଲ୍ ପ୍ରତ୍ୟେକ ସୋମବାର ଏବଂ ଶୁକ୍ରବାର ଦିନ ବିଶାଖାପାଟନମ୍ ରୁ ଏବଂ ପ୍ରତ୍ୟେକ ବୁଧବାର ଏବଂ ରବିବାର ନିଜାମୁଦ୍ଦିନରୁ ଜୁନ ମାସ ୩୦ ତାରିଖ ପର୍ଯ୍ୟନ୍ତ ଛାଡିବ । ୦୨୮୮୭/୦୨୮୮୮ ବିଶାଖାପାଟନମ୍-ନିଜାମୁଦ୍ଦିନ-ବିଶାଖାପାଟନମ୍ ସ୍ପେସାଲ୍ ବିଶାଖାପାଟନମ୍ ରୁ ଜୁନ ମାସ ୩୦ ତାରିଖ ପର୍ଯ୍ୟନ୍ତ ଏବଂ ନିଜାମୁଦ୍ଦିନରୁ ଜୁଲାଇ ମାସ ୨ ତାରିଖ ପର୍ଯ୍ୟନ୍ତ ଛାଡିବ ।୦୨୮୬୯/୦୨୮୭୦ ବିଶାଖାପାଟନମ୍-ଚେନ୍ନାଇ-ବିଶାଖାପାଟନମ୍ ସ୍ପେଶାଲ୍ ପ୍ରତି ସୋମବାର ଦିନ ବିଶାଖାପାଟନମ୍ ଏବଂ ଚେନ୍ନାଇରୁ ପ୍ରତ୍ୟେକ ମଙ୍ଗଳବାର ଦିନ ଜୁନ ମାସ ୨୯ ତାରିଖ ପର୍ଯ୍ୟନ୍ତ ଛାଡିବ ।୦୨୮୫୭/୦୨୮୫୮ ବିଶାଖାପାଟନମ୍- LTT-ବିଶାଖାପାଟନମ୍ ସ୍ପେଶାଲ୍ ପ୍ରତି ରବିବାର ଦିନ ବିଶାଖାପାଟନମ୍ ଏବଂ ପ୍ରତ୍ୟେକ ମଙ୍ଗଳବାର ଦିନ LTT ରୁ ଜୁନ ମାସ ୨୯ ତାରିଖ ପର୍ଯ୍ୟନ୍ତ ଛାଡିବ । ୦୮୫୦୧/୦୮୫୦୨ ବିଶାଖାପାଟନମ୍-ଗାନ୍ଧୀଧାମ-ବିଶାଖାପାଟନମ୍ ପ୍ରତି ଗୁରୁବାର ଦିନ ବିଶାଖାପାଟନମ୍ ଏବଂ ଗାନ୍ଧୀଧାମ ଠାରୁ ପ୍ରତ୍ୟେକ ରବିବାର ଦିନ ଜୁନ ମାସ ୨୭ ତାରିଖ ପର୍ଯ୍ୟନ୍ତ ଛାଡିବ ।୦୭୪୮୮/୦୭୪୮୭ ବିଶାଖାପାଟନମ୍-କଡପା-ବିଶାଖାପାଟନମ୍ ସ୍ପେଶାଲ୍ ୩୦ ଜୁନ, ୨୦୨୧ ପର୍ଯ୍ୟନ୍ତ ବିଶାଖାପାଟନମ୍ ଠାରୁ ଏବଂ ୧ ଜୁଲାଇ, ୨୦୨୧ ପର୍ଯ୍ୟନ୍ତ କଡପା ଠାରୁ ଛାଡିବ । ୦୨୮୩୧/୦୨୮୩୨ ବିଶାଖାପାଟନମ୍-ଲିଙ୍ଗମପଲ୍ଲୀ-ବିଶାଖାପାଟନମ୍ ସ୍ପେଶାଲ୍ ୩୦ ଜୁନ, ୨୦୨୧ ପର୍ଯ୍ୟନ୍ତ ବିଶାଖାପାଟନମ୍ ଠାରୁ ଏବଂ ୧ ଜୁଲାଇ, ୨୦୨୧ ପର୍ଯ୍ୟନ୍ତ ଲିଙ୍ଗମପଲ୍ଲୀ ଠାରୁ ଛାଡିବ । . ୦୮୪୭୭/୦୮୪୭୮ ପୁରୀ-ଯୋଗ ନଗରୀ ଋଷିକେଶ-ପୁରୀ ସ୍ପେଶାଲ୍ ୩୦ ଜୁନ, ୨୦୨୧ ପର୍ଯ୍ୟନ୍ତ ପୁରୀ ଠାରୁ ଏବଂ ୩ ଜୁଲାଇ, ୨୦୨୧ ପର୍ଯ୍ୟନ୍ତ ଯୋଗ ନଗରୀ ଋଷିକେଶ ଠାରୁ ଛାଡିବ ।

## ତ୍ୱଚାକୁ ଶୀତଳତା ପ୍ରଦାନ କରୁଥିବା ଫେସ୍‌ପ୍ୟାକ

ଗରମ ଦିନରେ ତ୍ୱଚାର ନମନୀୟତା ଓ ଉଜ୍ଜ୍ୱଳତା ଉଭୟ ହ୍ରାସ ପାଇଥାଏ। ତ୍ୱଚାର ସୌନ୍ଦର୍ଯ୍ୟକୁ ପୁନଃ ବୃଦ୍ଧି କରିବା ନିମନ୍ତେ ଘରୋଇ ଫେସପ୍ୟାକ ଉପଯୋଗ କରିବା ଖୁବ୍ ଉପକାରୀ ।

**ଅମୃତଭଣ୍ଡା ଫେସପ୍ୟାକ୍:** – ଅଧକପ୍ ଅମୃତଭଣ୍ଡା ସିଝାକୁ ଭଲଭାବେ ଚକଟି ନିଅନ୍ତୁ। ସେଥିରେ ୧ବଡ଼ ଚାମଚ ଦହି ମିଶାଇ ତ୍ୱଚାରେ ପ୍ୟାକ୍ ଭଳି ଲଗାଇବେ । ୧୫ମିନିଟ୍ ପରେ ତ୍ୱଚାକୁ ଥଣ୍ଡା ପାଣିରେ ଧୋଇବେ । ଏହି ପ୍ୟାକ୍ ସନ୍‌ଟ୍ୟାନ୍ ଦୂର କରିବା ସହ ତ୍ୱଚାରେ ଚମକ ଆଣିଥାଏ ।



**ଆମ୍ବପ୍ୟାକ୍:**– ଆମ୍ବକୁ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ଉପଯୋଗ କଲେ ମଧ ଲାଭ ମିଳିଥାଏ। ପାଚିଲା ଆମ୍ବର ରସକୁ ତ୍ୱଚାରେ ମାଲିସକଲେ ତାହା ବିଭିନ୍ନ ଦାଗ ଦୂର କରିବାରେ ସାହାଯ୍ୟ କରେ ପାଚିଲା ଆମ୍ବର ରସ ୨ବଡ଼ ଚାମଚ, ୧ଚାମଚ ଗୋଲାପ ଜଳ ଓ ୨ଚାମଚ କଞ୍ଚା ଖିରରେ ଉପଯୋଗ କରି ତାହାକୁ ତୁଳା ସାହାଯ୍ୟରେ ତ୍ୱଚାରେ ଲଗାଇ ୨୦ମିନିଟ୍ ପରେ ଧୋଇବେ ।

**ତରଭୁଜ ଫେସପ୍ୟାକ୍:**– ଖରାରେ ଅଧିକ ସମୟ ବୁଲିଲେ ତ୍ୱଚା ମଧ ଗରମ ହୋଇଯାଏ । ଏହା କାରଣରୁ ତ୍ୱଚା ମଳିନ ଦେଖାଯାଏ । ଏଥିରୁ ବର୍ତ୍ତିବା ପାଇଁ ତରଭୁଜର ଉପଯୋଗ କରିବା ଲାଭ । ତରଭୁଜ ରସ ୩ବଡ଼ ଚାମଚ, ୧ବଡ଼ ଚାମଚ ଦହି ମିଶାଇ ତାହାକୁ ତ୍ୱଚାରେ ପ୍ୟାକ୍ ଭଳି ଲଗାନ୍ତୁ । ଏହା ବ୍ରଣ ଦୂର କରିବା ସହ ତ୍ୱଚାରେ ଉଜ୍ଜ୍ୱଳତା ଆଣିଥାଏ ।

**ଲେମ୍ବୁ ପ୍ୟାକ୍:**– ଲେମ୍ବୁରେ ଥିବା ଏସିଡ୍ ତତ୍ତ୍ୱ ତ୍ୱଚା ପାଇଁ ଉତ୍ତମ ବ୍ଲିଚିଂ ପରି କାମ କରେ । ଜରମଦିନ ତ୍ୱଚାକୁ ଟ୍ୟାନରୁ ରକ୍ଷା କରିବା ନିମନ୍ତେ ଲେମ୍ବୁ ରସ ୩ ଚାମଚରେ ମହୁ ୧ଚାମଚ ମିଶାଇ ତ୍ୱଚାରେ ଲଗାଇବା ଉପକାରୀ ।

**କାକୁଡ଼ି ଫେସପ୍ୟାକ୍:**– ତ୍ୱଚାକୁ ଶୀତଳତା ପ୍ରଦାନ କରିବା





ନିମନ୍ତେ କାକୁଡ଼ି ସବୁଠୁ ଉତ୍ତମ ପ୍ୟାମ୍ ଅଟେ । କାକୁଡ଼ି ରସ ୨ ଚାମଚରେ ଅଧ ଚାମଚ ଚିନି ୧ଚାମଚ ଦହି ମିଶାଇ ତାହାକୁ ତୁଳା ସାହାଯ୍ୟରେ ତ୍ୱଚାରେ ଲଗାଇବେ। ୧୫ମିନିଟ୍ ପରେ ତ୍ୱଚାକୁ ଧୋଇନେବେ। ଏହା ସହ ବେସନ-କାକୁଡ଼ି ରସ ପ୍ୟାକ୍ ଲଗାଇବା ମଧ ତ୍ୱଚା ପାଇଁ ଉତ୍ତମ ।

## ଘରେ ପ୍ରସ୍ତୁତ କରନ୍ତୁ ଖୁଆ ଚକୁଳି

**ଆବଶ୍ୟକ ସାମଗ୍ରୀ:**

ସୁଜି, ମଇଦା ଓ ଚାଉଳ, କ୍ଷୀର, ଖୁଆ, ଚିନି, ମିଲ୍କମେଡ, କାଜୁ ବାଦାମ ଖଣ୍ଡ ଓ ଚେରି, ରିଫାଇନ ତେଲ।

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ସୁଜି, ମଇଦା ଓ ଚାଉଳ ଚୂନାକୁ ମିଶାଇ ଏକ ଆଣ ପ୍ରସ୍ତୁତ କରି ରଖନ୍ତୁ। କ୍ଷୀରକୁ ଫୁଟାଇ ବହଳିଅ କରି ସେଥିରେ ଖୁଆ ଓ ଚିନି ପକାଇ ଏକ ପୁର ପ୍ରସ୍ତୁତ କରନ୍ତୁ।

ଚୁଲା ଲଗାଇ ଏକ କରେଇରେ କ୍ଷୀରକୁ ଗରମ କରି ଫୁଟାନ୍ତୁ। କ୍ଷୀର ଫୁଟିବା ପରେ ଚିନି ଓ ମିଲ୍କମେଡ ପକାଇ ଭଲ ଭାବେ



ଫୁଟାନ୍ତୁ। ଏକ ବହଳ ରସ ହେବା ପରେ କରେଇକୁ ଚୁଲିରୁ ଓହ୍ଲାଇ ରଖନ୍ତୁ। ଏହାପରେ ପ୍ୟାନ୍ ?ରେ ତେଲ ଗରମ କରି ପ୍ରସ୍ତୁତ ଆଣ ଦେଇ ତା' ଉପରେ କ୍ଷୀର ଓ ଖୁଆର ପୁରକୁ ଦେଇ ପିଠାକୁ ଗଢ଼ନ୍ତୁ। ଏହାପରେ କରେଇରେ ଥିବା କ୍ଷୀର ଓ ମିଲ୍କମେଡର ବହଳ ରସରେ ଗଢ଼ା ଯାଇଥିବା ଚକୁଳି ପିଠାକୁ ପକାନ୍ତୁ। ଶେଷରେ କାଜୁ ବାଦାମ ଖଣ୍ଡ ଓ ଚେରିକୁ ପକାଇ ସଜାଇ ପରଷନ୍ତୁ।

## ଅଦ୍ଭୁତ ନମନୀୟତା: ପାଦ ଅଙ୍ଗୁଳି ସାହାଯ୍ୟରେ ହାତ ନଖରେ ନେଲ୍ ପଲିସ୍ ଲଗାଇପାରନ୍ତି ମହିଳା

ଇଲଣ୍ଡର ଲେଲାନି ଫ୍ରାଙ୍କୋଙ୍କ ଶରୀର ଆଶ୍ଚର୍ଯ୍ୟଜନକ ଭାବେ ନମନୀୟ। ସେ ଛୋଟିଏ ସୁଟ୍‌କେସ୍‌ରେ ନିଜକୁ ସମ୍ପୂର୍ଣ୍ଣ ଭାବେ ଭର୍ତ୍ତିକରିପାରନ୍ତି। ପାଦ ଅଙ୍ଗୁଳି ସାହାଯ୍ୟରେ ହାତ ନଖରେ ନେଲ୍ ପଲିସ୍ ଲଗାଇପାରନ୍ତି; ସିଗାରେଟ୍ ପିଇପାରନ୍ତି। ଏ ଭଳି ଶରୀର ପାଇବା ପାଇଁ ସେ କୌଣସି ପ୍ରକାରର ସ୍ୱତନ୍ତ୍ର ତାଲିମ ନେଇ ନ ଥିବା ପ୍ରକାଶ। ପାଦ ଅଙ୍ଗୁଳିରେ ବ୍ରସ୍ ଧରି ଦାନ୍ତ ସଫାକରିହେବନାହିଁ କି ନାହିଁ, ପିଲାଦିନେ ମୁଣ୍ଡରେ ପଶିଥିଲା। ନିୟମିତ ଅଭ୍ୟାସ ଦ୍ୱାରା ସିଦ୍ଧି ହାସଲ କରିଥିଲେ। ଏ ଭଳି କରୁଥିବା ବେଳେ ସେ ଆଜି ଯାଏ ଥରେ ହେଲେ ଆହତ ହୋଇନାହାନ୍ତି।



## ଖାଇଲା ବେଳେ ଏସବୁ ପ୍ରତି ଧ୍ୟାନ ଦିଅନ୍ତୁ, ନହେଲେ...

ପୂଜାପାଠରେ ଯେମିତି ଅନେକ ନୀତି, ନିୟମ ରହିଛି, ଭୋଜନକୁ ନେଇ ମଧ୍ୟ ସେମିତି କିଛି ନିୟମ ରହିଛି।

ଆପଣ ଦେଖିଥିବେ କିଛି ଲୋକ ଭୋଜନ କରିବା ପୂର୍ବରୁ ଭଗବାନଙ୍କୁ ସ୍ମରଣ କରନ୍ତି। ଆଉ କେହି କେହି ପ୍ରଥମେ ଅଳ୍ପ ଟିକେ ଖାଦ୍ୟ ଭୂମି ବା ଟେବୁଲ୍‌ରେ ରଖି ଦିଅନ୍ତି ଓ ଭଗବାନଙ୍କୁ ସ୍ମରଣ କରି ଖାଇବା ଆରମ୍ଭ କରନ୍ତି।

ଶାସ୍ତ୍ରବିତ୍‌ଙ୍କ କହିବା ଅନୁଯାୟୀ, ଭୋଜନ କରିବା ପୂର୍ବରୁ ଠାକୁରଙ୍କୁ ସ୍ମରଣ କରନ୍ତୁ। ଏଥିସହ ଖାଇବା ସମୟରେ କେବେ ବାମ ହାତକୁ ପାଦରେ ରଖନ୍ତୁ ନାହିଁ। ସେହିପରି ଭୋଜନ ସମୟରେ ମୁଣ୍ଡରେ ଲୁଗା, ଗାମୁଛା ଏବଂ ଟୋପି ଦେଇ ଖାଆନ୍ତୁ ନାହିଁ। ଏହାଦ୍ୱାରା ଅମଙ୍ଗଳ ହୋଇଥାଏ।





## ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ କାଜୁ !

ଡ୍ରାଏ ଫ୍ରୁଟସ୍ ତଥା କାଜୁ ଖାଇବା ସମସ୍ତଙ୍କୁ ପସନ୍ଦ। ଏହାର ସ୍ୱାଦ ସମସ୍ତଙ୍କୁ ଭଲ ଲାଗେ। କାଜୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ମଧ କୁହାଯାଏ। କିନ୍ତୁ ଆବଶ୍ୟକତା ଠାରୁ ଅଧିକ କାଜୁ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପ୍ରମାଣିତ ହୋଇପାରେ। ଯଦି ଆପଣଙ୍କର କାଜୁ ଖାଇବା ସଉକ ଥାଏ ତେବେ ସାବଧାନ ହୋଇଯା'ନ୍ତୁ। ଅଧିକ କାଜୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ କିଡନୀ ଏବଂ ହୃଦୟ ଉପରେ ଖରାପ ପ୍ରଭାବ ପକାଇଥାଏ। ତେବେ କାଜୁ ଖାଇବା ଦ୍ୱାରା ଆଉ କ'ଣ କ'ଣ ସବୁ କ୍ଷତି ହୁଏ ଆସନ୍ତୁ ଜାଣିବା।

ଯଦି ଆପଣଙ୍କର ସାଧାରଣତ ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ଥାଏ ତେବେ କାଜୁ ବାଦାମଠାରୁ ଦୂରଇ ରୁହନ୍ତୁ । କାଜୁରେ ଆମିନୋ ଏସିଡ୍ ଟାଇରାମାଇନ୍ ଏବଂ ଫେନିଲେଥାଇଲାମାଇନ୍ ଥାଏ, ଯାହା ଆପଣଙ୍କ ମୁଣ୍ଡବିନ୍ଧାକୁ ଅନେକ ଥର ବଢ଼ାଇପାରେ।

କାଜୁ ଏକ ଅଧିକ କ୍ୟାଲୋରୀ ଯୁକ୍ତ ଖାଦ୍ୟ। ଏହାକୁ ଅଧିକ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଆପଣ ମୋଟାପଣର ଶିକାର ହୋଇପାରନ୍ତି। ତେଣୁ କାଜୁକୁ ଅତି ସୀମିତ ପରିମାଣରେ ଖାଇବା ଉଚିତ। ପ୍ରାୟ ୩୦ ଗ୍ରାମ କାଜୁରେ ୧୬୩ କ୍ୟାଲୋରୀ ଏବଂ ୧୩.୧ ଚର୍ବି ଥାଏ । ଯଦି ଆପଣ ନିୟମିତ କିମ୍ବା ଅଧିକ ପରିମାଣରେ କାଜୁ ଖାଉଛନ୍ତି ତେବେ ଆପଣଙ୍କର ଓଜନ ହ୍ରାସ କରିବା ଲକ୍ଷ୍ୟ କେବେ ବି ପୂରଣ ହୋଇପାରିବ ନାହିଁ।

ଅଧିକ ପରିମାଣରେ କାଜୁ ଖାଇବା ଦ୍ୱାରା ଧୀରେ ଧୀରେ ଶରୀରରେ ଔଷଧ ମଧ କାମ କରେ ନାହିଁ। ୩ ରୁ ୪ଟି କାଜୁରେ ୮୨.୫mg ମ୍ୟାଗ୍ନେସିୟମ୍ ଥାଏ । ଏହି ମ୍ୟାଗ୍ନେସିୟମ୍ ଆପଣ ଖାଉଥିବା ଡାଇବେଟିସ୍, ଥାଇରଏଡ୍, ମୂତ୍ର ସମ୍ବନ୍ଧୀୟ ଏବଂ ଆର୍ଥ୍ରାଇଟିସ୍ ଔଷଧ ଉପରେ ପ୍ରଭାବ ପକାଇଥାଏ।

## ଘରସଜ୍ଜାରେ ଚଢ଼େଇ ବସା

ସାଧାରଣତଃ ବାର୍ଡହାଉସ୍ କେତେକାଂଶରେ ଘର ଆଗରେ ଝୁଲୁଥିବା ଡାକବାକ୍ସ ଭଳି ଦେଖିବାକୁ ହୋଇଥାଏ । ତେବେ ଏହା କାଠରେ ତିଆରି ହୋଇଥିବାବେଳେ ଆଗପଟେ ବେଶ୍ ବଡ଼ କରି ଗେଲାକାର ଗର୍ତ୍ତ ଥାଏ । ଯାହା ମଧ୍ୟରେ ଛୋଟ ପକ୍ଷୀ ସହଜରେ ପ୍ରବେଶ କରିପାରିବେ । ଯଦି



ଆପଣ ବି ଏମିତି ଚଢ଼େଇବସା ଘରେ ରଖିବାକୁ ଚାହାନ୍ତି ତବେ ତାହାକୁ ଆହୁରି ରଙ୍ଗୀନ କରିଦିଅନ୍ତୁ । ଅତିଥିଙ୍କ ନଜର ପ୍ରଥମେ ରଙ୍ଗୀନ ବର୍ଡହାଉସ ଉପରେ ପଡ଼ିବ ।

ନଡ଼ିଆ ଚଢ଼େଇରୁ ବି ତିଆରି କରିପାରିବେ ବାର୍ଡହାଉସ । ତେବେ ଏ କ୍ଷେତ୍ରରେ ନଡ଼ିଆକୁ ପୂରା ଦୁଇ ଫାଳ କରିବା ପରିବର୍ତ୍ତେ ଛୋଟ ଗୋଲ କରି କାଟି ତା ମଧ୍ୟରୁ ଶସ ଓ ପାଣି ବାହାର କରି ଶୁଖିଆ ଦେବେ । ସେଥିରେ ମନ ପସନ୍ଦର ରଙ୍ଗ ଭରି ବଗିଚା କିମ୍ବା ଟେରାସ୍‌ରେ ଝୁଲାଇ ଦେବେ ।

ଶସ୍ତା ପ୍ଲାଏଉଡ୍‌ରେ ବି ମନ ପସନ୍ଦର ବାର୍ଡହାଉସ ତିଆରି କରିପାରିବେ । ଇଣ୍ଟରନେଟ୍ ବା କୌଣସି ଲାଇଫଷ୍ଟାଇଲ ମ୍ୟାଗାଜିନରୁ ଏଭଳି ବାର୍ହହାଉସ ପାଇଁ ମନପସନ୍ଦର ଡିଜାଇନ ବାଛିପାରିବେ ।

ଆଜିକାଲି ଅନଲାଇନ୍ ସପିଙ୍ଗ ସାଇଟ୍‌ରେ ଖୁବ ସୁନ୍ଦର ଡିଜାଇନ୍ର ବାର୍ହହାଉସ ଉପଲବ୍ଧ। କେଉଁଟା ବଗିଚା ପାଇଁ ତ କେଉଁଟା ଟେରାସ



ପାଇଁ । ପୁଣି ଇନଡୋର ବାର୍ଡ ହାଉସ ବି ବଜାରରେ ମିଳୁଛି । ପକ୍ଷୀ ଆସନ୍ତୁ ବା ନ ଆସନ୍ତୁ, ଆପଣ ଘରର ଡେକୋରେସନ୍ ପାଇଁ ବାର୍ଡହାଉସ୍ ରଖନ୍ତୁ ।

## ଭିଟାମିନ୍ ଡି କମ୍ ହେଲେ...

ଭିଟାମିନ ଡି କମ୍ ହେଲେ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ଏହାର ସ୍ତର କମିଗଲେ ବ୍ଲାଡ଼ର କ୍ୟାନସର ହେବାର ବହୁ ସମ୍ଭାବନା ରହିଛି। ଗବେଷଣା ଅନୁସାରେ ସୂର୍ଯ୍ୟ କିରଣ ମାଧ୍ୟମରେ ଶରୀରରେ ଭିଟାମିନ ଡି ପହଂଚିଥାଏ। ଏହାର ସବୁଠୁ ବଡ଼ ସ୍ରୋତ



ମାଛ ଏବଂ ଅଣ୍ଡାରେ ବି ରହିଛି। ଏହି ଭିଟାମିନ ଦ୍ୱାରା ଶରୀରକୁ କ୍ୟାଲସିୟମ ଏବଂ ଫସଫରସର ସ୍ତରକୁ ନିୟନ୍ତ୍ରଣ କରିବାରେ ସହଯୋଗ କରିଥାଏ। ପୂର୍ବରୁ କରାଯାଇଥିବା ଗବେଷଣାରେ କୁହାଯାଇଥିଲା ଯେ ଭିଟାମିନ ଡି କମ୍ ହେବାଯୋଗୁଁ ହୃଦରୋଗ ସ୍ମୃତିଶକ୍ତି ସମ୍ବନ୍ଧୀୟ ପ୍ରୋବ୍ଲେମ୍ ଏବଂ କ୍ୟାନସର ଭଳି ଅସୁବିଧାର କାରଣ ସୃଷ୍ଟି ହୋଇପାରେ। ତେବେ ନିକଟରେ କରାଯାଇଥିବା ଗବେଷଣା ମୁତାବକ ବ୍ଲାଡ଼ରର କୋଷ ଗୁଡ଼ିକ ଭିଟାମିନ ଡି. କୁ ସକ୍ରିୟ କରିବାର କାମ କରିଥାଏ। ଏହା ବଦଳେଇ ପ୍ରତିରକ୍ଷା ମଧ୍ୟ ବଢ଼ି ଯାଇଥାଏ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଯେ ପ୍ରତିରକ୍ଷା ପ୍ରଣାଳୀ କ୍ୟାନସରକୁ ଅଟକାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।



## ୧୯୫ ବର୍ଷ ତଳର ରେନ-କୋଟ୍

ବର୍ଷା ହେଲେ ଛତା ଓ ରେନ-କୋଟ ପ୍ରମୁଖ ଆବଶ୍ୟକତା ପାଲଟିଯାଏ । ଆଜିକାଲି ବିଭିନ୍ନ ବୟସ ଓ ବର୍ଗର ଲୋକ ରେନ - କୋଟ ପିନ୍ଧିବାକୁ ଉଚିତ ମଣୁଛନ୍ତି । ତେବେ ଏଇ ରେନ-କୋଟ ତିଆରି ସର୍ବପ୍ରଥମେ ଆଜିକୁ ୧୯୫ ବର୍ଷ ତଳେ ହୋଇଥିଲା । ୧୮୨୩ ଅକ୍ଟୋବର ୧୨ରେ ବି୍ବର ପ୍ରଥମ ରେନ-କୋଟ ତିଆରି ହୋଇଥିଲା । ସ୍କଟଲାଣ୍ଡର ଜନୈକ ବିଶେଷଜ୍ଞ ଚାର୍ଲସ ମ୍ୟାକିନଟୋସ 'ତାପୁଲିନ' ଫ୍ୟାବ୍ରିକରେ ଏଇ ରେନକୋଟ ତିଆରି କରିଥିଲେ । ଗତ କିଛି ବର୍ଷ ମଧରେ ବି୍ବର ନାମୀ କମ୍ପାନୀଗୁଡ଼ିକ ବିଭିନ୍ନ ଡିଜାଇନର ରେକୋଟ ତିଆରି କରି ବଜାର ପ୍ରବେଶ କରାଇଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସବୁ ପାସ୍...

କୋଭିଡ୍-୧୯ରେ ପ୍ରକୋପ ଗତବର୍ଷ ମାର୍ଚ୍ଚ ମାସରୁ ଆମ ଦେଶରେ ପୂରା ମାତ୍ରାରେ ପ୍ରକଟିତ ହୋଇ କିଛି ମାସ ପାଇଁ ସୁପ୍ତ ରହିଥିଲା। କିଛିଦିନ ହେଲା ତାହାର ଷ୍ଟ୍ରେନ୍ ମହାରାଷ୍ଟ୍ର, ପଂଜାବ ଓ କେରଳ ପ୍ରଭୃତି ରାଜ୍ୟରେ ତାହା ପୁଣି ବିକୃତି ଦେଖାଇବାକୁ ବସିଛି। ମହାରାଷ୍ଟ୍ରର ନାଗପୁର, ପୁଣେ ଓ ବିଭିନ୍ନ ପ୍ରାନ୍ତରେ କରୋନା ମୁଣ୍ଡ ଟେକିବାରୁ ରାତ୍ରିକାଳୀନ ଲକ୍‌ଡାଉନ ଓ ସ୍ଥଳବିଶେଷରେ କର୍ଫ୍ୟୁ ଲଗାଯାଇଛି। ଗତବର୍ଷ ମାର୍ଚ୍ଚ ମାସ ଠିକ୍ ଏଇ ସମୟକୁ ଦେଶ ସାରା କରୋନା ନେଇ ଭୟଙ୍କର ସ୍ଥିତି ଲାଗିଯାଇଥିବା ବେଳେ ବର୍ଷ ପୂରିଲା ବେଳକୁ ତାହାର ପୁନରାବୃତ୍ତି ସମସ୍ତଙ୍କ ମନରେ ଭୟ ସଂଚାର କରିଛି। ଗଲାବର୍ଷ କଳାକାରଖାନା ବନ୍ଦ, କମ୍ପାନୀଗୁଡ଼ିକରେ ତାଲା ଏବଂ ଚାକିରି ଥିଲା ଲୋକ ସୁଦ୍ଧା ବେକାର। କାହାରିକୁ କୁହାଗଲା ୱ୍ୱାର୍କ ଫ୍ରମ୍ ହୋମ୍ କରିବାକୁ, ଆଉ କାହାର ବେତନ କାଟ୍। ସବୁ ମହଲରେ ନିରାଶାର ବାଦଲ ଛାଇଯାଇଥିବାବେଳେ କରୋନା ପ୍ରତିଷେଧକ ଟିକାର ବିକାଶ ପୂର୍ବରୁ ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା ଏବଂ ହସ୍ତ ପ୍ରକ୍ଷାଳନ ଭଳି ଉପଚାର ପାଳନ ସକାଶେ ନିର୍ଦ୍ଦେଶିକା ପାଳନ ଉପରେ ଜୋର୍ ଦିଆଗଲା। ମାତ୍ର ବିଭିନ୍ନ ପର୍ଯ୍ୟାୟରେ ଟିକାର ପରୀକ୍ଷଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ତାହାର ପ୍ରୟୋଗ ହେବା ସମୟରେ କେଉଁଠି ଥିଲା କେଜାଣି ପୁଣି ମହାଭୂତାଣୁ ତାହାର ବିକଟାଳ ମୁଣ୍ଡ ଟେକିଲା। ଯୁକ୍ତରାଜ୍ୟ ବ୍ରିଟେନ୍, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକାରୁ ଆସିଥିବା ଷ୍ଟ୍ରେନ୍ ଭୂତାଣୁ ପୁଣିଥରେ ସ୍ଥିତିକୁ ସଂଗୀନ କରିଦେବାକୁ ବସିଲାଣି। ସମସ୍ତେ ଜାଣନ୍ତି ଓ ଉପଲବ୍ଧି କରିଛନ୍ତି ବର୍ଷକ ଭିତରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଳ୍ପ ଜଗତରେ କିଭଳି ଅତ୍ୟନ୍ତ ଅସ୍ୱାଭାବିକ ଅବସ୍ଥାକୁ ଡାକିଆଣିଲା ଏଇ କୋଭିଡ୍-୧୯। ପୂର୍ବବର୍ଷ ଏବଂ ଚଳିତବର୍ଷ ଏ ପର୍ଯ୍ୟନ୍ତ ଲାଗିରହିଥିବା ପରିସ୍ଥିତି ସୂଚାଇ ଦେଉଛି କି, ସ୍ଥିତି ସ୍ୱାଭାବିକ୍ ହେବାକୁ ଆହୁରି ବହୁ ସମୟ ଲାଗିଯିବ। ପରିତୃପ୍ତି ଆସିବା ପୂର୍ବରୁ ହୁଏତ ସମସ୍ତେ ଟିକାର ବିକାଶ ଓ ପ୍ରୟୋଗ ନେଇ ଏତେବେଶି ଉତ୍ସାହିତ ହୋଇଗଲେ ଯେ, ବାସ୍ତବ ବିପଦ ନେଇ କାହାର କିଛି ପରବାୟ ରହିଲା ନାହିଁ। ପୂରାବର୍ଷ ଅନଲାଇନରେ ପିଲାଙ୍କୁ ପାଠ ପଢ଼ାଗଲା। ତାହା ପ୍ରାୟ ପାଠପଢ଼ା ନହେବା ସହ ସମାନ। ପିଲାମାନେ ମୋବାଇଲ୍ ସେଟ୍‌ର ସାହାଯ୍ୟ ନେଇ ପାଠ ପଢ଼ିଥିବା ସତ୍ତ୍ୱେ ଡାଉଟ୍ କ୍ଲିଅର ନେଇ ନା' ଶିକ୍ଷକ ସନ୍ତୁଷ୍ଟ, ନା' ବିଦ୍ୟାର୍ଥୀ ସନ୍ଦେହମୁକ୍ତ। ସବୁ ଦିଗରୁ କରୋନା ସଂକ୍ରମଣ ପାଇଁ ପାଠପଢ଼ାରେ ଯେଉଁ ବିଘ୍ନ ଉପୁଜିଲା, ତାହା ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତକୁ ବାଟବଣା କରିସାରିଛି। ଚଳିତବର୍ଷ ସ୍ଥିତି ସୁଧୁରିବାକୁ ଯାଉଥିବାର ଆଶା ଜାଗ୍ରତ ହେବା ବେଳକୁ ବିପଦର ସମ୍ଭାବିତ ପୁନରାବୃତ୍ତି ସମସ୍ତଙ୍କ ମନରେ ସୃଷ୍ଟି କଲାଣି ନାନା ଆଶଙ୍କା। ଶିକ୍ଷାବର୍ଷରେ ମିଳିଥିବା ଅଭିଜ୍ଞତା ଆଧାରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସାମାଜିକ ଦୂରତା ରକ୍ଷାପୂର୍ବକ ପରୀକ୍ଷା କିମ୍ବା ପାଠଦାନ ଅଫ୍ ଲାଇନ୍‌ରେ ସମ୍ଭବ ହୋଇପାରିନଥିଲା। ଯେହେତୁ ପୂରା ବର୍ଷ ଠିକ୍ ରୂପେ ପାଠ ପଢ଼ା ହୋଇପାରିନାହିଁ, ତେଣୁ ପିଲାମାନେ ଠିକ୍ ରୂପେ ପରୀକ୍ଷା ଦେଇପାରିବେ ବୋଲି ଆଶା କରାଯିବା ଠିକ୍ ଲାଗିନପାରେ। ସୁତରାଂ ସରକାର ସବୁ ଦିଗକୁ ବିଚାରକୁ ନେଇ ଘୋଷଣା କରିଛନ୍ତି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କୁ ପାସ୍ କରାଯିବ। ଏହା ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ପାଇଁ ସମ୍ପୂର୍ଣ୍ଣ ନୂତନ ଅନୁଭବ ଆଣିପାରେ। ଯେହେତୁ ଠିକ୍ ରୂପେ ପାଠପଢ଼ା ଓ ପାଠଦାନ ହୋଇପାରିନାହିଁ, ବିନା ପରୀକ୍ଷାରେ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ କରାଯିବା ଛଡ଼ା ଆଉ କିଛି ବିକଳ୍ପ ମିଳିନଥିଲା। କେବଳ ସେତିକି ନୁହେଁ, ପୂର୍ବଭଳି ଶିକ୍ଷାବର୍ଷ ଯେଉଁଭଳି ଆରମ୍ଭ ହେଉଥିଲା, ତାହା ଆପାତତଃ ସମ୍ଭବ ହେଉଥିବାରୁ ଜୁନ୍ ମାସରୁ ଶିକ୍ଷାବର୍ଷ ଆରମ୍ଭ କରାଯିବାକୁ ସ୍ଥିର ହୋଇଛି। ନବମ ଓ ଏକାଦଶ ପିଲାମାନେ ଅଫ୍ ଲାଇନରେ ପରୀକ୍ଷା ଦେବେ। ଯଦି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ, ଆଶଙ୍କା କରିବା ଅହେତୁକ ହେବନାହିଁ ଯେ, ଏଯାଏଁ ଲାଗିରହିଥିବା ଭୟ ଅଧିକ ଗମ୍ଭୀର ରୂପ ଅବଶ୍ୟ ନେଇପାରେ। ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଂଚଳରେ ଦେଖାଦେଇଥିବା ବିପଦପୂର୍ଣ୍ଣ ସ୍ଥିତିର ସମୀକ୍ଷା କରି ପୁଣିଥରେ ପୂର୍ବ ପ୍ରବର୍ତ୍ତିତ ଉପଚାର ସମୂହର ଅନୁପାଳନ ଉପରେ ଜୋର ଦେଇଛନ୍ତି। ସାମାନ୍ୟ ଖାମଖିଆଲି କାରବାର କିଭଳି ପୁଣି ମରଣମୁହଁକୁ ଠେଲିଦେବାର ଭୟ ରହିଛି, ତାହା ଜଣାଇଦେଲେ ରାଜ୍ୟବାସୀଙ୍କୁ ସତର୍କ ରହିବାଲାଗି ପରାମର୍ଶ ଦେଇଛନ୍ତି। ଆଗକୁ ଥିବା ବିପଦ ପୂର୍ବପେକ୍ଷା ଅଧିକ ଗୁରୁତର ହେବାର ଆଶଙ୍କା ଥିବାରୁ କେବଳ ଶିକ୍ଷା ନୁହେଁ; ସ୍ୱାସ୍ଥ୍ୟ, ଶିଳ୍ପ ଏବଂ ସର୍ବୋପରି ଅର୍ଥନୀତି ଓ ସାମାଜିକ ଜୀବନଯାତ୍ରାକୁ ପ୍ରଭାବିତ କରିବାର ଆଶଙ୍କା ସମସ୍ତଙ୍କୁ ଥରହର କରିଦେବାର ଭୟ ଜାଗ୍ରତ ହେଉଛି। ଓଡ଼ିଶା ସମଗ୍ର ଦେଶ ତଥା ବିଶ୍ୱରେ ଭୂତାଣୁ ସଂକ୍ରମଣ ରୋକିବା ଦିଗରେ ଉଦାହରଣ ସୃଷ୍ଟି କରିଥିବା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଓ ତାଙ୍କର ସହଯୋଗୀ ପ୍ରଶାସନ ଏ ଦିଗରେ ସମୁଚିତ ପଦକ୍ଷେପ ନେବାରେ ମଧ୍ୟ ଅଗ୍ରଣୀ ରହିବେ।

## ଆତ୍ମା

ପରେଶ ଚନ୍ଦ୍ର ସାହୁ

ଶ୍ରୀମଦ୍ ଭାଗବତ ଗୀତାରେ ସଂଖ୍ୟା ଯୋଗର ବିସ୍ତୃତ ବର୍ଣ୍ଣନା ଦ୍ୱିତୀୟ ଅଧ୍ୟାୟରେ ରହିଛି। ଅର୍ଜୁନ ବିଷାଦ ଯୋଗର ପରବର୍ତ୍ତି ଅଧ୍ୟାୟ। ଗୀତାରେ ଅର୍ଜୁନଙ୍କ ବିଷାଦ ଦୂର କରିବା ପାଇଁ ଅନେକ ଗୁଡ଼ିଏ (୧୮ଟି ଯୋଗ) ଅଧ୍ୟାୟର ଅବତାରଣା। ପ୍ରତ୍ୟେକ ଅଧ୍ୟାୟରେ ଆତ୍ମାକୁ ନେଇ ମଧ୍ୟ ଆଲୋଚନା ରହିଛି। ଆତ୍ମାକୁ ନେଇ ଅନେକ ସାଧୁଙ୍କର ଅନେକ ପ୍ରକାରର ବିଶ୍ଳେଷଣ। କେହି କେହି ଆତ୍ମାକୁ ବୁଝି ପାରନ୍ତି ନାହିଁ। ତେବେ ଆତ୍ମା ବିଷୟରେ ଅଧିକାଂଶ ଲୋକଙ୍କର ଏଇୟା ଧାରଣା ଯେ ଜୀବଟି ମରିଗଲା ପରେ ତାର ଆତ୍ମା ଭିନ୍ନ ଏକ ଶରୀର ଧାରଣ କରେ। ତେବେ ଆତ୍ମା ଅମର, ଏକ ଓ ଅଭିନ୍ନ, ଯଦିବା ନିତ୍ୟ ଜାତ ହେଉଛି ଓ ମୃତ ହେଉଛି ସେଥିପାଇଁ ଶୋକ କରିବା ଆବଶ୍ୟକ ନାହିଁ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଏବେ ଆସନ୍ତୁ ଦୁଇଟି ଜୀବର ଆତ୍ମା, ବିଷୟରେ ଆଲୋକପାତ କରିବା। ହାତୀ ଓ ମୂଷା। ହାତୀର କେତେ ବଡ଼ ଶରୀର ଓ କେତେ ବଡ଼ ପେଟ, ମାତ୍ର ପରଦିନ ପାଇଁ ଚିନ୍ତା କରେ ନାହିଁ ମାତ୍ର ମୂଷା ନିଜ ଆବଶ୍ୟକତାଠାରୁ ମାତ୍ରାଧିକ ଜିନିଷ ସଂଗ୍ରହ କରେ ଓ ତାକୁ ଠୁଳ କରେ। ହାତୀ ଜଳକ୍ରୀଡ଼ା କରେ, ମାତ୍ର ମୂଷା ବୋଧହୁଏ ଗାଧୋଇ ନଥାଏ। ମୂଷା ଯବସ୍ପର ରଘଂକ୍ତସକ୍ବଳ ଖାଦ୍ୟ ହିଁ ଖାଇଥାଏ। କାଟି କୁଟି ନଷ୍ଟ କରିଦିଏ। ମଣିଷ ଯେତେବେଳେ ମ୍ଳେଚ୍ଛ ଭଳିଆ ଆଚରଣ କରେ, ସମ୍ପତ୍ତି ଠୁଳ କରେ ସେତେବେଳେ କୁହାଯାଇପାରେ ସେ ସେ ମୂଷା ଆତ୍ମା ତା ଦେହରେ ଅଛି କିମ୍ବା ମୂଷାର ଅବସ୍ଥା ପ୍ରାପ୍ତ ହୋଇଅଛି। ସେଇଭଳି ବଳଦ/ଛେଳି, ସିଂହ, କୁକୁରମାନଙ୍କର ଆତ୍ମା ବିଷୟରେ ଅବତାରଣା କରାଯାଇପାରେ।

ମଣିଷର ଭାବ ତାର ଶରୀର ଗଠନ, ପଂଚଭୂତର ସନ୍ତୁଳନ ଉପରେ ନିର୍ଭର କରେ। ଅସନ୍ତୁଳିତ ଅବସ୍ଥାରେ ସେ ନିର୍ଲିପ୍ତ ହୋଇପାରେ ନାହିଁ ବରଂ ଯକ୍ଷ, ରାକ୍ଷସଙ୍କ ଭଳି ବ୍ୟବହାର କରେ। ଶବ୍ଦ ଆଲୋକ ଓ ଅନ୍ୟାନ୍ୟ ରଶ୍ମି ତରଙ୍ଗ ଆକାରରେ ଗତି କରେ। ଏବଂ ସେଇ ତରଙ୍ଗକୁ ଯେତେବେଳେ ଆଉ ଜଣେ ଗ୍ରହଣ କରେ ନିଜର ଅନୁସାରେ ତାକୁ ବିଶ୍ଳେଷଣ କରି ବୁଝେ। ଭାବର ଆଦାନ ପ୍ରଦାନ ହୋଇଥାଏ।

ତେବେ ଆତ୍ମା ଏକ ଅଲୌକିକ ସତ୍ତା। ଆଲୋକ ଯେପରି ତରଙ୍ଗ ଆକାରରେ ଗତି କରେ ଆତ୍ମା ମଧ୍ୟ ସେଇଭଳି ଗତି କରେ। ଶବ୍ଦର ଗତି ୧୧୫୬ ଲସ୍ପ/ସ୍ୱରମ ଓ ଆଲୋକର ୧୮୬୦୦୦ଙ୍କସକ୍ଷର/ସ୍ୱରମ ଆଖି ମାଧ୍ୟମରେ ଆଲୋକ ଓ ପାଟି ମାଧ୍ୟମରେ ଶବ୍ଦ ଗତିଶୀଳ ହୋଇଥାଏ। ଆମେ ବ୍ୟବହାର କରୁଥିବା ବୈଦ୍ୟୁତିକ ସରଂଜାମ ବିଷୟରେ ଚିନ୍ତା କରାଯାଉ। ତାର ମାଧ୍ୟମରେ ବୈଦ୍ୟୁତିକ ତରଙ୍ଗ ଗତି କରିଥାଏ। କ୍ଷସଶଷସ୍ପ (ଇଙ୍କକ୍ଷଭ) ଜଳେ, ରବଭ ବୁଲେ ଐରବସ୍ପରକ୍ବ ଉତ୍ତାପ ଆଦି ପ୍ରଦାନ କରିଥାନ୍ତି। ସେଇଭଳି ମଷିଣ ମାଧ୍ୟମରେ ଆତ୍ମା ବା ଅଲୌକିକ ସତ୍ତା ପ୍ରବେଶ କଲେ। ସେଇ ଭାବର ପ୍ରକାଶ ଘଟେ। ପଂଚଭୂତର ସନ୍ତୁଳନ ଅନୁସାରେ ସତ୍ତାର ବିକାଶ ଘଟିଥାଏ ଏବଂ ତା ସହିତ ଭାବର ପ୍ରକାଶ ମଧ୍ୟ ହୋଇଥାଏ।

ଆତ୍ମା ଓ ପରମାତ୍ମା ବିଷୟରେ ଯେଉଁ ଚର୍ଚ୍ଚା ହୋଇଥାଏ ସେଇଟା କ'ଣ! ପ୍ରତ୍ୟେକ ପ୍ରାଣୀଙ୍କ ମଧ୍ୟରେ ଜୀବାତ୍ମା ବିଦ୍ୟମାନ। ଭାଲୁ ଜାମୁକୋଳି ଖାଏ। ଅର୍ଥାତ ଭାଲୁର ଜାମୁକୋଳି ସହିତ ସମ୍ପର୍କ ରହିଛି। ମଣିଷ ମଧ୍ୟରେ ସେଇଭଳି ପିମ୍ପୁଡ଼ି ଠାରୁ ହାତୀ ପର୍ଯ୍ୟନ୍ତ ଆତ୍ମା ରହିଛି। ବୟସ ଅନୁସାରେ ମଣିଷର ବିକାଶ ଘଟେ। ଉତର ପ୍ରାଣୀର ସତ୍ତାକୁ ତ୍ୟାଗ କରି ସେ ଉର୍ଦ୍ଧ୍ୱଗ୍ରାମୀ ହୁଏ। କୁକୁର ଭଳିଆ ନହୋଇ ସିଂହଭଳି ହୁଏ ମୂଷା ଭଳି ନହୋଇ ହାତୀ ଭଳିଆ ହୁଏ। ଛେଳି ଭଳି ନହୋଇ ବଳଦ ଭଳି ହୋଇଥାଏ। ପିମ୍ପୁଡ଼ି ଭଳି ନହୋଇ ମହୁମାଛି ହୁଏ। ଏହିପରି ଭାବରେ ତା'ର ବିକାଶ ହୋଇଥାଏ। ତେଣୁ ଏଇଠି ଆମେ ଏଇ ସିଦ୍ଧାନ୍ତରେ ପଂହଚି ପାରିବା ଯେ ପ୍ରାଣୀ ଯଦି ଆତ୍ମା ହୁଏ ଉଦ୍ଭିଦ ହେଉଛନ୍ତି ପରମାତ୍ମା ଯାହାର ପ୍ରମାଣ ଜଗନ୍ନାଥ ଧାମରେ ଦେଖିବାକୁ ମିଳେ। ଦାରୁବ୍ରହ୍ମ ଯାହାଙ୍କଠାରେ ଅଲୌକିକ ସତ୍ତା ଠୁଳ ହବାର ଦେଖିବାକୁ ମିଳେ।

ଏଠାରେ ପ୍ରଶ୍ନ ଆସେ ଆତ୍ମା ବିଷୟରେ ଏତେ ସବୁ ଜାଣିବାର ଆବଶ୍ୟକ କଣ ଅଛି। ଭଗବାନ ଗୀତାରେ କହିଛନ୍ତି ଏ ତ୍ରିଲୋକରେ ମୋର କିଛି ଅପ୍ରାପ୍ତ ପ୍ରାପ୍ତ ନାହିଁ, ତଥାପି ମୁଁ କର୍ମ କରୁଛି। ତେଣୁ ଯିଏ ଯେତେ ଜ୍ଞାନୀ ହେଉନା କାହିଁକି ଯଦି ସେ ନିଜକୁ କର୍ମରେ ବିନିଯୋଗ ନ କରିପାରିଲା ତା'ର ଜ୍ଞାନ ନିରର୍ଥକ। ଯେତେସବୁ ପ୍ରାଣୀ ଅଛନ୍ତି ଯକ୍ବବଲସ୍ପ ବଭସଙ୍କବକ୍ଷ ଯଥା ବଳଦ, ଓଟ ଆଦି ପ୍ରାଣୀ ନିଜକୁ କର୍ମରେ ବିନିଯୋଗ କରିଥାନ୍ତି। ଆମ ଦେଖନ୍ତାରେ ବଳଦଟିଏ ନମ୍ରଭାବ ପ୍ରଦର୍ଶନ କରିଥାଏ ଏବଂ ସର୍ବଦା କର୍ମକୁ ଅପେକ୍ଷା କରି ରହିଥାଏ। ତେଣୁ ଆମେ ଯଦି ବଳଦଭାବରେ ନିଜକୁ ପ୍ରସ୍ତୁତ କରି ରଖିବା ତାହେଲେ କର୍ମକୁ ଅପେକ୍ଷା କରି ରହିପାରିବା। ସେଇଠି ହିଁ ଆମର ପ୍ରଗତି।

ଗୀତାରେ ଅଛି ଯଦା ଯଦାହୀ ଧର୍ମସ୍ୟ... ସମ୍ଭବାମୀ ଯୁଗେ ଯୁଗେ। ବର୍ତ୍ତମାନ ସମୟରେ ଗ୍ଲାନୀର ମାତ୍ରା କେତେ ଆମେ କିପରି ଜାଣିବା? ମଣିଷ ଯାହା ଚାହୁଁଛି ସେଇୟା ହୋଇପାରୁନାହିଁ କିମ୍ବା ଯାହା କରିବା ପାଇଁ ଭାବୁଛି ତାକୁ କାର୍ଯ୍ୟକାରୀ କରିପାରୁନାହିଁ। ଏଇଟା ହିଁ ଗ୍ଳାନୀ। ପାରପାର୍ଶ୍ୱିକ ଅବସ୍ଥାକୁ ମଧ୍ୟ ଦାୟୀ କରାଯାଇପାରେ। ଧର୍ମର ଗ୍ଳାନୀ ଅର୍ଥାତ ମଣିଷ ତା ଦେହରେ ଉଚ୍ଚତର ପ୍ରାଣୀମାନଙ୍କର ଆତ୍ମା ବା ଭାବକୁ ନିଜ ଦେହରେ ଧାରଣା କରିପାରେ ନାହିଁ। ଅନୁଭବ ଶକ୍ତି କମିଯିବା ଦ୍ୱାରା ଆତ୍ମଚେତନା ଲୋପ ପାଇଯାଉଛି। ତାକୁ ତାର ମାର୍ଗ ଜଣାପଡୁନାହିଁ। ଉଦ୍ଭିଦଟିଏ ଯେପରି ମଂଜି ପୋତା ଯାଇଥିବା ସ୍ଥାନରୁ ଉପରକୁ ଉଠେ, ଉର୍ଦ୍ଧ୍ୱଗାମୀ ହୁଏ ମଣିଷ ଉର୍ଦ୍ଧ୍ୱ ଚେତନାକୁ ଧାରଣ କରିପାରୁନାହିଁ। ଅନ୍ଧ ହୋଇଯାଉଛି। ଜ୍ଞାନରୂପକ ଆଲୋକ ଦାନ କରିପାରୁନାହିଁ। ଦେବତ୍ୱ ପ୍ରାପ୍ତି, ପରେ ସ୍ୱର୍ଗକୁ ଯାଇ ଅମର ହେବା ପରିବର୍ତ୍ତେ ପାତାଳ ବର୍ଗକୁ ଚାଲିଯାଉଛି। ସମାଜର ବୋଝକୁ ହାଲୁକା କରିବା ପାଇଁ ମଣିଷର ସୃଷ୍ଟି, ମାତ୍ର ଓଲଟା ସମାଜ ପାଇଁ ଗୋଟେ ବୋଝ ହୋଇଯାଉଛି।

ସୁତରାଂ ଏଭଳି ପରିସ୍ଥିତିରେ ଆମର କର୍ତ୍ତବ୍ୟ କଣ? ଆମେ ଜାଣୁ ଛେଳି ଯଦି ଅକସ୍ମାତ ବଳଦ ହୋଇଯାଏ ତାର ଗର୍ବ, ଅହଙ୍କାର ଆସିଯାଏ, ମାତ୍ର ବଦଳ ଛେଳିଟିଏ ହୁଏ ତାର ଗ୍ଲାନୀ ଘଟେ। ଏହି ଜ୍ଞାନକୁ ଠିକ୍ ଭାବରେ ବୁଝି ଆମର କର୍ତ୍ତବ୍ୟ ପଥ ଛାଡ଼ିବାକୁ ପଡ଼ିବ। ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏଇ ତିନି ଠାକୁରଙ୍କ ଭିତରୁ ବିଷ୍ଣୁ ହିଁ ଗୁରୁତ୍ୱପୂର୍ଣ୍ଣ। କାରଣ ସେ ହିଁ ପାଳନ କର୍ତ୍ତା, ବ୍ରହ୍ମା ବଡ଼ ହେଲେ, ଶିବ ମହାନ, ମାତ୍ର ବିଷ୍ଣୁ ହିଁ ଶ୍ରେଷ୍ଠ। ଯେହେତୁ ସୃଷ୍ଟି ପରିଚାଳନା ଭଗବାନ ବିଷ୍ଣୁ ହିଁ କରିଥାନ୍ତି ତାଙ୍କରି ଇଚ୍ଛାକୁ ପୂରଣ କରିବାକୁ ଆମେ ସବୁ ମଣିଷ ଆଗଧାଡ଼ିର ପ୍ରାଣୀ ବୋଲି ଭାବିବାକୁ ପଡ଼ିବ। ଯେତେକେ ପ୍ରାଣୀ ଅଛନ୍ତି ସେମାନେ ସୃଷ୍ଟି ପରିଚାଳନାରେ ଭାଗ ନିଅନ୍ତି। ମାତ୍ର ମଣିଷ ଅସାଧ୍ୟ ସାଧନ କରିପାରିବ। ପରିସ୍ଥିତିକୁ ଚାହିଁ ଉଦ୍ଦେଶ୍ୟମୂଳକ ଭାବେ କିଛି କରିପାରିବ। ସୃଷ୍ଟି ପରିଚାଳନାରେ ସକ୍ରିୟ ଭୂମିକା ନେଇପାରିବ। ଗୀତାରେ ସେଥିପାଇଁ କୁହାଯାଇଛି କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ। କାମ କରିଯାଅ ଫଳକୁ ଆଶା କରନାହିଁ। ତେବେ ଯାଇ ଭଗବାନଙ୍କ ଇଚ୍ଛା କାର୍ଯ୍ୟକାରୀ ହୋଇପାରିବ। ସୁତରାଂ ଗୀତାରେ ଯେପରି ଅଛି ବିଦ୍ୟା ମଧ୍ୟରେ ଆଧ୍ୟାତ୍ମ୍ୟ ସେହିଭଳି ଆତ୍ମଜ୍ଞାନ ଲାଭ କରି ନିଜ ମଧ୍ୟରେ ଅନ୍ଧକାରକୁ ଦୂର କରିବା ସହିତ ସମାଜରୁ କିପରି ଅନ୍ଧକାର ଦୂର କରିହେବ ଆମେ ଯତ୍ନବାନ ହେବାର ଆବଶ୍ୟକତା ରହିଛି।

(ସମାପ୍ତ)

+ଉଦଳା, ମୟୂରଭଞ୍ଜ
ମୋ: ୯୪୩୭୦୬୮୯୧୯

## ଶ୍ରୀଚୈତନ୍ୟଙ୍କ ପ୍ରେମଭକ୍ତି



ଡକ୍ଟର ଶ୍ରୀହରି ପଣ୍ଡା

ଯାହାର ଅବତାର ସଂସାରର ଦୁଃଖକୁ ହରଣ କରିବା ନିମନ୍ତେ ସେ ବା କାହିଁକି ଭୌତିକ ସୁଖର ଆନନ୍ଦ ପାଇଥାନ୍ତେ। ନିଜର ବ୍ୟକ୍ତିଗତ ସୁଖକୁ ପରିତ୍ୟାଗ କରି ପତିତଜନଙ୍କୁ ଉଦ୍ଧରିବା ପାଇଁ, ନିଜର ଆଚରଣ ଦ୍ୱାରା ଅନ୍ୟଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଶ୍ରୀଚୈତନ୍ୟ ଉତ୍କଳକୁ ୧୫୦୯ ଖ୍ରୀଷ୍ଟାବ୍ଦରେ ଚାଲି ଆସି ଶ୍ରୀଜଗନ୍ନାଥଙ୍କ ପ୍ରେମରେ ଏଭଳି ତଲ୍ଲିନ ହୋଇଯାଇଥିଲେ ଯେ ୧୮ବର୍ଷର ରହଣିପରେ ଶେଷରେ ସେହି ଜଗନ୍ନାଥଙ୍କ ସ୍ୱରୂପରେ ଲୀନ ହୋଇଯାଇଥିଲେ। ଶ୍ରୀଚୈତନ୍ୟ ସର୍ବଦା ତାଙ୍କର ପ୍ରାଣପ୍ରିୟ ଶ୍ରୀକୃଷ୍ଣଙ୍କ ବଂଶୀସ୍ୱନ ଶୁଣିବାକୁ ପାଉଥିଲେ। ସେ ବଂଶୀସ୍ୱରରେ ଥିବା ଜଗତଜନର ଆତର କ୍ରନ୍ଦନ ଧ୍ୱନୀ ତାଙ୍କୁ ବ୍ୟତିବ୍ୟସ୍ତ କରିପକାଉଥିଲା। ଏଣୁ ସେ ପତ୍ନୀ ଓ ମାତାଙ୍କ ଅନୁମତି କ୍ରମେ ପତିତଙ୍କୁ ଉଦ୍ଧରିବା ନିମନ୍ତେ ସନ୍ୟାସ ଗ୍ରହଣ କଲେ। ରାତି ନପାହୁଣୁ ଘରସଂସାର, ମାତା, ପତ୍ନୀ ଓ ସକଳ ମାୟାକୁ ପରିତ୍ୟାଗ ପୂର୍ବକ ମାତାଙ୍କୁ ପ୍ରଦକ୍ଷିଣ କରି, ତାଙ୍କ ପାଦଧୂଳିକୁ ମୁଣ୍ଡରେ ଲଗାଇ ଧର୍ମର ସଂରକ୍ଷଣ, ସାଧୁରେ ପରିତ୍ରାଣ, ଦୁଷ୍ଟ ଦଳନ ଏବଂ ହରି ବିମୁଖ ଜନର ଉଦ୍ଧାର ପାଇଁ ବାହାରିଗଲେ। ଏତେ ସହଜ ନଥିଲା ତାଙ୍କର ଏ ତ୍ୟାଗ। ଆଠ ଆଠଟି ସନ୍ତାନର ମୃତ୍ୟୁପରେ ମାତା ସଚୀଦେବୀଙ୍କ କୋଳମଣ୍ଡନ କରି ଭୂମିଷ୍ଟ ହୁଅନ୍ତି ସଂସାର ବିରାଗୀ ବିଶ୍ୱରୂପ। କିଛିକାଳ ପରେ ସେ ସନ୍ୟାସ ନିଅନ୍ତି। ପରେ ୪ ଫେବୃଆରୀ ୧୪୮୬ ଦୋଳପୂର୍ଣ୍ଣିମାରେ ଆନନ୍ଦର ପରିବେଶରେ ଦୀର୍ଘ ୧୩ମାସ ମାତୃଗର୍ଭରେ ରହି ଜନ୍ମ ନିଅନ୍ତି ବିଶ୍ୱମ୍ଭର। ଜନ୍ମ ସମୟରେ ସେଠାରେ ଏକ ନିମ୍ବ ଗଛ ଥିବାରୁ ଲୋକେ ଡାକନ୍ତି ନିମାଇଁ। ୯ ବର୍ଷ ସମୟରେ ତାଙ୍କର ବ୍ରତପୋନୟନ ହୁଏ ଆଉ ନାମ ହୁଏ ଗୌରାଙ୍ଗ। ୧୬ ବର୍ଷ ସମୟରେ ବିବାହ କରନ୍ତି ନ୍ୟାୟ ଭଟ୍ଟାଚାର୍ଯ୍ୟଙ୍କ କନ୍ୟା ଲକ୍ଷ୍ମୀପ୍ରିୟାଙ୍କୁ ମାତ୍ର ସେ ଅଧିକ ଦିନ ବଞ୍ଚନ୍ତି ନାହିଁ ପୁଣି ବିବାହ କରନ୍ତି ବିଷ୍ଣୁପ୍ରିୟାଙ୍କୁ। ସାଂସାରିକ ଜୀବନ ପ୍ରତି ସଦା ଉଦାସୀନ ଗୌରାଙ୍ଗ ମାତ୍ର ୨୪ ବର୍ଷ ସମୟରେ ସନ୍ୟାସ ନିଅନ୍ତି ଗୁରୁ କେଶବ ଭାରତୀଙ୍କଠାରୁ। ନାମ ହୋଇଯାଏ କୃଷ୍ଣ ଚୈତନ୍ୟ। ଗୃହ ପରିତ୍ୟାଗ ସମୟରେ ମାତାଙ୍କ ନିର୍ଦ୍ଦେଶରେ ପୁରୀ ଆସନ୍ତି। ମାତାଙ୍କର ଇଚ୍ଛା ବହୁ ଲୋକ ଜଗନ୍ନାଥ ଦର୍ଶନକୁ ଆସୁଥିବାରୁ ପୁଅର ଭଲମନ୍ଦ ଟିକିଏ ଶୁଣିବାକୁ ପାଇବେ। ଘରୁ ପଦବ୍ରଜରେ ବାହାରି ରେମୁଣା, ଯାଜପୁର ହୋଇ ଏକାମ୍ରକ୍ଷେତ୍ରରେ ଲିଙ୍ଗରାଜ ଦର୍ଶନ ଏବଂ ବିନ୍ଦୁସାଗରରେ ସ୍ନାନ ପୂର୍ବକ ଆଗକୁ ବଢି ଅଠରନଳାରେ ସାକ୍ଷାତ ଶ୍ରୀମନ୍ଦିର ଦର୍ଶନ କରି ଭାବବହ୍ୱଳିତ ହୋଇ ଧାଇଁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦେଖି ମୂର୍ଚ୍ଛା ହୋଇଯାଆନ୍ତି। ତାପରଠାରୁ ଆରମ୍ଭ ହୁଏ ଓଡିଶା ଧର୍ମ ଆନ୍ଦୋଳନର ଏକ ନୂତନ ଅଧ୍ୟାୟ।

୧୫୦୯ ବେଳକୁ ଓଡିଆ ଜାତି ଓ ଓଡିଶାର ରାଜନୀତିକ ପୃଷ୍ଠଭୂମି ଦୃଷ୍ଟିରୁ ଏକ କଳଙ୍କିତ ଅଧ୍ୟାୟ ହେଲେ ହେଁ ଧାର୍ମିକ ଦୃଷ୍ଟିରୁ ଏକ ସମ୍ଭାବନାର ଯୁଗ। ଏହା ପୂର୍ବରୁ ବହୁ ସାଧକ ଓ ବୈଷ୍ଣବ ପୁରୀକୁ ଆସି ମଠ ସ୍ଥାପନ ପୂର୍ବକ ନିଜର ମତ ପ୍ରଚାର କରିସାରିଥିଲେ ହେଁ ଶ୍ରୀଚୈତନ୍ୟଙ୍କ ପ୍ରେମଭକ୍ତି ଧର୍ମ ଓଡିଶାର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ ଜୀବନଧାରାକୁ ପ୍ରଭାବିତ କଲା। ଏହା ପୂର୍ବରୁ ଓଡିଶାର ଜ୍ଞାନମିଶ୍ରା ଭକ୍ତି ପ୍ରଚାରିତ ଥିଲା ଏଣୁ ଶ୍ରୀଚୈତନ୍ୟଙ୍କ ପ୍ରେମଭକ୍ତି ଧର୍ମ ସହ ଏକ ଅପୂର୍ବ ସମନ୍ୱୟ ସ୍ଥାପିତ ହୋଇ ସାହିତ୍ୟ ସମାଜ ଓ ସଂସ୍କୃତିକୁ ପ୍ରଭାବିତ କଲା। ଶ୍ରୀକ୍ଷେତ୍ରରେ ପଣ୍ଡିତ ବାସୁଦେବ ସାର୍ବଭୌମ, କାଶୀମିଶ୍ର, କହ୍ନାଇ ଖୁଣ୍ଟିଆ ପ୍ରମୁଖ ବୈଷ୍ଣବ ସାଧକ ପଣ୍ଡିତ କବିମାନଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା। ସାର୍ବଭୌମଙ୍କ ସହିତ ତାଙ୍କର ଯୁକ୍ତିରେ ପରାସ୍ତ ହେବା ଥିଲା ଚୈତନ୍ୟଙ୍କ ପାଇଁ ଏକ ଆଶୀର୍ବାଦ। କାରଣ ଏଥିରେ ସାର୍ବଭୌମ ଚୈତନ୍ୟଙ୍କ ତାତ୍ତ୍ୱିକ ଜ୍ଞାନ ଗାରିମାର ପରିଚୟ ଲାଭ କରିଥିଲେ ଓ ତାଙ୍କ ଭକ୍ତି ଭାବ ନିକଟରେ ନିଜର ଶାସ୍ତ୍ରୀୟ ପାଣ୍ଡିତ୍ୟର ପରୋକ୍ଷ ପରାଜୟ ମାନୁଷିକ ସ୍ତରରେ ଅନୁଭବ କରିଥିଲେ। ଏହି ହେତୁ ଚୈତନ୍ୟଙ୍କ ପ୍ରତି ସାର୍ବଭୌମଙ୍କ ଶ୍ରଦ୍ଧା ଓ ସମ୍ମାନ ବଢିଯାଇଥିଲା। ସେତେବେଳକୁ ଓଡିଶା ବୈଷ୍ଣବ ଧର୍ମର ପୀଠସ୍ଥଳୀ ରୂପେ ପରିଚିତ ହୋଇ ସାରିଥାଏ। ତେଣୁ ଚୈତନ୍ୟଙ୍କ ବିଶୁଦ୍ଧ ରାଗୁନୁରାଗୀ ପ୍ରେମ ଧର୍ମ ଉତ୍କଳରେ ଅବିଦିତ ନଥିଲା। ରାଧାକୃଷ୍ଣଙ୍କ ପ୍ରେମଭକ୍ତି ଭାବନା ଉତ୍କଳୀୟଙ୍କ ମାନସପଟରେ ସେତେବେଳେ ଘନୀଭୂତ ହୋଇସାରିଥିଲା। ଉତ୍କଳୀୟ କବି ଜୟଦେବ ତାଙ୍କ ଗୀତଗୋବିନ୍ଦରେ ରାଧାକୃଷ୍ଣଙ୍କ ପ୍ରେମଲୀଳାର ମଧୁମୟ ବର୍ଣ୍ଣନା ଦେଇ ସାରିଥିଲେ। ଚୈତନ୍ୟଙ୍କ ପୂର୍ବରୁ ମାଧବେନ୍ଦ୍ର ପୁରୀ ରାଧାକୃଷ୍ଣଙ୍କର ପ୍ରେମମୟ ଉପାସନା କରିଥିଲେ। ବାଲେଶ୍ୱରର ରେମୁଣା ଠାରେ ଅବସ୍ଥିତ ଗୋପୀନାଥଙ୍କର ଉପାସନା ଓ ସାକ୍ଷୀଗୋପାଳର ରାଧାକୃଷ୍ଣଙ୍କ ଉପାସନା ଓଡିଶାର ଚୈତନ୍ୟଙ୍କ ଉତ୍କଳ ଆଗମନ ପୂର୍ବରୁ ପ୍ରଚଳିତ ଥିଲା। ଏହି ପ୍ରେମ ଭକ୍ତି ପୁଣି ଚୈତନ୍ୟଙ୍କ ଆଗମନ ପୂର୍ବରୁ ରାୟ ରାମାନନ୍ଦଙ୍କ ରଘୁନାଥ ବଲ୍ଲଭ ନାଟକ ରଚନାରେ ପ୍ରତିଫଳିତ ହୋଇଥିଲା। ବୃନ୍ଦାବନ ଆଚାର୍ଯ୍ୟଙ୍କ ମତରେ ଚୈତନ୍ୟଙ୍କ ୭୦୦ ବର୍ଷ ପୂର୍ବରୁ ସମ୍ଭବତଃ ଶ୍ରୀଜଗନ୍ନାଥଙ୍କୁ କାଳନ୍ଦୀ ତଟରେ ଏକଦା ବୃନ୍ଦାବନର ଗୋପୀମାନଙ୍କ ବଦନକମଳରେ ମଧ ଆସ୍ୱାଦନକାରୀ ଭାବରେ ଏ ଦେଶରେ ପ୍ରେମଭକ୍ତି ଧର୍ମାବଲମ୍ବୀମାନଙ୍କୁ ଅଭିହିତ କରିସାରିଥିଲା। ତଥାପି କେହି ଏ ଦିଗରେ ନିର୍ଦ୍ଦିଷ୍ଟ ଭାବରେ ଅଗ୍ରସର ହୋଇ ପ୍ରଚାର କାର୍ଯ୍ୟ ଚଳାଇ ନଥିଲେ। ତେଣୁ ଏହି ପ୍ରେମ ଭକ୍ତି ମର୍ମ ସେକାଳରେ ଓଡିଶାର ଆଦୌ ଅପରିଚିତ ନଥିଲା କିନ୍ତୁ ପ୍ରଚାରର ସୁଯୋଗ ପାଇନଥିଲା। ଶ୍ରୀଚୈତନ୍ୟ ରାୟ ରାମାନନ୍ଦଙ୍କୁ ସାର୍ବଭୌମଙ୍କ ସାଦର ନିର୍ଦ୍ଦେଶରେ ଗୋଦାବରୀ ନଦୀ କୂଳରେ ସାକ୍ଷାତ କରିବା ପର୍ଯ୍ୟନ୍ତ ପ୍ରେମ ଭକ୍ତି ଧର୍ମର ଯଥାର୍ଥ ତତ୍ତ୍ୱ ପ୍ରକାଶ ପାଇନଥିଲା। ରାୟ ରାମାନନ୍ଦ ଓ ଜଗନ୍ନାଥ ଦାସ ହିଁ ସୁଦ୍ଧ ଭକ୍ତିବାଦ, ରାଗାନୁରାଗା ଭକ୍ତି ଓ ରାଧାକୃଷ୍ଣ ଯୁଗଳ ଉପାସନାର ଆଦ୍ୟ ପ୍ରବକ୍ତା।

ଶ୍ରୀ ଚୈତନ୍ୟଙ୍କ ସହିତ ରାୟ ରାମାନନ୍ଦଙ୍କ ଦାକ୍ଷିଣାତ୍ୟର ଗୋଦାବରୀ ନଦୀ କୂଳରେ ସାକ୍ଷାତ ଓ ପ୍ରେମ ଭକ୍ତି ସମ୍ବନ୍ଧୀୟ ମୂଳ ତତ୍ତ୍ୱମାନ ଆଲୋଚନା ପ୍ରେମଭକ୍ତି ଆନ୍ଦୋଳନରେ ଏକ ବିଶିଷ୍ଟ ମୋଡ ସୃଷ୍ଟିକଲା। ରାୟ ରାମାନନ୍ଦଙ୍କ ପର୍ଯ୍ୟନ୍ତ ସୁଦ୍ଧ ଭକ୍ତି ରସର ଆଦିତତ୍ତ୍ୱମାନ ବିଶେଷ ପ୍ରଚାରିତ ହୋଇନଥିଲା। ରାୟ ରାମାନନ୍ଦ ଏ କ୍ଷେତ୍ରରେ ଓଡିଶା ମାଟିରେ ଏକମାତ୍ର ବୈଷ୍ଣବ ସାଧକ ଥିଲେ, ଯିଏ କି ରାଧାକୃଷ୍ଣଙ୍କ ପ୍ରେମଲୀଳାକୁ ଏକ ତାତ୍ତ୍ୱିକ ରୂପ ପ୍ରଦାନ କରିସାରିଥିଲେ। ମାତ୍ର ପ୍ରଚାର ଅଭାବରେ ତାହା ସୀମିତାବସ୍ଥାରେ ରହି ଯାଇଥିଲା ଓଡିଶାରେ ଶ୍ରୀଚୈତନ୍ୟ ଏହି ତ୍ତ୍ୱକୁ ଲୋକଜୀବନରେ ପ୍ରଚାରିତ କଲେ ଓ ତାହା କାଳକ୍ରମେ ଚୈତନ୍ୟ ପ୍ରେମଭକ୍ତି ଧର୍ମ ଭାବରେ ଅଭିହିତ ହୋଇଗଲା। ଚୈତନ୍ୟଙ୍କ ଶ୍ରୀକ୍ଷେତ୍ରରେ ଦୀର୍ଘ ଅଠରବର୍ଷର ରହଣିକାଳରେ ଏହି ପ୍ରେମ ଭକ୍ତି ତତ୍ତ୍ୱ ପଞ୍ଚସଖା, ରାୟ ରାମାନନ୍ଦ ଓ ଗଜପତି ପ୍ରତାପରୁଦ୍ର ଦେବଙ୍କ ଗହଣରେ ବିଶେଷ ମାନ୍ୟତା ପ୍ରାପ୍ତ ହେବା ସହିତ ବିଶିଷ୍ଟ ବୈଷ୍ଣବ ମଣ୍ଡଳୀରେ ଅତ୍ୟନ୍ତ ପ୍ରିୟ ଓ ଶ୍ରେୟ ହୋଇ ସାରିଥିଲା। ଉତ୍କଳୀୟ ବୈଷ୍ଣବ ସାଧକ ପଞ୍ଚସଖାମାନେ ଏହି ପ୍ରେମଭକ୍ତି ମାର୍ଗକୁ ଆପଣାର ଜ୍ଞାନଭକ୍ତି ମାର୍ଗ ସହିତ ସମନ୍ୱିତ କରି ଯେଉଁ ଅଭିନବ ତତ୍ତ୍ୱ ପ୍ରକାଶ କରିଥିଲେ ତାହା ତାଙ୍କ ରଚିତ ବିଶାଳ ସାହିତ୍ୟ ମାଧମରେ ଉର୍ଜ୍ଜସ୍ୱଳ ହୋଇ ଉଠିଥିଲା।

॥ ଜୟ ଜଗନ୍ନାଥ ॥

+ଗୌଡ଼ଗାଁ,କପ୍ତିପଦା,ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮

## କବିତା କୋଣାର୍କ



### ସ୍ୱାଧୀନ ଭାରତ...

ଧ୍ରୁବ ଚରଣ ବେହେରା

ସ୍ୱାଧୀନ ଭାରତ ନାଗରିକ ଆମେ
ସ୍ୱତନ୍ତ୍ରତା ଆମ ମନ୍ତ୍ର
ବହୁତ ସୁନ୍ଦର ଧର୍ମ ନିରପେକ୍ଷ
ଆମର ଏ ଗଣତନ୍ତ୍ର ।

ଆମ ଲାଗି ପରା ଲହୁ ଲୁହ ଢାଳି
ଜୀବନ ବାଜି ଲଗାଇ
ଦେଇ ଚାଲିଗଲେ ବୀର ସପୂତ ଯେ
ସୁନାର ଭାରତ ଏହି ।

ବନ୍ଦି କାରାଗାରେ ଘୋର ଅନ୍ଧକାରେ
କାଟି ଦେଇଥିଲେ ଦିନ
ଜାତି ପ୍ରୀତି ଲାଗି ତାଙ୍କ ବଳିଦାନ
ଅଟେ ଶ୍ରେଷ୍ଠ ନିଦର୍ଶନ ।

ଏବେ ବି ଏ ମାଟି ମହ ମହ ବାସେ
କହେ ଶହୀଦ୍ ଗାଥା
ଯେତେ ଚିପୁଡ଼ିଲେ ନିଗିଡଇ ଲହୁ
ବିପ୍ଳବର ମହା କଥା ।

ସୁନାର ମୋ ଦେଶ ପବିତ୍ର ଭାରତ
ହିମାଳୟ ଯାର ମଥା
ପତିତପାବନି ପୁଣ୍ୟତୋୟା ଧୁଏ
ଚରଣ କରି ବନ୍ଦିତା ।

ଗଗନ ପବନ ମୁଖରିତ ଏଠି
ବିହଙ୍ଗେ ଗାଆନ୍ତି ଗୀତ
କି ସୁନ୍ଦର ଦେଖ ଉଡଇ ତ୍ରିରଙ୍ଗା
ଭାରତ ପବିତ୍ର ନେତ ।

ଶାନ୍ତି ମୈତ୍ରୀ ଯାର ପୁଣ୍ୟ ପାରାବାର
ଏହି ସେ ବିଜୟ ମାଟି
କୋଟି ଦଣ୍ଡବତ ତୋ ପାଦ ପଦ୍ମରେ
ଅକ୍ଷୁର୍ଣ୍ଣ ତୋ ସୁନା ଭେଟି ।

+କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ
ଝାଡଖଣ୍ଡ
ମୋ:୮୩୨୮୯୩୦୫୫୪

## କବିତା କୋଣାର୍କ

### ନିଆଁ ଭିତର ଜୀବନ ..

ଦୀନବନ୍ଧୁ ବେଜ

ପାଳ ଗଦାଟିଏ ଜଳିଗଲେ ପରା
ଚାଷୀର ଆଖିରୁ ବହି ଯାଇଥାଏ
ନଦୀପରି ଲୁହ ଧାର,
ଗୋରୁ ଗାଈଙ୍କର ସାଇତା ଆହାର
ବରଷ ଯାକକୁ ନିଶ୍ଚିନ୍ନ ହୋଇଲେ
ଭରେ ଘନଘଟା ଅନ୍ଧାର ।

ବୋଧେ ହସଖୁସିର ଏହି ସଂସାର
ମାଗି ଆଣିଥିବା ତୁଣନୁଣ ସଡ଼କେ
ସମୁଦ୍ରରୁ ଶଙ୍ଖେ ପାଣିପରି,
ଜଳିଗଲେ ଗଛ ବିଜୁଳି ଆଘାତେ
ବ୍ୟସ୍ତ ବିବ୍ରତରେ ଆନମନ ହୋଇ
ଦୁଃଖରେ ହୃଦୟ ଯାଏଭରି ।

ଜଳିଗଲେ ଜଙ୍ଗଲ ନକହିବା ଭଲ
ଅନ୍ତର ଦୁଃଖ ଆତ୍ମା ବିଳାପର କଥା
ଜଦି ଜଳିବ ଅଭୟାଅରଣ୍ୟ,
ଭାଙ୍ଗିଯିବ ତାଙ୍କ ହସଖୁସି ବିଚରଣ
ପରିସଂସ୍ଥାର ଏହି ମର୍ମନ୍ତୁଦ ଘଟଣା
ଭାବ ନାହିଁ କେବେ ନଗଣ୍ୟ ।

ଶିମିଳିପାଳ ଆମ ଅସ୍ମିତାର ସ୍ୱୀକୃତି
ତାକୁ ସୁରକ୍ଷିତ ରଖିବା ଆମ ଦାଇତ୍ୱ
ଆମ ସାମର୍ଥର ପରିଚିତି,
କର ଉତ୍କଳୀୟ ହୃଦୟରୁ ଅଙ୍ଗୀକାର
ମିଳିମିଶି କରିଲେ ଏହାର ମୁହାଁମୁହିଁ
ଘୁଞ୍ଚିବ ନିଶ୍ଚେ ସବୁ ବିପତ୍ତି ।

+ମାଲକାନଗିରି
ମୋ: ୭୬୮୩୯୨୦୨୨୧

### ଜୀବନ ଆଶ୍ରୟ ..

ବୈଷ୍ଣବ ମେହେର

ଜୀବନ ଚରିତ୍ରକୁ ଚରିତାର୍ଥ
କରିବା ପାଇଁ...
କରୁଅଛି ମୁଁ କେତେ ଅଭିନୟ,
ବଡ଼ବଡ଼ିଆଙ୍କ ସାଙ୍ଗେ ଅଯଥା
ସାଥି ହୋଇ,
ଭୁଲିଯାଉଛି ପ୍ରକୃତ ଅର୍ଥର ମୂଲ୍ୟ ।

ସେଦିନ ପରି ଆଜିବି
ମୋ ଦେହେ...
ସଂଚାରିତ ହଉଛି ଲାଲ୍ ରକତ,
ଫରକ୍ ଏତିକି...
ମୋହ ମାୟାର ମାୟାଜାଲ ମଧ୍ୟେ,
ଭୁଲିଯାଇଛି ଆପଣା ଆଉ ପର ।

ନିଜ ସମ୍ପର୍କର ରକ୍ତ ଆଜି ଶ୍ୱେତ,
ପରାଶ୍ରୟେ ମୁଁ ଅନବରତ ଆସକ୍ତ,
ପରିଚୟ ଭୁଲି ସମାଜେ
ଆଜି କଳଙ୍କିତ,
ପାସୋରି ଦେଇଛି ବାଲ୍ୟ ଆଶ୍ରୟ ।

ଯୋଉ ହାତ ଧରି ଶିଖିଲି ଚାଲି,
ସେ ହାତ ଆଜି
ମୋ ହାତ ଖୋଜୁଛି,
ଏଇ ହାତରେ ତ ମାୟାର ଶିକୁଳି,
ବାଛଲ୍ୟ ମମତା ବୁଝିବ କାହିଁ ?

+ଗଣ୍ଡାବାହାଲି
ନୂଆପଡ଼ା

### ମୂହୁର୍ତ୍ତ ..

ଶାନ୍ତନୁ କୁମାର ସର

ଜନ୍ମରୁ ଜରା ପର୍ଯ୍ୟନ୍ତ
ଖୋଜିଲେ ବି ଶବ୍ଦଟିଏ ମିଳେନାହିଁ,
କିନ୍ତୁ, କେଉଁ ମୁହୂର୍ତ୍ତରେ
ଶବ୍ଦଟିଏ ପ୍ରକଟିତ ହୁଏ,
ଶରାହତ କ୍ରୌଞ୍ଚପକ୍ଷୀ
ଓ ମୁହୂର୍ତ୍ତର ବିଷାଦ
ପ୍ରଥମ କବିତା ହୋଇ ବହିଯାଏ।
ଶବ୍ଦ ସବୁ ଅସମର୍ଥ
ହୃଦୟର କଥା କହିବାକୁ
ରଙ୍ଗ ସବୁ ଶକ୍ତିହୀନ
ହୃଦୟର ଚିତ୍ର ଆଙ୍କିବାକୁ,
ମୁହୂର୍ତ୍ତର ନିରବତା ହିଁ ଯଥେଷ୍ଟ,
ମୁହୂର୍ତ୍ତ କ ଚାହାଣୀରେ ହୃଦୟ
ଦିଆନିଆ ହୁଏ,
ମୁହୂର୍ତ୍ତରେ ନୀଳଈର୍ଷା
ଦଗ୍ଧିଭୁତ କରିଦିଏ,
କାମନାର ଇନ୍ଦ୍ରଧନୁ
ଓ ବିଶ୍ୱାସର ସବୁଜ ଭୂଖଣ୍ଡ।
ରକ୍ତସ୍ରାବି ହୃଦୟର ଶେଷ କଥା
କହିବାକୁ ମୁହୂର୍ତ୍ତର
ଦୀର୍ଘଶ୍ୱାସ ହିଁ ଯଥେଷ୍ଟ।
ହଠାତ୍ ଏକ ମୂହୁର୍ତ୍ତ ବି
ଆସିଯାଇ ପାରେ ,
ପାଷାଣରୁ ନରସିଂହ
ଓହ୍ଲାଇ ଆସିବେ,
ଜଳିଯିବ ଏ ସଭା,
ଜଳିଯିବ କାମନା ବାସନା,
ଏ ସଭାର ପାଉଁଶରୁ ପୁଣି
ଏକ ମୁହୂର୍ତ୍ତରେ ଜୀବଟିଏ
ଜନ୍ମନେଇ ପାରେ ।

+ପ୍ରାକ୍ତନ ଅଧକ୍ଷ ଅନୁଗୁଳ କଲେଜ,
ଅନୁଗୁଳ

## ଦୋକାନରୁ ଚୋରି ଅଭିଯୋଗ

କୋରେଇ,୧୬।୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତର ତାଜପୁର(ପାଣିକୋଇଲି କୋରାଇ ରୋଡ ରାସ୍ତା କଡ) ଠାରେ ଏକ ଗ୍ୟାରେଜ ଓ ତେଜରାତି ଦୋକାନରୁ ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଛି । ପୁଲିସ ଏକ ମାମଲା ୮୯/୨୧ ରୁଜୁ ତଦନ୍ତ ଜାରି ରଖିଛି । ପ୍ରକାଶଯେ ତୋଜପୁର ମୌଜାର ପାଣିକୋଇଲି ରଗଡି ରାସ୍ତ କଡରେ ତାଜପୁର ଗ୍ରାମର ସନାତନ ବେହେରାଙ୍କ ପୁଅ ରଜତ, ଚକ୍ରଧର ପୁରୀଙ୍କ ପୁଅ ବାସୁଦେବଙ୍କ ଗ୍ୟାରେଜ ଓ ତେରାତି ଦୋକାନ ଥିବା ବେଳେ କୃଷ୍ଣ ବେହେରାଙ୍କ ପୁଅ ଦୋକାନ ପାଇ ଘର ତିଆରି କରୁଛନ୍ତି । ସେମାନଙ୍କ ଅଭିଯୋଗ ମୁତାବକ ସବୁ ଦିନ ପରି ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ମାତ୍ର ସକାଳୁ ଆସି ଦେଖିବାରୁ ସେମମାନଙ୍କ ଗ୍ୟାରେଜ ଓ ତେଜରାତୀ ଦୋକାନରୁ ଚାବି ଭଙ୍ଗା ଯାଇ ସମସ୍ତ ଆସବାସ ପତ୍ର ଚୋରି ହୋଇଛି ଓ ନୂଆ ଘର ଭଙ୍ଗାଯାଇଛି । ସେଏନେଇ ଥାନାରେ ଅଭିଯୋଗ କରିବା ସହ ତାଜପୁର ମୁଣ୍ଡା ସାହିର କାଳୁର ମୁଣ୍ଡାଙ୍କ ସହିତ ଟଙ୍କା ନେଣଦେଣକୁ ନେଇ ଶତ୍ରୁତା ଥିଲା । ତାହା ଦ୍ୱାରା ଏହି କାଣ୍ଡ ଘଟିବାର ଅନୁମାନ କରି ଅଭିଯୋଗ କରାଯାଇଛି । ପୁଲିସ ଏକ ମାମଲା ୮୯/୨୧ ରୁଜୁ କରି ତଦନ୍ତ ଜାରି ରଖିଛି ।

## କୃଷି ଓଡ଼ିଶା ଉଦ୍‌ଘାଟିତ

ଭୁବନେଶ୍ୱର ,୧୬।୩ (ନି.ପ୍ର): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଫିକି ଆନୁକୂଲ୍ୟରେ ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ଆରମ୍ଭ ହୋଇଛି ୫ ଦିନିଆ ରାଜ୍ୟସ୍ତରୀୟ 'କୃଷି ଓଡ଼ିଶା-୨୦୨୧'। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହାକୁ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି କାର୍ଯ୍ୟକ୍ରମରେ ୧୦ଟି ବିଷୟବସ୍ତୁକୁ ନେଇ ପାଠଶାଳା ଆୟୋଜନ କରାଯିବ। ଚାଷୀ, କୃଷି ଉଦ୍ୟୋଗୀ ଏବଂ କୃଷି ବିଜ୍ଞାନୀମାନଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହେବ। କୃଷି ଓଡ଼ିଶାରେ ଏଥର ୧୬୦ଟି ମଣ୍ଡପରେ କୃଷି, ଉଦ୍ୟାନ କୃଷି, ମୃତିକା ସଂରକ୍ଷଣ, ଜଳଛାୟା ମିଶନ, ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ଆଦି ବିଭାଗ ପକ୍ଷରୁ ପ୍ରଦର୍ଶନୀ କରାଯାଉଛି । ଏଥର କୃଷି ଓଡ଼ିଶାରେ ମିଲେଟ୍ ମିଶନ୍ ଏବଂ ମିଶନ ଶକ୍ତି ପକ୍ଷରୁ ସ୍ୱତନ୍ତ୍ର ପ୍ରଦର୍ଶନୀ କରାଯାଉଛି । ବୈଷୟିକ ଜ୍ଞାନକୌଶଳ, ନୂଆ ନୂଆ କୃଷି ଯନ୍ତ୍ରପାତି ଏବଂ ବଜାର ସୁବିଧା ସମ୍ପର୍କରେ ସୂଚନା ଦେବା ପାଇଁ ପ୍ରତିବର୍ଷ 'କୃଷି ଓଡ଼ିଶା' ଆୟୋଜନ କରାଯାଉଛି । ଏ ବର୍ଷ କୃଷି ଓଡ଼ିଶାର ଥିମ୍ – ସମନ୍ୱିତ ଚାଷ : ଚାଷୀଙ୍କ ବିକାଶ ରହିଥିବା ବେଳେ ମାସ୍କଟ୍ ରହିଛି 'ପାଳଛତୁ'। ଏହି ମେଗା କୃଷି ପ୍ରଦର୍ଶନୀ ମାର୍ଚ୍ଚ ୧୫ରୁ ୧୯ ଯାଏଁ ଚାଲିବ।

## ପୂର୍ବ ଶତୃତାରୁ ଗୁଳିମାଡ଼ : ଜଣେ ଆହତ, ୫ ଅଟକ

ଗଞ୍ଜାମ, ୧୫ ମାର୍ଚ୍ଚ (ହି.ସ.)- ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗୋଷାଣୀ ନୂଆଗାଁ ଥାନା ଅନ୍ତର୍ଗତ ଖଜୁରିଆ ଗ୍ରାମରେ ଗତକାଲି ସଂନ୍ଧ୍ୟାରେ ଘଟିଯାଇଛି ଗୁଳିକାଣ୍ଡ । ଦୁର୍ବୃତଙ୍କ ଗୁଳିମାଡ଼ରେ ସେହି ଗ୍ରାମର ଗୌରହରି ପ୍ରଧାନ ଓରଫ ହିନ ଗୁରୁତର ଆହତ ହୋଇଛନ୍ତି । ୫ ଜଣ ଦୁର୍ବୃତ ଗୁଳିକାଣ୍ଡରେ ସାମିଲ୍ ଥିବା ସୂଚନା ମିଳିଛି । ହିନଙ୍କ ଅଂଟାରେ ଗୋଟିଏ ଗୁଳି ବାଜିଛି । ପୋଲିସ ୫ ଅଭିଯୁକ୍ତଙ୍କୁ ଥାନାକୁ ପଚରା ଉଚୁରା ଚଳାଇଛି । ସୂଚନା ଅନୁଯାୟୀ, ନୂଆ ଖଜୁରିଆ ଗ୍ରାମ ଏକ ଚା ଦୋକାନରେ ବସି ଚା ପିଉଥିବା ବେଳେ ଦୁର୍ବୃତ ମାନେ ତାଙ୍କୁ ସେଠାରେ ଧମକ ଚମକ ଦେବା ସହ ଗୁଳି ମାଡ଼ କରିଥିଲେ । ହିନଙ୍କ ଉପରକୁ ସେମାନେ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ । ସେଥିମଧରୁ ଗୋଟିଏ ଗୁଳି ତାଙ୍କ ଅଂଟାରେ ବାଜିଥିଲା । ପୋଲିସ ଘଟଣାସ୍ଥଳରେ ପହଂଚି ଆହତ ହିନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା । ଅଭିଯୁକ୍ତ ମାନଙ୍କୁ ପୋଲିସ କାବୁ କରି ଘଟଣାର ତଦନ୍ତ ଚଳାଇଛି । ପୂର୍ବ ଶତୃତା କାରଣରୁ ଏହି ଗୁଳିକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ।

## ରାଜ୍ୟ ସ୍ତରୀୟ ଚିତ୍ରକର୍ମଶାଳାରେ ଦୃଷ୍ଟି ଆକର୍ଷଣ କଲା ଶିଳ୍ପୀ କେଶୁଦାସଙ୍କ ଜଉଚିତ୍ର

### ଜଉଚିତ୍ର ଭାରତୀୟ କଳା ଜଗତର ଆଶାର ଆଲୋକ



ବାଲେଶ୍ୱର,୧୬।୩ (ନି.ପ୍ର): ଲାୟନ୍ସ କ୍ଲବ ବୁର୍ଲା ପ୍ରଗତି ଦ୍ୱାରା ବୁର୍ଲାରେ ପ୍ରଥମ ଥର ଦୁଇ ଦିନିଆ ଏକ ରାଜ୍ୟ ସ୍ତରୀୟ ଚିତ୍ର କର୍ମଶାଳା ଗତ ୧୩ ଓ ୧୪ ତାରିଖରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବରିଷ୍ଠ ଓ ଯୁବ ଚିତ୍ରଶିଳ୍ପୀମାନେ ଯଥା ବିନୋଦ ମହାରଣା, ରବିନାରାୟଣ ରଥ, ଗୌରାଙ୍ଗ ବାରିକ, ବୃନ୍ଦାବନ ମହାରଣା, ବିଜୟ ପ୍ରଧାନ, ପ୍ରଣବ ଅଖଣ୍ଡ, ପ୍ରଭାତ ରାଉତରାୟ, କେଶୁଦାସ, ନିତ୍ୟାନନ୍ଦ ସାହୁ, ଅଶୋକ ପଟ୍ଟନାୟକ, ଲିପିଶ୍ରୀ ନାୟକ, ସବିତା ପଣ୍ଡା, ରାଜକିଶୋର ମହାରଣା, ଶଶଧର ପତି, ଜନାର୍ଦ୍ଦନ ପରମଗୁରୁ, ଶୁଭଙ୍କର ତରଫଦାର, ମାନସ ରଞ୍ଜନ ପତି, ମୁକ୍ତିପଦ ନନ୍ଦୀ, ନୃସିଂହ ନାୟକ, ପବିତ୍ର ମୋହନ ଶତପଥୀ, ଆର ସୁନୀଲ କୁମାର, ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରି ନିଜ ନିଜ ଶୈଳୀରେ ସୁନ୍ଦର ସୁନ୍ଦର ଚିତ୍ର ଅଙ୍କନ କରିଥିଲେ । ଏଥିରେ ବାଲେଶ୍ୱରରୁ ଶିଳ୍ପୀ କେଶୁଦାସ ସହ ନିତ୍ୟାନନ୍ଦ ସାହୁ ଓ ମୁକ୍ତିପଦ ନନ୍ଦୀ ଯୋଗ ଦେଇ ସୁନ୍ଦର କଳାତ୍ମକ ଚିତ୍ର ଆଙ୍କି ପ୍ରଦର୍ଶନ କରିଥିଲେ । ନିତ୍ୟାନନ୍ଦ ସାହୁ ଏକ୍ରାଲିକ ରଙ୍ଗରେ 'ଗୋଲଡେନ ବାର୍ଡ ଓ ସିଲଭର ଏରୋ' ଶୀର୍ଷକ ସୁନ୍ଦର ଆଧୁନିକ ଶୈଳୀରେ ଆଙ୍କିଥିବା ବେଳେ ଯୁବ ଶିଳ୍ପୀ ମୁକ୍ତିପଦ ନନ୍ଦୀ ମଧ ଏକ୍ରାଲିକ ରଙ୍ଗରେ ଆକର୍ଷଣୀୟ ଏକ ପ୍ରାକୃତିକ ଚିତ୍ର ଆଙ୍କି ପ୍ରଦର୍ଶନ କରିଥିଲେ । କର୍ମଶାଳାର ସମସ୍ତ ଶିଳ୍ପୀ କେନଭାସ ଉପରେ ଏକ୍ରାଲିକ ରଙ୍ଗରେ ଚିତ୍ର ବିଭିନ୍ନ ଚିନ୍ତା ଚେତନା ଓ ଶୈଳୀରେ କରିଥିବା ବେଳେ ଶିଳ୍ପୀ କେଶୁଦାସ କେନଭାସ ଉପରେ ଜଉରଙ୍ଗରେ ପେଣ୍ଟିଂ କରିଥିଲେ । ଭାରତୀୟ ଜଉରଙ୍ଗ ପେଣ୍ଟିଂର ଜନକ ଶିଳ୍ପୀ କେଶୁଦାସ ତାଙ୍କ ପେଣ୍ଟିଂରେ ଜଉକୁ ଗରମ ଓ ଥଣ୍ଡା କରି ଏକ ନୂତନ କୌଶଳରେ ଦୁଇ ଦିନରେ ଝଭିକ୍ଟୋରୀ ଅଫ ଲାକର ବା ଜୟ ହୋ ଜଉଝ ଶୀର୍ଷକ ଏକ ଆକର୍ଷଣୀୟ ଓ ଉଜ୍ଜ୍ୱଳ ପେଣ୍ଟିଂ କରି ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ । ଓଡ଼ିଶାର ବିଶିଷ୍ଟ ଭାସ୍କର୍ଯ୍ୟଶିଳ୍ପୀ ତଥା ଓଡ଼ିଶା ଲଳିତ କଳା ଏକାଡେମୀର ପୂର୍ବତନ ସଚିବ ରବିନାରାୟଣ ରଥ ଜଉ ପେଣ୍ଟିଂର କଳା କୌଶଳ ଦେଖି କହିନ୍ତି - 'ମୁଁ କେଶୁଦାସଙ୍କ ଜଉ ପେଣ୍ଟିଂ କଥା ଶୁଣିଥିଲି, ହେଲେ ଆଜି ପ୍ରଥମ ଥର ଆଖିରେ ଦେଖି ଜାଣିପାରୁଛି ଯେ ଦିନେ ଏ ଜଉ ପେଣ୍ଟିଂ ଭାରତୀୟ ଚିତ୍ରକଳାରେ ଏକ ନୂତନ ଛାପ ପକାଇବ । ଏହି ଜଉକୁ ନେଇ ନୂଆ ନୂଆ କାମ କରିବାକୁ ଇଚ୍ଛା ହେଉଛି । ନିକଟରେ କଟକରେ ଏକ ଜଉ ପେଣ୍ଟିଂର ପ୍ରଶିକ୍ଷଣ ଓ ପ୍ରଦର୍ଶନୀ ଆୟୋଜନ କରିବି ।' ସେହିପରି ଓଡ଼ିଶାର ଅନ୍ୟତମ ବରିଷ୍ଠ ଚିତ୍ରଶିଳ୍ପୀ ଗୌରାଙ୍ଗ ବାରିକ ମଧ କହନ୍ତି- ଏଭଳି ଏକ ନିଆରା ମାଧ୍ୟମ ଓ କୌଶଳର ଚିତ୍ର ଭାରତରେ କେବଳ କେଶୁଦାସ ହିଁ ଆଙ୍କିବାର ଦେଖିଲି । କର୍ମଶାଳାର କୋର୍ଡିନେଟର ଯୁବଶିଳ୍ପୀ ଶଶଧର ପତି କହନ୍ତି - ଏହି ଜଉ ପେଣ୍ଟିଂ କୁ ଆଗକୁ ଆଗେଇ ନେବା ପାଇଁ ଓଡ଼ିଶା ଲଳିତ କଳା ଏକାଡେମୀ ଆଗେଇ ଆସିବା ଉଚିତ । ଏହା ଓଡ଼ିଶା ପାଇଁ ନୁହଁ, ସାରା ଭାରତ କଳା ଜଗତ ପାଇଁ ଆଶାର ଆଲୋକ । କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲାୟନ୍ସ କ୍ଲବର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ବେଣୁମାଧବ ଦୋରା ଜଉ ପେଣ୍ଟିଂକୁ ହାତରେ ସ୍ପର୍ଶ କରି ଆଚମ୍ବିତ ହେବା ସହ ପ୍ରଥମ ଥର ଏଭଳି ପେଣ୍ଟିଂ ଦେଖିବାର ସୁଯୋଗ ପାଇ ଧନ୍ୟ ହେଲି ବୋଲି କହିଲେ । ଜାତୀୟ ଓ ଆନ୍ତର୍ଜାତିୟ ଚିତ୍ର କର୍ମଶାଳା ଆୟୋଜକ ଯୁବ ଚିତ୍ରଶିଳ୍ପୀ ମୁକ୍ତିପଦ ନନ୍ଦୀ କହନ୍ତି - ଭାରତୀୟ ଜଉ ପେଣ୍ଟିଂ ଆଗାମୀ ଦିନରେ ଆନ୍ତର୍ଜାତିୟ ସ୍ତରରେ ବହୁତ ପ୍ରଭାବ ପକାଇବାର କ୍ଷମତା ରହିଛି । ଏହାକୁ ସଠିକ ଢଙ୍ଗରେ ଭାରତ ସରକାର ଉପସ୍ଥାପନ କରିବା ଦରକାର । ଏହାଛଡା କର୍ମଶାଳାର ସମସ୍ତ ଆୟୋଜକ ଓ ଶିଳ୍ପୀମାନେ ଜଉ ପେଣ୍ଟିଂର ଭୂୟସି ପ୍ରଶଂସା କରିଥିଲେ ।

## ଆମ୍ବାଗୁଡା ଫାଣ୍ଡିକୁ ଥାନା କରିବା ଦାବିରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଜୟପୁର,୧୬।୩ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଆମ୍ବାଗୁଡା ଫାଣ୍ଡିକୁ ଥାନା କରିବା ଦାବି ଜୋର୍ ଧରିଲା । ଜୟପୁର ସଦର ଥାନା ଅଧିନରେ ବହୁତ ଗ୍ରାମ ରହିଥିବା ବେଳେ ଆମ୍ବାଗୁଡାକୁ ଥାନା କଲେ ଅଂଚଳ ବାସୀ ଉପକୃତ ହେବା ସହ ଅପରାଧ ମଧ ନିୟନ୍ତ୍ରଣ ହୋଇପାରିବ । ଏଣୁ ଜୟପୁର ସଦର ଥାନା ଅନ୍ତର୍ଗତ ଆମ୍ବାଗୁଡା ଫାଣ୍ଡିକୁ ତୁରନ୍ତ ଥାନା କରିବାକୁ ଦାବୀ ଜୋର୍ ଧରିଛି । ଏନେଇ ଉପ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗତ ୨ ମାସ ତଳେ ଦାବୀ ପତ୍ର ପ୍ରଦାନ କରାଯାଇଥିଲା । କିଛି ସୁଫଳ ନମିଳିବାରୁ ଆଜି ସମାଜସେବି ବି ହରିବାବୁଙ୍କ ନେତୃତ୍ୱରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଛି । ଏନେଇ ଉପ ଜିଲାପାଳ ହେମକାନ୍ତ ସାୟ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ । ଏନେଇ ସେ ଏସପିଙ୍କ ସହ ଆଲୋଚନା କରିଛନ୍ତି । ରାଜ୍ୟ ସରକାରଙ୍କୁ ମଧ ଏନେଇ ଅବଗତ କରାଯାଇଥିବା କହିଥିଲେ । ପରେ ବିକ୍ଷୋଭକାରୀ ମାନେ ଆନ୍ଦୋଳନରୁ ଓହରି ଥିଲେ । ଗ୍ରାମବାସୀ ମାନେ ଅଭିଯୋଗ କରିଥିଲେ ଯେ, ଆମ୍ବାଗୁଡା ଫାଣ୍ଡି ନିକଟ ୧୦ଟି ପଚାଂୟତ ତଥା ଆମ୍ବାଗୁଡା, କୁମୁଲିପୁଟ, ହାଡିଆ, ରଣ୍ଡାପାଲ୍ଲି, ଜାମୁଣ୍ଡା, କେବିଡି, କଙ୍ଗା, ପୁଜାରିପୁଟ, ରାଣି କେବିଡିର ଏହି ପଚାଂୟତ ଅଧିନରେ ୪୦ ହଜାରରୁ ଅଧିକ ଗ୍ରାମବାସୀ ବସବାସ କରନ୍ତି । ଏବଂ ଏହି ଅଂଚଳ ଗୁଡିକରେ ଅନେକ ସମୟରେ ଚୋରି, ଡକାୟତି ଓ ଆସାମାଜିକ କାର୍ଯ୍ୟକଳାପ , ହତ୍ୟା, ରାସ୍ତା ଦୁର୍ଘଟଣା ଭଳି ଘଟଣା ବାରମ୍ବାର ଘଟୁଥିବା ସତ୍ୱେ ଆମ୍ବାଗୁଡା ଫାଣ୍ଡି ତରଫରୁ ଲୋକେ ତୁରନ୍ତ କୌଣସି ସହାୟତା ପାଇପାରୁ ନାହାଁନ୍ତି । କାରଣ ଏହି ଫାଣ୍ଡି ଆମ୍ବାଗୁଡା ଗ୍ରାମ ଦେଇ ଯାଇଥିବା ଜାତୀୟ ରାଜପଥ ନଂ ୨୬ ରେ ଥିବା ସତ୍ୱେ କେବଳ ୨ରୁ ୩ଟି ପୋଲିସ କର୍ମଚାରୀଙ୍କ ଦ୍ୱାରା କୌଣସି ପ୍ରକାରର ଜନସାଧାରଣଙ୍କ ମଙ୍ଗଳ କାର୍ଯ୍ୟ ହୋଇପାରୁ ନାହିଁ। ଅନେକ ଗ୍ରାମ ଓ ପଚାଂୟତ ଆମ୍ବାଗୁଡା ଫାଣ୍ଡି ନିକଟରେ ଥାଇ ମଧ ବୋରିଗୁମ୍ମା ଥାନା ଅର୍ନ୍ତଭୁକ୍ତ କରାଯାଇଛି । ଫଳରେ କୌଣସି ଘଟଣା ଘଟିଲେ ୧୨ ରୁ ୧୩ କିମି ଦୂରରେ ଥିବା ବୋରିଗୁମ୍ମା ଥାନାକୁ ଯାଇ ଜଣାଇବାକୁ ପଡୁଛି । ସେମାନେ ଆସି ପହଂଚିବା ମଧରେ ଅପରାଧୀ ମାନେ ଅପରାଧ ଘଟାଇ ସେଠାରୁ ଚମ୍ପଟ୍ ମାରୁଛନ୍ତି । କିଛି ଦିନ ତଳେ ଆମ୍ବାଗୁଡା ଫାଣ୍ଡି ନିକଟସ୍ଥ ପ୍ରାୟ ୧ କିମି ଦୂରରେ ଥିବା ଧନସୁନା ଗୁଡା, ଡାଙ୍ଗରା ଓ କେବିଡି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାଖରେ ୨ଟି ହତ୍ୟା ଓ ଡ଼କାୟତି ହୋଇଥିଲା । ଏନେଇ ବୋରିଗୁମ୍ମା ଥାନାକୁ ଜଣାଇବା ପରେ ମଧ ସେମାନେ ଆସିବା ପୂର୍ବରୁ ଅପରାଧି ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । କିନ୍ତୁ ଉକ୍ତ ୧୦ଟି ପଚାଂୟତର ଗ୍ରାମବାସୀ ଦୂରରେ ଥିବା ବୋରିଗୁମ୍ମା କିମ୍ବା ଜୟପୁର ସଦର ଥାନା ଉପରେ ନିର୍ଭର କରିବାକୁ ପଡୁଛି । ଆମ୍ବାଗୁଡାରେ ସରକାରୀ ଇଞ୍ଜିନିୟରିଂ କଲେଜ, ସରକାରୀ ଆଟିଆଇ, ଫାର୍ମାସି କଲେଜ, ଘରୋଇ ଇଞ୍ଜିନିୟରିଂ କଲେଜ, ସରକାରି ମେଡିକାଲ ଗୁଡିକ ରହିଛି । ଏମିତି ଥାନା ନଥିବା ଯୋଗୁଁ ଟ୍ରାଫିକ ବ୍ୟବସ୍ଥା ମଧ ନାହିଁ । ଯଦ୍ୱାରା ବିଭିନ୍ନ ସମମ୍ୟା ଓ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି ଲୋକେ । ତେଣୁ ସରକାର ଆମ୍ବାଗୁଡା ଫାଣ୍ଡିକୁ ଥାନା ଘୋଷଣା କରିବାକୁ ଦାବୀ ହୋଇଛି । ଏନେଇ ସମାଜସେବି ବି. ହରିରାଓଙ୍କ ନେତୃତ୍ୱରେ ୧୦ଟି ପଚାଂୟତ ଗ୍ରାମବାସୀ ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଯଦି ସରକାର ତୁରନ୍ତ ଏହି ଦାବୀ ପୂରଣ ନକେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଆନ୍ଦୋଳନକାରୀ ।

## ଭୀମଭୋଇ ସାମର୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୧୬।୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ଃ ଅନିତା ପଟ୍ଟନାୟକ , ଡାକ୍ତର ନୃପେନ ଶତପଥୀ, ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ସଂଜୀବ ସିଂହ, ସର୍ବଶିକ୍ଷା ଅଭିଯାନର ସଂଯୋଜକ ଦାଶରଥୀ ପରିଡା, ଡିଏସ୍ଏସ୍ଓ ପ୍ରଭାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ୨୦୧୯ରେ ସାଧାରଣ ନିର୍ବାଚନ ୨୦ରେ କୋଭିଡ ମହାମାରୀ ହେତୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରି ନଥିଲା । ଅନ୍‌ଲାଇନରେ ଦରଖାସ୍ତ କରିଥିବା ସମସ୍ତ ଭିନ୍ନକ୍ଷମଙ୍କୁ ତୁରନ୍ତ ୟୁଡିଆଇଡି ସାର୍ଟିଫିକେଟ୍ ଓ ଆବଶ୍ୟକ ସହାୟକ ଉପକରଣ ଯୋଗାଇଦେବା ନିମନ୍ତେ ପୂର୍ବରୁ ସ୍ଥିର ହୋଇଥିବା ପଂଚାୟତ ସ୍ତର ପରିବର୍ତେ ବ୍ଲକ ସ୍ତରୀୟ ଏକ କ୍ୟାମ୍ପ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକ ପଡୁଥିବା ବିଭିନ୍ନ ବିଭାଗର ଡାକ୍ତରଙ୍କୁ ଯୋଗାଡ କରି ଆଣିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଆସନ୍ତା ୨୦/୦୩ ମଧରେ ସେମାନଙ୍କ ସମ୍ମତି ପତ୍ର ପ୍ରଦାନ କରାଯାଇଛି । ତଦନୁଯାୟୀ ପ୍ରତି ବ୍ଲକର ଅପ୍ରେଲ ମାସର ୪ ସପ୍ତାହ ମଧରେ ସପ୍ତାହକୁ ୨ଟି କରି ବ୍ଲକରେ କ୍ୟାମ୍ପ ହେବବୋଲି ସ୍ଥିର କରାଗଲା । ଆସନ୍ତା ୨୫/୦୩ରେ କେନ୍ଦ୍ରାପଡା ବ୍ଲକରେ ଏହି କ୍ୟାମ୍ପ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପତ୍ୟେକ ବ୍ଲକର କେଉଁ ସ୍ଥାନରେ ଏହି କ୍ୟାମ୍ପ ଅନୁଷ୍ଠିତ ହେବ ସେନେଇ ବିଡିଓ ମାନେ ଜିଲ୍ଲା କାର୍ଯ୍ୟାଳୟକୁ ଲିଖିତ ଆକାରରେ ଜଣାଇବାକୁ ନିଷ୍ପତି ନିଆଯାଇଛି ।

## ଫୁଲବାଣୀରେ ନୂତନ ଶିକ୍ଷାନୀତି ୨୦୨୦ ସମ୍ପର୍କିତ କର୍ମଶାଳା

କନ୍ଧମାଳ,୧୬।୩ (ନି.ପ୍ର): ଫୁଲବାଣୀସ୍ଥ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ରାଏ, କୋଲକତା ଓ ସ୍ୱାତୀ, କନ୍ଧମାଳଙ୍କ ମିଳିତ ସହଯୋଗରେ "ନୂତନ ଶିକ୍ଷାନୀତି-୨୦୨୦"ର ଥିବା ସୁଯୋଗ, ସୁବିଧା ଓ ପରିବର୍ ନର ଆବଶ୍ୟକତାକୁ ଗୁରୁତ୍ୱଦେଇ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଯାଉଥିବା ନୂଆ ଶିକ୍ଷାନୀତି-୨୦୨୦ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଯାଉଥିବା ଶିକ୍ଷାନୀତି ଭିତରେ ଥିବା ବ୍ୟବସ୍ଥାଗୁଡ଼ିକ ଉପରେ ବିସ୍ତୃତ ଭାବେ ତର୍ଜମା କରାଯାଇଥିଲା । ଆଗାମୀ ଦିନରେ ଶିକ୍ଷା ବ୍ୟବସ୍ଥାରେ ସରକାର ଏମିତି ଏକ ପରିବର୍ତନ ଆଣିବାକୁ ଚାହୁଁଛନ୍ତି ଯାହା ଭାରତ ଏକ ସାର୍ବଜନୀନ ଶିକ୍ଷା ପ୍ରଣାଳୀରେ ପରିଚାଳିତ ହେବ ଓ ଏହା ଦେଶକୁ ବୃହତ୍ ପରିବର୍ତନ ଆଡ଼କୁ ଆଗେଇ ନେବ ବୋଲି ମଧ ମତବ୍ୟକ୍ତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅ ଳର ଶିକ୍ଷକ ବୃନ୍ଦ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ/ସଦସ୍ୟା, ଶିକ୍ଷାବିତ୍, ଆଇନ୍‌ଜୀବୀ, ପ୍ରଶାସନିକ ଅଧିକାରୀ ସାମାଜିକ କର୍ମୀ ଓ କିଶୋରୀ ବାଳିକା ମାନେ ଯୋଗଦେଇ ନୂଆ ଶିକ୍ଷାନୀତିର ବ୍ୟବସ୍ଥା ଓ ତା'ର ସଠିକ୍ ପରିଚାଳନାକୁ ଗୁରୁତ୍ୱ ଦେଇ ବିଭିନ୍ନ ସମସ୍ୟା ଯଥା : ଆବଶ୍ୟକୀୟ ଭିତିଭୂମିର ବ୍ୟବସ୍ଥା, ଖାଲିଥିବା ପଦବୀ ପୂରଣ, ଭାଷାକୁ ଗୁରୁତ୍ୱ ଦେଇ ଶିକ୍ଷକ ନିଯୁକ୍ତି ଓ ସଠିକ୍ ତାଲିମ୍, ଶ୍ରେଣୀ ଅନୁଯାୟୀ ଶିକ୍ଷକ ଯୋଗାଇବା ସହିତ ଅଭିଭାବକ ଓ ଛାତ୍ର/ଛାତ୍ରୀ ମାନଙ୍କୁ ଭାଗୀଦାରିତାକୁ ବଢ଼ାଇବା । କାର୍ଯ୍ୟକ୍ରମରେ ଆଇନ୍‌ଜୀବୀ ଓ ଶିକ୍ଷାବିତ୍ ବିଜୟକୃଷ୍ଣ ପଟ୍ଟନାୟକ, ଶିଶୁ ମଙ୍ଗଳ ଅଧକ୍ଷ, ଅଶୋକ କୁମାର ବେହେରା, ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘ ଆବାହକ ଅଶୋକ କୁମାର ପରିଡ଼ା, ଫୁଲବାଣୀ ଗୋଷ୍ଠୀ ଶିକ୍ଷାଧିକାରୀ, ସରୋଜ କୁମାର ସେଠୀ ଯୋଗଦେଇ ଆଜିର ସମୟରେ ଶିକ୍ଷାକୁ ସାର୍ବଜନୀନ କରିବାକୁ ହେଲେ ଏହାକୁ ଆହୁରି ତର୍ଜମା କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଏହାସହ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିରେନ୍ଦ୍ର କୁମାର ଦାସ ଯୋଗଦେଇ ଶିକ୍ଷାନୀତି-୨୦୨୦କୁ ଯଦି ସମସ୍ତେ ସଠିକ୍ ଦୃଷ୍ଟିଭଙ୍ଗୀରେ ତର୍ଜମା କରିବେ ତେବେ ଏଥିରେ ଥିବା ସମୂହ ସ୍ୱାର୍ଥ ନିଶ୍ଚିତଭାବେ ପୂରଣ ହୋଇପାରିବ ବୋଲି ମତ ରଖିଥିଲେ । କ୍ରାଏ ତରଫରୁ ଅଜୟ କୁମାର ଓ ନିରାକାର ଉପସ୍ଥିତ ରହି ଶିକ୍ଷାନୀତିରେ ଥିବା ବ୍ୟବସ୍ଥା ଗୁଡ଼ିକ ବିଷୟରେ ପୁଙ୍ଖାନୁପୁଙ୍ଖଭାବେ ଅବଗତ କରାଇବା ସହ କନ୍ଧମାଳ ଜିଲ୍ଲା ହିସାବରେ ଶିକ୍ଷାନୀତିର ବ୍ୟବସ୍ଥାରେ କି କି ପରିବର୍ତନର ଆବଶ୍ୟକତା ରହିଛି ତାହା ଦଳଗତ ଆଲୋଚନା କରି ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ, ପ୍ରଦୀପ କୁମାର ସ୍ୱାଇଁ, ବିଶ୍ୱରଞ୍ଜନ କର, ମାଣିକ ବେହେରା, ମିନାକ୍ଷୀ ସାହାଣୀ ଓ ବୈଦ୍ୟନାଥ ଖଟୁଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ମଣ୍ଡିରେ ଧାନ କିଣାନଯିବା ପ୍ରତିବାଦରେ ଚାଷୀଙ୍କ ରାସ୍ତାରୋକ

କେନ୍ଦୁଝର,୧୬।୩ (ନି.ପ୍ର): ମଣ୍ଡିରେ ଧାନ କିଣାନଯିବା ପ୍ରତିବାଦରେ ତେଲକୋଇ ବ୍ଲକର ଜଗମୋହନପୁର ଠାରେ ଧାନ ବସ୍ତା ରଖି ୪୯ ନଂ ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି ଚାଷୀ । ଫଳରେ ସମ୍ପୃକ୍ତ ରୁଟ୍ ରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳା ବ୍ୟାହତ ହୋଇଛି ।

## ଗୁଜୁରାଟ ବିଧାନସଭାକୁ ଟି-ସାର୍ଟ ପିନ୍ଧି ଆସିବା ଯୋଗୁଁ କଂଗ୍ରେସ ବିଧାୟକ ବିମଲ ତିନି ଦିନ ପାଇଁ ନିଲମ୍ବିତ

ଗାନ୍ଧୀନଗର,୧୬।୩ (ନି.ପ୍ର): କଂଗ୍ରେସ ବିଧାୟକ ଟି-ସାର୍ଟ ପିନ୍ଧି ଗୁଜୁରାଟ ବିଧାନସଭା ଗୃହକୁ ଆସିଥିଲେ ସେତେବେଳେ ବିଧାନସଭା ବାଚସ୍ପତି ତାଙ୍କୁ ଗୃହରୁ ବାହାର କରିଦେଇଥିଲେ । ଏହା ପରେ କଂଗ୍ରେସ ବିଧାୟକଙ୍କୁ ତିନି ଦିନ ପାଇଁ ସ୍ଥଗିତ ରଖିବାକୁ ପ୍ରସ୍ତାବ ଆସିଥିବା ବେଳେ ବିଧାନସଭାରେ ହଙ୍ଗାମା ସୃଷ୍ଟି ହୋଇଥିଲା ।ବାସ୍ତବରେ ସୋମବାର ବିଧାନସଭାରେ ଚାଲିଥିବା ପ୍ରକ୍ରିୟା ସମୟରେ ଟି-ସାର୍ଟ ପିନ୍ଧି କଂଗ୍ରେସ ବିଧାୟକ ବିମଲ ଚୁଡ଼ାସମା ବିଧାନସଭାକୁ ଆସିଥିଲେ । ଏହା ଉପରେ ବିଧାନସଭା ବାଚସ୍ପତି ରାଜେନ୍ଦ୍ର ତ୍ରିବେଦୀ ବିଧାୟକ ବିମଲ ଚୁଡ଼ାସାମାଙ୍କୁ ଗୃହରୁ ବାହାରିଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପୂର୍ବରୁ ବିଧାନସଭା ବାଚସ୍ପତି ରାଜେନ୍ଦ୍ର ତ୍ରିବେଦୀ ବିଧାୟକଙ୍କୁ ଟି-ସାର୍ଟ ପିନ୍ଧିବାକୁ ବାରଣ କରିଥିଲେ । ଏଥିପାଇଁ ବିଧାୟକ ବିମଲ ଚୁଡ଼ାସାମା କହିଛନ୍ତି ଯେ, ମୁଁ ମଧ୍ୟ ମୋ ନିର୍ବାଚନ ମଣ୍ଡଳୀରେ ଟି-ସାର୍ଟ ପିନ୍ଧିଛି । ମୁଁ ଜଣେ କଂଗ୍ରେସ ବିଧାୟକ, ତେଣୁ ମୁଁ ଟି-ସାର୍ଟ ପିନ୍ଧିଥିବାରୁ ବିରୋଧ କରାଗଲା । ବିମଲ ଚୁଡ଼ାସାମା ବିଧାନସଭା ବାଚସ୍ପତିଙ୍କୁ ପଚାରିଛନ୍ତି ଯେ, ଏହି ଭଳି ଟି-ସାର୍ଟ ଭାଜପା ବିଧାୟକ ପିନ୍ଧିଛନ୍ତି ତାଙ୍କୁ କାହିଁକି ବିରୋଧ କରାଯାଉନାହିଁ । ଡ୍ରେସ ପ୍ରସଙ୍ଗରେ ଗୃହରେ ସମ୍ମାନ ରକ୍ଷା କରାଯିବା ଉଚିତ ବୋଲି ବାଚସ୍ପତି କହିଛନ୍ତି । ବାଚସ୍ପତିଙ୍କ ଆଦେଶ ପରେ ବିଧାନସଭା ସର୍ଜେଂଟ ମାନେ ବିଧାୟକ ଚୁଡ଼ାସାମାଙ୍କୁ ବିଧାନସଭାରୁ ବାହାର କରିଦେଇଥିଲେ । କଂଗ୍ରେସ ବିଧାୟକଙ୍କୁ ଗୃହରୁ ହଟାଇବା ପରେ ଗୃହମନ୍ତ୍ରୀ ପ୍ରଦୀପ ସିଂ ଜାଡ଼େଜା ବିଧାୟକ ଚୁଡ଼ାସାମଙ୍କୁ ତିନିଦିନ ପାଇଁ ଗୃହରୁ ନିଲମ୍ବନ କରିବାକୁ ପ୍ରସ୍ତାବ ଦେଇଥିଲେ । ଏହାକୁ କଂଗ୍ରେସ ବିରୋଧ କରିଥିଲା ଏବଂ ବିଧାନସଭାରେ ଉତେଜନା ଦେଖାଦେଇଥିଲା । ଏହା ସତ୍ୱେ କଂଗ୍ରେସ ବିଧାୟକ ବିମଲଙ୍କୁ ତିନି ଦିନ ପାଇଁ ନିଲମ୍ବନ କରିବାକୁ ଗୃହ ଏକ ପ୍ରସ୍ତାବ ପାରିତ କରିଛି ।

## ଭାର୍ଗବୀ ନଦୀ ଉପରେ ପୋଲ ଏବଂ ସୁନାମୁହିଁ ନଦୀରେ ଲୁଣାପାଣି ନିୟନ୍ତ୍ରଣ ସ୍ଲୁଇସ୍ ନିର୍ମାଣ ଉପରେ ସଂଜୟ ଦାଶ ବର୍ମାଙ୍କ ଗୁରୁତ୍ୱ

### ଅବଶିଷ୍ଟ କାମକୁ ଓ.ସି.ସି. ମାଧ୍ୟମରେ ପୂର୍ଣ୍ଣାଙ୍ଗ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୬।୩ (ନି.ପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ ମାଳିସାହି ନିକଟରେ ଭାର୍ଗବୀ ନଦୀ ଉପରେ ନିର୍ମାଣଧିନ ପୋଲର ପୂର୍ଣ୍ଣାଙ୍ଗ ଏବଂ ସୁନାମୁହିଁ ନଦୀରେ ଲୁଣାପାରି ନିୟନ୍ତ୍ରଣ ସ୍ଲୁଇସ୍ ନିର୍ମାଣ ଉପରେ ଯୋଜନା ବୋର୍ଡ଼ର ଉପାଧକ୍ଷ ସଂଜୟ ଦାଶବର୍ମା ଗୁରୁତ୍ୱ ଆରୋପ କରିଛନ୍ତି । ଏଥିପାଇଁ ଆଜି ରାଜ୍ୟ ଲୋକସେବା ଭବନଷର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହି ନିର୍ମାଣଧିନ ପୋଲର ଅଗ୍ରଗତି ବିଷୟ ସମୀକ୍ଷା କରି ଅବଶିଷ୍ଟ କାମକୁ ଓଡ଼ିଶା ନିର୍ମାଣ ନିଗମ (ଓ.ସି.ସି.) ମାଧ୍ୟମରେ ତୁରନ୍ତ ଶେଷ କରିବାକୁ ଜଳ ସମ୍ପଦ ବିଭାଗ ଯନ୍ତ୍ରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ଣ୍ଣାଙ୍ଗ ଓ ବ୍ୟବହାର ଉପଯୋଗୀ ନିମନ୍ତେ ଆବଶ୍ୟକ ପଡୁଥିବା କାମର ବୈଷୟିକ ଓ ଆର୍ଥିକ ଆକଳନ ଆଦି ଶେଷ କରି ମାର୍ଚ୍ଚ ମାସ ଶେଷ ସୁଦ୍ଧା ଟେଣ୍ଡର କରିବା ନିମନ୍ତେ ଶ୍ରୀ ମହାପାତ୍ର କାର୍ଯ୍ୟ ଖସଡ଼ା ଧାର୍ଯ୍ୟ କରିଥିଲେ । ସେହିପରି ସୁନାମୁହିଁ ନଦୀକୁ ଲୁଣାଜଳ ପ୍ରବେଶ ନିୟନ୍ତ୍ରଣ ସହ ନଦୀରେ ଥିବା ମଧୁରଜଳର ଜଳସେଚନ ପାଇଁ ବ୍ୟବହାର ବିଷୟରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା । ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ ନରସିଂହପାଟଣାଠାରେ ଏହି ସ୍ଲୁଇସ୍ ନିର୍ମାଣ ଅଧିକ ସୁବିଧାଜନକ ଓ ଫଳପ୍ରସୁ ହେବ ବୋଲି ଆଲୋଚନାରୁ ଜଣାପଡ଼ିଥିଲା । ଏହି ସ୍ଲୁଇସ୍ ବାଲିହରଚଣ୍ଡୀ ଦିଗରୁ ଆସୁଥିବା ଲୁଣାପାଣିକୁ ରୋକିବ । ଏହି କାମ ନିମନ୍ତେ ବୈଷୟିକ ଆକଳନ ଓ ଡିଜାଇନ୍ ଆଦି ୧୦ ଦିନ ମଧ୍ୟରେ ଶେଷ କରିବା ସହ ଟେଣ୍ଡର ପ୍ରକ୍ରିୟା ଆରମଭ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ପୂର୍ବରୁ ପ୍ରସ୍ତାବିତ ଏବଂ ଅନୁମୋଦିତ ଏହି ସ୍ଲୁଇସ୍ ନିର୍ମାଣ ହେଲେ ଅମ୍ବପଡ଼ା ଓ ଗୋରୁଆଳ ପଂଚାୟତର ଚାଷୀମାନେ ବିଶେଷଭାବେ ଉପକୃତ ହେବେ ଏବଂ ହଜାରହଜାର ଏକର ଚାଷଜମିରେ ଉଭୟ ଖରିଫ୍ ଓ ରବିଚାଷ ଭଲଭାବରେ ହୋଇପାରିବ ବୋଲି ଉପାଧ୍ୟକ୍ଷ ଶ୍ରୀ ଦାଶ ବର୍ମା କହିଥିଲେ । ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚବ ଅନୁଗର୍ଗ ଏହି ଦୁଇଟି ପ୍ରକଳ୍ପର ଆବଶ୍ୟକତା, ଅନୁମୋଦନ, ଆର୍ଥିକ ଓ ପ୍ରଶାସନିକ ଦିଗ ସମ୍ବନ୍ଧିତ ସଦ୍ୟତନ ତଥ୍ୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଜଳସମ୍ପଦ ବିଭାଗର ବରିଷ୍ଠ ଯନ୍ତ୍ରୀମାନଙ୍କ ସହ ରାଜ୍ୟ ଯୋଜନା ବୋର୍ଡ଼ର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସ୍ୱଳ୍ପ ସଂଚୟ ଯୋଜନା ଏଜେଣ୍ଟମାନଙ୍କ ଦିନିକିଆ କର୍ମଶାଳା



ବାରିପଦା,୧୬/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାର ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ଭବନରେ ତା.୧୩.୦୩.୨୦୨୧ ରିଖ ଶନିବାର ଦିନ ମୟୂରଭଞ୍ଜ ଜିଲ୍ଲାରେ ସ୍ୱଳ୍ପ ସଂଚୟ ଯୋଜନା ଅଧିନରେ ନିବନ୍ଧିତ କାର୍ଯ୍ୟରତ ମହିଳା ପ୍ରଧାନ କ୍ଷେତ୍ରୀୟ ବଚତ୍ ଯୋଜନା (ଏମ୍.ପି.କେ.ବି.ୱାଇ) ଏବଂ ଷ୍ଟାଣ୍ଡାର୍ଡାଇଜ୍ ଏଜେନ୍ସି ସିଷ୍ଟମ (ଏସ୍.ଏ.ଏସ୍) ଏଜେଣ୍ଟ ମାନଙ୍କର ଏକ ଦିନିକିଆ କର୍ମଶାଳା ମୟୂରଭଞ୍ଜ ଜିଲ୍ଲା ସ୍ୱଳ୍ପ ସଂଚୟ ଯୋଜନା କାର୍ଯ୍ୟାଳୟ ତରଫରୁ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ୱଳ୍ପ ସଂଚୟ ଯୋଜନା ଅଧିକାରୀ ଶ୍ରୀଯୁକ୍ତ ଅଭୟ ରଂଜନ ନାୟକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ବାରିପଦା ପୌରାଚଂଳ, ପୌରାଚଂଳର ଆଖାପାଖ ଅଂଚଳ, ମୋରଡା, ବାଙ୍ଗିରିପୋଷି, ବେତନଟୀ ଏବଂ ଉଦଳା ବ୍ଲକ ଅଂଚଳରେ ଡାକସେବା ଯୋଗାଇ ଆସୁଥିବା ଡାକଘର ଗୁଡିକରେ କାର୍ଯ୍ୟରତ ୬୦ ଜଣରୁ ଉର୍ଦ୍ଧ ମହିଳା ଏବଂ ୩୦ ଜଣ ପୁରୁଷ ଏଜେଣ୍ଟ ଯୋଗ ଦେଇଥିଲେ। କର୍ମଶାଳା ଦିନ ୧୧ ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏଁ ଚାଲିଥିଲା। ଜିଲ୍ଲାରେ କାର୍ଯ୍ୟ କରୁଥିବା ବରିଷ୍ଟ ମହିଳା ଏବଂ ପୁରୁଷ ଏଜେଣ୍ଟ ମାନେ କର୍ମଶାଳାକୁ ପରିଚାଳନା କରିଥିଲେ। ଡାକଘର ଗୁଡିକରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ସ୍ୱଳ୍ପ ସଂଚୟ ଯୋଜାନରେ ନିବେଶକାରୀ ଙ୍କ ନିବେଶକୁ ପ୍ରସ୍ୱାହିତ କରିବା, ଏଥି ନିମନ୍ତେ ଆବଶ୍ୟକୀୟ ଦସ୍ତାବିଜ୍ ଗୁଡିକର ସଠିକ୍ ପ୍ରସ୍ତୁତି, ମିଳୁଥିବା ସ୍ୱଳ୍ପ କମିଶନ ସହାୟତାରେ ପରିବାରର ଆର୍ଥିକ ପରିସ୍ଥିତିରେ ସହଯୋଗ କରିବା ଉକ୍ତ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାବେଳେ ଏପରି କର୍ମଶାଳା ଭାଗନେଇଥିବା ସମସ୍ତ ଏଜେଣ୍ଟ ମାନଙ୍କ ପ୍ରଶିକ୍ଷଣର ସୁଯୋଗ ସୃଷ୍ଟି କରିବ ବୋଲି କର୍ମଶାଳାରେ ଭାଗନେଇଥିବା ବରିଷ୍ଠ ଏଜେଣ୍ଟ ଏବଂ ସ୍ୱଳ୍ପ ସଂଚୟ ଯୋଜନା ଅଧିକାରୀଙ୍କ ଠାରୁ ପ୍ରକାଶ। ଆଗାମୀ ଦିନ ମାନଙ୍କରେ ଏହିପରି ଆହୁରି ଅଧିକ କର୍ମଶାଳା ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଥିବାର ମଧ୍ୟ ସ୍ୱଳ୍ପ ସଂଚୟ ଅଧିକାରୀ ସୂଚନା ଦେଇଥିଲେ। ମୟୂରଭଞ୍ଜ ଜିଲ୍ଲାରେ ସ୍ୱଳ୍ପ ସଂଚୟ ଅଧିକାରୀ ହିସାବରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକରୁଥିବା ସମସ୍ତ ମହିଳା ପ୍ରଧାନ କ୍ଷେତ୍ରୀୟ ବଚତ୍ ଯୋଜନା (ଏମ୍.ପି.କେ.ବି.ୱାଇ) ଏବଂ ଷ୍ଟାଣ୍ଡାର୍ଡାଇଜ୍ ଏଜେନ୍ସି ସିଷ୍ଟମ (ଏସ୍.ଏ.ଏସ୍) ଏଜେଣ୍ଟ ମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ମିଳିଛି ବୋଲି କର୍ମଶାଳାରେ ଉପସ୍ଥିତ ଏଜେଣ୍ଟ ମାନଙ୍କ ଠାରୁ ପ୍ରକାଶ। କର୍ମଶାଳା ଶେଷରେ ଏଜେଣ୍ଟ ମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଶେଷ କରି ଡାକଘର ଗୁଡିକରେ ଏଜେଣ୍ଟ ମାନଙ୍କୁ ଆବଶ୍ୟକ ଅନୁଯାୟୀ ଫର୍ମ ଯୋଗାଇ ଦେବା, ଏସ୍.ଏ.ଏସ୍ ଏଜେଣ୍ଟ ମାନେ ପୂର୍ବରୁ ପାଉଥିବା ଏକ ପ୍ରତିଶତ କମିଶନ କୁ ପୁନର୍ବାର ଲାଗୁ କରିବା ସହିତ ଲାଇସେନ୍ସ ନବୀକରଣକୁ ସରଳି କରଣ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଗଣମାଧ୍ୟମ ଜରିଆରେ କର୍ମଶାଳାରେ ଯୋଗଦେଇଥିବା ସମସ୍ତ ଏଜେଣ୍ଟ ପ୍ରଶାସନ ପାଖରେ ନିବେଦନ କରିଛନ୍ତି।

## ଗତ ୨୪ ଘଂଟାରେ ମାସ୍କ ନପିନ୍ଧିବା ପାଇଁ ୫୦ ଜଣଙ୍କ ଠାରୁ ଜୋରିମାନା ଆଦାୟ ହୋଇଛି

ଭୁବନେଶ୍ୱର,୧୬/୦୩ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ କୋଭିଡ୍-୧୯ ଗାଇଡ୍‌ଲାଇନ୍ ଉଲ୍ଲଂଘନ ଅନୁଯାୟୀ ୫୦ ଜଣଙ୍କ ଠାରୁ ମାସ୍କ ନପିନ୍ଧିବା ପାଇଁ ଜୋରିମାନା ଆଦାୟ କରାଯାଇଛି। ସେହିପରି ୧୦୬ ଜଣ ସାମାଜିକ ଦୂରତା ନରଖିବା ବ୍ୟକ୍ତିଙ୍କ ଠାରୁ ମଧ୍ୟ ଜୋରିମାନା ଆଦାୟ କରାଯାଇଛି ବୋଲି କଟକ ଡିସିପି ଅଫିସ୍‌ରୁ ଟୁଇଟ୍ ଦ୍ୱାରା ସୂଚନା ଦିଆଯାଇଛି।

## ୱାର୍ଡସଭ୍ୟଙ୍କ ପରଲୋକ



ଖଇରା,୧୬/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ ରାଇକୁଳା ଗ୍ରାମର ୧୧ ନମ୍ବର ୱାର୍ଡର ସଭ୍ୟ ଉମାକାନ୍ତ ନାୟକଙ୍କର ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଥିବା ବେଳେ ସୋମବାର ରାତିରେ ପ୍ରାଣ ହରାଇଛନ୍ତି । ସେ ଜଣେ ସରଳ,ପରୋପକାରୀ ଏବଂ ସଚ୍ଚୋଟ ପ୍ରକୃତିର ମଣିଷ ଥିଲେ। ତାଙ୍କ ମୃତ୍ୟୁରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ପଣ୍ଡା,ଯୁବନେତା ମାନସ ଦାଶ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଦଳ ଜଣେ ଦକ୍ଷକର୍ମୀଙ୍କୁ ହରାଇଲା ବୋଲି କହିଛନ୍ତି । ବହୁ ବୁଦ୍ଧିଜିବୀ,ବିଜେଡିର ସ୍ଥାନୀୟ ନେତୃବୃନ୍ଦ ତାଙ୍କର ଶେଷ ଦର୍ଶନ କରିଥିଲେ।

# ବସୁଧା ଯୋଜନାରେ ସାମିଲ ଦାବୀକଲେ ୨ ଗ୍ରାମବାସୀ



ଖଇରା,୧୬/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ୨ପଡାଗ୍ରାମ ବ୍ରହ୍ମପୁର ଓ ରୁଢିଙ୍ଗିଆକୁ ପ୍ରସ୍ତାବିତ ଶ୍ରୀରାମପୁର ପାନୀୟଜଳ ପ୍ରକଳ୍ପରେ ସାମିଲ ପାଇଁ ଏହି ୨ଗ୍ରାମର ଅଧିବାସୀ ଦାବୀ କରିଛନ୍ତି । ଏ ସମ୍ପର୍କରେ ଶତାଧିକ ଗ୍ରାମବାସୀ ମଙ୍ଗଳବାର ଖଇରା ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ଲିଖିତ ଦାବୀପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଦାବୀ ମୁତାବକ ପୁର୍ବରୁ ଜୟିପୁର ପାନୀୟଜଳ ପ୍ରକଳ୍ପରୁ ୨ଇଞ୍ଚ ପାଇପ ଯୋଗେ ରୁଢିଙ୍ଗିଆ ଗ୍ରାମକୁ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଥିଲା । ହେଲେ ଜଳ ଫୋର୍ସ କମ ଯୋଗୁଁ ହାରାହାରି ୬୫ ପରିବାର ପାନୀୟ ଜଳରୁ ବଞ୍ଚିତ ହୋଇଥିଲେ। ସେପଟେ ବ୍ରହ୍ମପୁର ଗ୍ରାମକୁ ଏ ପର୍ଯ୍ୟନ୍ତ କୌଣସୀ ପାଇପ ଜଳ ଯୋଗାଣର ବ୍ୟବସ୍ଥା ହୋଇ ନାହିଁ । ଯାହାଫଳରେ ପ୍ରତ୍ୟେକ ଗ୍ରୀଷ୍ମ ଋତୁରେ ଗ୍ରମବାସୀ ଜଳକଷ୍ଟର ଶିକାର ହେଉଛନ୍ତି । ଏବେ ଶ୍ରୀରାମପୁର ରାଜସ୍ୱ ଗ୍ରାମରେ ବସୁଧା ଯୋଜନାରେ ଏକ ଦେଢ ଲକ୍ଷ ଜଳ ସଂରକ୍ଷଣ କ୍ଷମତା ବିଶିଷ୍ଟ ଏକ ପ୍ରକଳ୍ପ ସ୍ଥାପନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ୨କିମି ଦୁରତାରେ ଥିବା ଉପରୋକ୍ତ ୨ପଡା ଗ୍ରାମକୁ ଏହି ପ୍ରକଳ୍ପ ସହ ସଂଯୋଗ କରାଗଲେ ଗ୍ରାମବାସୀଙ୍କ ଶୋଷ ମେଣ୍ଟି ପାରନ୍ତା ବୋଲି ରୁଢିଙ୍ଗିଆ ଓ ବ୍ରହ୍ମପୁର ଗ୍ରାମର ଭାଗିରଥି ଦାସ,କାଶିନାଥ ନାୟକ,ଶ୍ରୀଧର ନାୟକ,ବିନୋଦ ବିହାରୀ ନାୟକ କନକଲତା ଦଳେଇ ଙ୍କ ସହ ଶହଶହ ଗ୍ରାମବାସୀ ନିବେଦନ କରିଛନ୍ତି । ଏ ସମ୍ପର୍କରେ ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ଯୋଗାଯୋଗ କରିବାରେ ସେ ଗ୍ରାମବାସୀଙ୍କ ଦାବୀକୁ ବିଚାରକୁ ନେଇ ତଦନ୍ତ କରିବାକୁ ପାନୀୟଜଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ବୟସ୍କଙ୍କ ଟିକାକରଣକୁ ଦିଆଯାଉଛି ଅଗ୍ରାଧିକାର

ଭୁବନେଶ୍ୱର,୧୬/୦୩(ନି.ପ୍ର): ବୟସ୍କଙ୍କୁ ଟିକାକରଣକୁ ଅଗ୍ରାଧିକାର ଦିଆଯାଉଛି। ଟିକାକରଣକୁ ଆହୁରି ବ୍ୟାପକ କରାଯିବ। ଦୈନିକ ୧ ଲକ୍ଷ ବୟସ୍କ ଲୋକଙ୍କ ଟିକାକରଣ ପାଇଁ ୯୨୭ କେନ୍ଦ୍ରରେ ଟିକାକରଣ କରାଯାଉଛି। ୧ଲକ୍ଷ ୨୭୩ଜଣ ବୟସ୍କ ଲୋକଙ୍କୁ ଟିକା ଦିଆଯାଇଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ସମ୍ମୁଖ ଯୋଦ୍ଧା, ସ୍ୱାସ୍ଥ୍ୟକର୍ମୀ ଓ ବୟସ୍କ ଲୋକଙ୍କୁ ମିଶାଇ ସମୁଦାୟ ୧ଲକ୍ଷ ୨୧ହଜାର ୫୭୨ ଲୋକ ଟିକା ନେଇସାରିଲେଣି। ଗ୍ରାମାଂଚଳରେ ବୟସ୍କ ଲୋକଙ୍କୁ ଟିକା ଦେବା ପାଇଁ ପ୍ରଶାସନ ସହଯୋଗରେ ଘର ଘର ବୁଲି ସଚେତନ କରୁଛୁ। ଆଶା ଓ ଅଙ୍ଗନବାଡ଼ି କର୍ମୀ ଏହି କାମ କରୁଛନ୍ତି। ଟିକାର ଦ୍ୱିତୀୟ ମାତ୍ରା ନେବା ପରେ ରୋଗପ୍ରତିରୋଧକ ଶକ୍ତି କେତେ ବଢୁଛି ତା ଉପରେ ଅନୁସନ୍ଧାନ ଚାଲିଛି। ଯଦିଓ ନିର୍ଦ୍ଦିଷ୍ଟ ସଂଖ୍ୟା କହିହେବନି କିନ୍ତୁ କୋଭିଡକୁ ମୁକାବିଲା କରିବା ପାଇଁ ଯଥେଷ୍ଟ ଆଂଟିବଡି ବିକଶିତ ହେଉଥିବା ଜଣାପଡ଼ିଛି। ଏହି ଆଂଟିବଡି ନୂଆ ଷ୍ଟ୍ରେନରେ ବି କାମ କରିବ। ଅପରପକ୍ଷରେ ଟିକାକରଣ ପାଇଁ ଲୋକ ଚୟନ କରିବାକୁ ସରପଂଚମାନଙ୍କୁ କ୍ଷମତା ଦିଆଯାଇ ନାହିଁ ।

# ବିଜେପିରେ ସାମିଲ ହେଲେ ଶତାଧିକ ବିଜେଡି କର୍ମୀ

ଭୁବନେଶ୍ୱର,୧୬/୦୩ (ନି.ପ୍ର): ବିଜେପି ରାଜ୍ୟ କାର୍ଯ୍ୟାଳୟ ଠାରେ ରାଜ୍ୟସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ କେଉଁଝର ଜିଲ୍ଲା ଘସିପୁରା ନିର୍ବାଚନମଣ୍ଡଳୀ ଦେଓଗାଁ ମଣ୍ଡଳ ମଛାଲୋ ଗ୍ରାମପଂଚାୟତର ବର୍ତ୍ତମାନର ନିର୍ବାଚିତ ସମିତି ସଭ୍ୟ ତାପସ କୁମାର ଜେନା ଓ ୱାର୍ଡମେମ୍ବର ସନ୍ତୋଷ ଜେନା ବିଜେପିରେ ସାମିଲ ହୋଇଛନ୍ତି । ସ୍ଥାନୀୟ ବିଜେଡି ବିଧାୟକଙ୍କ କାର୍ଯ୍ୟରେ ଅତିଷ୍ଠ ହୋଇ ଏବଂ ଘସିପୁରା ବିଜେପି ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁରଙ୍କ କାର୍ଯ୍ୟଧାରାରେ ଆକର୍ଷିତ ହୋଇ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବାଇଧର ଚନ୍ଦ୍ରାଙ୍କ ସହଯୋଗରେ ବିଜେଡି କର୍ମୀ ଶ୍ରୀଧର ଜେନା, ଅକ୍ଷୟ ଜେନା, ରବିନ୍ଦ୍ର ଜେନା, ବାପିନା ଜେନା, ଜିତୁ ମହାନ୍ତିଙ୍କ ସମେତ ଶତାଧିକ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ଏବଂ ଟୋପି ପିନ୍ଧାଇ ବିଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ଶ୍ରୀ ମହାନ୍ତି ସମସ୍ତ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି । ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜବୁତ୍ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ଜିଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳ-ଏସପିଙ୍କ ବଦଳି ଦାବି



ବାଲେଶ୍ୱର,୧୬/୦୩ (ନି.ପ୍ର): ବାଲେଶ୍ୱରର ଆଇନ ଶୃଙ୍ଖଳା ପରିସ୍ଥିତି ପରିଚାଳନାରେ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ନେଇ କ୍ଷୋଭ ପ୍ରକାଶ କରିଛି ଜିଲା କଂଗ୍ରେସ କମିଟି। ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲା ସଭାପତି ସଂଜୀବ ଗିରି ଯୋଗଦେଇ ପ୍ରଶାସନର ଅପାରଗତା ପାଇଁ ବାଲେଶ୍ୱର ଜିଲା ସମ୍ପ୍ରତି ଅଶାନ୍ତ ହେବାରେ ଲାଗିଛି ବୋଲି ମତପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱୟଂ ବାଲେଶ୍ୱରର ଦାୟିତ୍ୱ ନେଲେ ବୋଲି କହିବା ପରଠାରୁ ଶାନ୍ତିପ୍ରିୟ ସହର ଏବେ ଅଶାନ୍ତମୁଖୀ ହୋଇଥିବା ସେ ଆରୋପ କରିଛନ୍ତି। ବାଲେଶ୍ୱର ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିରେ ଆସ୍ଥା ପ୍ରକଟ କରିଥିଲେ ବି ଜିଲାରେ ଅପରାଧିକ କାର୍ଯ୍ୟକଳାପ ହ୍ରାସ ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି ବୋଲି ଶ୍ରୀ ଗିରି ଆରୋପ ଉଠାଇଥିଲେ । ସପ୍ତାହକ ମଧ୍ୟରେ ସହରରେ ୧୫ରୁ ଅଧିକ ଚୋରି ଓ ଡକାୟତି ଭଳି ଘଟଣା ଘଟିଛି । ଜଳେଶ୍ୱର ସମ୍ପ୍ରତି ପୂର୍ବ ଭାରତର ନିଶା କାରବାର ପେଣ୍ଠସ୍ଥଳୀରେ ପରିଣତ ହେବାରେ ଲାଗିଛି ବୋଲି ଶ୍ରୀ ଗିରି ଅଭିଯୋଗ କରିଥିଲେ । ପ୍ରଶାସନର ଅପାରଗତା ପାଇଁ ସମସ୍ତ ଅପରାଧିକ ଘଟଣା ଘଟିଚାଲିଛି ବୋଲି ଶ୍ରୀ ଗିରି କହିଥିଲେ । ବାଲେଶ୍ୱର ସହରର ପୂର୍ବାବସ୍ଥା ଫେରାଇଆଣିବା ପାଇଁ ଦୃଢ ପଦକ୍ଷେପ ଗ୍ରହଣ ସହ ଅବିଳମ୍ବେ ଜିଲାପାଳ ଓ ଏସପିଙ୍କୁ ଅନ୍ୟତ୍ର ବଦଳି ପାଇଁ ଶ୍ରୀ ଗିରି ଦାବି କରିଥିଲେ । ନଚେତ କଂଗ୍ରେସ ଦଳ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ସେ ଚେତାବନୀ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରମିତା ମହାନ୍ତି, ଯୁବ କଂଗ୍ରେସ ଜିଲା ସଭାପତି ରଞ୍ଜନ ଦାସ, ଜିଲା ମିଡିଆ ସଂଯୋଜକ ଦେବଦତ୍ତ ଦାସ, ଛାତ୍ରନେତା ଗୌତମ ସାହୁ, ପଶୁପତି ଉପାଧ୍ୟାୟ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ଓସିଏ 'ଭିଜନ-୨୦୨୪' ଆନ୍ତଃ ଜିଲ୍ଲା କ୍ଲବ ସିନିୟର ଲିଗ୍ ଟୁର୍ଣ୍ଣାମେଣ୍ଟ

# ଇଷ୍ଟକୋଷ୍ଟ ରେଲୱେ ଏକାଡେମୀ ଓ ଚାନ୍ଦବାଲି ସ୍ପୋର୍ଟ୍ସ ଆସୋସିଏସନ ବିଜୟୀ



ଭଦ୍ରକ,୧୬/୦୩ (ନି.ପ୍ର): ଚରମ୍ପା ରେଲୱେ ଗ୍ରାଉଣ୍ଡ ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ ଦୁଇଟି ସ୍ଥାନରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ 'ଭିଜନ-୨୦୨୪' ପରିପ୍ରେକ୍ଷୀରେ ଜିଲ୍ଲା କ୍ରିକେଟ ଆସୋସିସିଏସନ ଦ୍ୱାରା ଆୟୋଜିତ ହୋଇ ଚାଲୁଥିବା ଆନ୍ତଃ ଜିଲ୍ଲା ସିନିୟର କ୍ଲବ ଲିଗ ଟୁର୍ଣ୍ଣାମେଣ୍ଟରେ ଆଜି ଅନୁଷ୍ଠିତ ୨ଟି ମ୍ୟାଚ ମଧ୍ୟରୁ ଗୋଟିଏ ମ୍ୟାଚରେ ଚରମ୍ପାର ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍ସ ଏକାଡେମୀ ବିଜୟୀ ହୋଇଥିବା ବେଳେ ଅନ୍ୟ ଏକ ମ୍ୟାଚରେ ଚାନ୍ଦବାଲି ସ୍ପୋର୍ଟ୍ସ ଆସୋସିଏସନ ବିଜୟୀ ହୋଇଛି। ଆଜି ଭଦ୍ରକ କଲେଜ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ ବଙ୍କସାହି ଯୁବକ ସଂଘ ଓ ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍ସ ଏକାଡେମୀ ମଧ୍ୟରେ ଖେଳା ଯାଇଥିଲା। ବଙ୍କସାହି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୦ଓଭରରେ ୭ ଉଇକେଟ ହରାଇ ୧୩୬ରନ କରିଥିଲା। ଦଳ ପକ୍ଷରୁ ବିକାଶ ବେହେରା ୪୦, ଅସିତ କୁମାର ଦାସ ୩୬ ଓ ବିଶାଲ କୁମାର ପରିଡ଼ା ୨୨ ରନ କରିଥିଲେ। ରେଲୱେ ପକ୍ଷରୁ ନୀହାର ଭୁୟାଁ, ଆଶୁତୋଷ ସାମଲ ଓ ଦେବନ ନାୟକ ପ୍ରତ୍ୟେକେ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ୧୩୭ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ରେଲୱେ ଦଳ ୨୮ ଓଭରରେ ସମାନ ସଂଖ୍ୟକ ୭ ଉଇକେଟ ହରାଇ ୧୩୮ରନ ସଂଗ୍ରହ କରି ମ୍ୟାଚ ଜିତିଥିଲା। ହର୍ଷିତ ରାଠୋଡ୍ ୫୫, ନୀହାର ଭୁୟାଁ ୪୩ ରନ କରିଥିଲେ। ବଙ୍କସାହି ପକ୍ଷରୁ ଅର୍ଣ୍ଣବ ଦାସ ଓ ବିଶ୍ୱଜିତ ବଳ ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ। ନୀହାର ଭୁୟାଁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଏହି ମ୍ୟାଚକୁ ରଂଜନ କୁମାର ମହାନ୍ତି, ସାର୍ଥକ ବିଶ୍ୱାଳ ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ସସ୍ମିତା ସାହୁ ଓ ଅସିତ ଦାସ ସ୍କୋରର ଥିଲେ। ସେହିପରି ଲିଗ୍ ଟୁର୍ଣ୍ଣାମେଣ୍ଟର ଅନ୍ୟ ଏକ ମ୍ୟାଚ ଚାନ୍ଦବାଲି ସ୍ପୋର୍ଟ୍ସ ଆସୋସିଏସନ ଓ ୟୁନାଇଟେଡ ଏକାଡେମୀ ମଧ୍ୟରେ ଚରମ୍ପା ରେଲୱେ ପଡ଼ିଆରେ ଖେଳା ଯାଇଥିଲା। ଚାନ୍ଦବାଲି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୩.୩ ଓଭରରେ ୨୧୭ରନ କରି ସମସ୍ତ ଖେଳାଳୀ ଆଉଟ ହୋଇ ଯାଇଥିଲେ। ଦଳ ପକ୍ଷରୁ ଶାଶ୍ୱତ ଚନ୍ଦ୍ର ଦାଶ ୩୭, ନିର୍ମଳ ବିଶ୍ୱାଳ ୨୭ ଓ ଦିବ୍ୟଭୂମି ସାହୁ୨୫ ରନ କରିଥିଲେ। ୟୁନାଇଟେଡ ଏକାଡେମୀ ପକ୍ଷରୁ ବିମଳ ଦାସ ଓ ଚିତ୍ତ ରଂଜନ ବେହେରା ୩ଟି କରି ଓ ସାହିଲ ଖାନ୍, ଏସ.ବି. ସରକାର ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଦ୍ୱିତୀୟାର୍ଦ୍ଧ ବ୍ୟାଟିଂ କରି ୟୁନାଇଟେଡ ଦଳ ୪୧.୫ ଓଭରରେ ୧୯୭ ରନ କରି ସମସ୍ତ ଖେଳାଳୀ ଆଉଟ ହେବା ସହ ମ୍ୟାଚ ହାରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କରୋନାର ନୂଆ ନୂଆ ରୂପକୁ ....

ଓ ଶାରୀରିକ ଦୂରତା ରଖିବା, ସରକାରଙ୍କ ନିୟମ ଅନୁସାରେ ସମୟ ଆସିଲେ କରୋନା ଟିକା ନେବା, ଜନସମାଗମଠାରୁ ନିଜକୁ ଯଥାସମ୍ଭବ ଦୂରେଇ ରଖିବା, କୋଭିଡ ନିୟମ ପାଳନକୁ ସାମ୍ବିଧାନିକ ଓ ମାନବିକ ଦାୟିତ୍ୱ ଭାବିବା, ବାହାର ରାଜ୍ୟ ଫେରନ୍ତା ୭ଦିନ ଗୃହ ପୃଥକ ବାସରେ ରହିବା, ସନ୍ଦିଗ୍ଧ ଲକ୍ଷ୍ୟଣ ଥିଲେ ତୁରନ୍ତ ହସ୍ପିଟାଲ ଯାଇ କରୋନା ପରୀକ୍ଷା କରିବା । ଏହି ନୂଆ ଗାଇଡ୍‌ଲାଇନ୍‌ରେ କରୋନାର ନୂଆ ରୂପର ନୂଆ ଲକ୍ଷଣ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଛି । ନୂଆ ରୂପର ନୂଆ ଲକ୍ଷଣ - ଦେହ, ହାତ ଅବଶ ଲାଗିବା, ଭୋକ ନହେବା, ମୁଣ୍ଡ ବିନ୍ଧା, ଦେହ, ହାତ ସାମାନ୍ୟରୁ ମଧ୍ୟମ ଘୋଳା ବିନ୍ଧା, ନୂଆ କରି ଚର୍ମରୋଗ ଦେଖାଦେବା, ଚର୍ମ କୁଣ୍ଡାଇ ହୋଇ ନାଲି କିମ୍ବା ନୀଳ ପଡିବା, ଗଳା ଦରଜ ଓ ନାକ ଚୁଂଟି ହେବା, ସାମାନ୍ୟ କାଶ ହେବା ସହ ଛାତିରେ ଯନ୍ତ୍ରଣା ହେବା କରୋନ ସଂକ୍ରମଣ ବଢୁଥିବା ବେଳେ ଟିକାକରଣ ପ୍ରକ୍ରିୟାକୁ ବି ତ୍ୱରାନ୍ୱିତ କରାଯାଇଛି । ପ୍ରତିଦିନ ୧ ଲକ୍ଷ ବୟସ୍କଙ୍କ ଟିକାରକଣ ପାଇଁ ୯୨୭ଟି କେନ୍ଦ୍ର କରାଯାଇଛି । ଗ୍ରାମାଚଂଳରେ ବୟସ୍କ ଲୋକଙ୍କୁ ଟିକା ଦେବା ପାଇଁ ଘର ଘର ବୁଲି ପ୍ରଶାସନ ସଚେତନ କରୁଛି । ଯେଉଁ ଜିଲ୍ଲାରେ ଟିକାକରଣ ପ୍ରତିଶତ କମିଛି, ତା ଉପରେ ଅଧିକ ଧ୍ୟାନ ନିଆଯାଉଛି । ଏସବୁ ଭିତରେ ସମସ୍ତଙ୍କ ମନରେ ପ୍ରଶ୍ନ ଆସୁଛି ଟିକା ନେବା ପରେ କେତେ ପ୍ରତିଶତ ଆଂଟିବଡ଼ି ବିକଶିତ ହୋଇଛି । ଆଂଟିବଡ଼ିକୁ ଲୋକଙ୍କ ଭିତରେ ଉଠୁଥିବା ପ୍ରଶ୍ନର ଉତର ରଖିଛନ୍ତି ବରିଷ୍ଠ ଚିକିତ୍ସକ ଭି.ଭେଙ୍କଟ ରାଓ । ଟିକାର ପ୍ରଥମ ଡୋଜ୍ ନେବାର ୨୮ ଦିନ ପରେ ଆଂଟିବଡ଼ି ବିକଶିତ ହୋଇଥାଏ, ଦ୍ୱିତୀୟ ଡୋଜ୍ ନେବାର ୧୪ ଦିନ ପରେ ରକ୍ତ ପରୀକ୍ଷା କଲେ ଆଂଟିବଡ଼ିର ସ୍ତର ଜଣାପଡ଼ିଥାଏ, ଆଉ ମାସେ ପରେ ଆଂଟିବଡ଼ିର ସ୍ତର କେତେ ପ୍ରତିଶତ ବଢ଼ିଛି ଜାଣିବାରେ ସହଜ ହୋଇଥାଏ, ସିରୋ ସର୍ଭେ ସାମଗ୍ରିକ ବିକଶିତ ଆଂଟିବଡ଼ିର ସୂଚକାଙ୍କ ବୋଲି ଧରାଯାଏ, ଯାହା ଗବେଷଣା ପାଇଁ ପ୍ରଯୁର୍ଜ୍ୟ, ଟିକା ନେବା ପରେ ଆଂଟିବଡ଼ି ଗୋଟିଏ ବର୍ଷ ଯାଏଁ ରହିଥାଏ, କରୋନା ଆକ୍ରାନ୍ତ ହେବା ପରେ ଟିକା ନେଇଥିଲେ ଆଂଟିବଡ଼ି କେତେ ଦିନ ରହିବ ତାହା ନିର୍ଦ୍ଧିଷ୍ଟ ଭାବେ କହି ହେବନାହିଁ । ତେବେ ଆଶ୍ୱସ୍ତିକର କଥା ହେଉଛି ନୂଆ ଷ୍ଟ୍ରେନ୍ର କରୋନା ଭୁତାଣୁକୁ ବି ଟିକା ପ୍ରତିହତ କରିବାର ସକ୍ଷମ ରହିଛି । କିନ୍ତୁ ସାମଗ୍ରିକ ଭାବେ କରୋନା ମୁକାବିଲା ପାଇଁ ସତର୍କତା ଜରୁରୀ ଏବଂ ରାଜ୍ୟ ସରକାର ଜାରି କରିଥିବା ନୂଆ ଗାଇଡ୍‌ଲାଇନ୍ ପାଳନ କରିବା ଆବଶ୍ୟକ ।

## ଧର୍ମେନ୍ଦ୍ର ପ୍ରଧାନଙ୍କୁ ଖଣି ମନ୍ତ୍ରୀ....

ପ୍ରଧାନମନ୍ତ୍ରୀ ରାଉରକେଲା ଗସ୍ତ ସମୟରେ ଘୋଷଣା କରିଥିଲେ ଯେ ଇସ୍ପାତ ଜେନେରାଲ ହସ୍ପିଟାଲକୁ ଏକ ମେଡିକାଲ କଲେଜ ଏବଂ ସୁପର ସ୍ପେସିଆଲିଟି ହସ୍ପିଟାଲରେ ବିକଶିତ କରାଯିବ। ଏଥି ସହିତ ୨୦୧୫ରେ ତତ୍କାଳୀନ ଇସ୍ପାତ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମର ରାଉରକେଲା ସାଂସଦଙ୍କୁ ଆଶ୍ୱାସନା ଦେଇଥିଲେ ଅତିଶୀଘ୍ର ମେଡିକାଲ କାର୍ଯ୍ୟ ଆରମ୍ଭ କରାଯିବ। ହେଲେ ଏବେ କେବଳ ସୁପର ସ୍ପେସିଆଲିଟି ହସ୍ପିଟାଲ କରାଯାଇ, ଏହାର ଉଦଘାଟନୀ ଉତ୍ସବରେ ଯୋଗ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରଣ କରାଯାଇଛି। ତେଣୁ ମେଡିକାଲ କଲେଜ କୁଆଡ଼େ ଗଲା ବୋଲି ପ୍ରଶ୍ନ କରି କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଛନ୍ତି ପ୍ରଫୁଲ୍ଲ ମଲ୍ଲିକ। ସେ ଆହୁରି ମଧ୍ୟ କହିଛନ୍ତି, ରାଉରକେଲା ଓ ସୁନ୍ଦରଗଡ଼ ଏକ ଆଦିବାସୀବହୁଳ ଅଂଚଳ ଅଟେ। ଏହି ଅଂଚଳରୁ ବହୁ ପରିମାଣରେ ଲୁହାପଥର, ଖଣି, କୋଇଲା ଏବଂ ଲକ୍ଷ ଲକ୍ଷ ଲୋକଙ୍କ ପରିଶ୍ରମ ଦେଶର ଉନ୍ନତିରେ ସହାୟକ ହେଉଛି। ଆଜି ଯଦି ରାଉରକେଲା ଇସ୍ପାତ କାରଖାନା ଦେଶ ଓ ବିଦେଶରେ ସୁନାମ ଅର୍ଜନ କରିପାରିଛି। ଏଥିରେ ରାଉରକେଲା ଏବଂ ସୁନ୍ଦରଗଡ଼ବାସୀଙ୍କର ବହୁତ ଅବଦାନ ରହିଛି। ଆଇଜିଏଚ ଏକ ମେଡିକାଲ କଲେଜରେ ଉନ୍ନୀତ ହୋଇଥିଲେ ଆଖପାଖ ଅଂଚଳର ଲୋକମାନେ ବିଶେଷ ଉପକୃତ ହୋଇଥାନ୍ତେ।ପ୍ରତିଶ୍ରୁତି ପୂରଣ ନହେବାରୁ ସୁନ୍ଦରଗଡ଼ ଏବଂ ରାଉରକେଲାବାସୀ ନିରାଶ ଏବଂ ଦୁଃଖିତ। ତେଣୁ ରାଉରକେଲା ଇସ୍ପାତ କାରଖାନାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଅନ୍ତୁ, ଏହି ଘୋଷଣାକୁ ଗମ୍ଭୀରତାର ସହିତ ଗ୍ରହଣ କରି ମେଡିକାଲ କଲେଜର ନିର୍ମାଣ ଶୀଘ୍ର ପୂରଣ କରନ୍ତୁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ଶାସକ-ବିରୋଧୀ ନାରାବାଜି...

ଏକା ଅବସ୍ଥା ଯୋଗୁଁ ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି । ଅଚଳାବସ୍ଥା ମଧ୍ୟରେ ବିଧାନସଭାକୁ ସ୍ୱାଭାବିକ କରିବାକୁ ସର୍ବଦଳୀୟ ବୈଠକରେ କୌଣସି ନିଷ୍ପତି ବାହାରିପାରିନାହିଁ । ଶାସକ-ବିରୋଧୀଙ୍କ ଜିଦ ଯୋଗୁଁ ସାଧାରଣ ଲୋକଙ୍କ ପ୍ରସଙ୍ଗ ପଛକୁ ଠେଲି ହୋଇଯାଇଛି । ମଣ୍ଡିକୁ ନେଇ ବିଧାନସଭାରେ ଅଚଳାବସ୍ଥା ଲାଗିରହିଥିବାବେଳେ ଗ୍ରାଉଣ୍ଡ ଜିରୋର କିନ୍ତୁ ସ୍ଥିତି ଅଲଗା । ମଣ୍ଡିରେ ପଡିରହିଛି ହଜାର ହଜାର ବସ୍ତା ଧାନ । ଘରେ ବି ଗଦା ହୋଇ ରହିଛି ଧାନ । ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡରେ ଦିନକୁ ଦିନ ଜଟିଳ ହେଉଛି ମଣ୍ଡି ସମସ୍ୟା । ମଣ୍ଡିରେ ଗଦା ହୋଇଛି ଧାନବସ୍ତା । ଟୋକନ ଅବଧି ସରିଯିବାରୁ ଘରେ ଓ ବାହାରେ ଧାନ ବସ୍ତା ରଖି ବିକ୍ରି ପାଇଁ ଅପେକ୍ଷା କରିଛନ୍ତି ଚାଷୀ । ଏ ହେଉଛି କୁଚିଣ୍ଡା ଉପଖଣ୍ଡ ଡଙ୍ଗାଯୋର ଗାଁର ଦୃଶ୍ୟ । ଚାଷୀ ଭାବି ଥିଲେ ଚାଷ ଭଲ ହୋଇଛି, ଅମଳ ବି ଭଲ ହେବ । ଧାନ ଅମଳ କରି ସରକାରୀ ମଣ୍ଡିରେ ବିକିବେ, କରଜ ସୁଝିବେ, କିନ୍ତୁ ଏବେ ସବୁ ଓଲଟା ହୋଇଛି ।

## କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ....

ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଧାନ ସଂଗ୍ରହ ନେଇ ଉଚ୍ଚସ୍ତରୀୟ କମିଟି ଗଠନ କରିବା ସହ ଧାନ କିଣା ବିଳମ୍ବର ସତ୍ୟତା ଅନୁସନ୍ଧାନ ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ପାଇଁ ସାଂସଦମାନେ ଅନୁରୋଧ କରିଛନ୍ତି । ସମସ୍ତ ଦାବୀ ଶୁଣିବା ପରେ ଏହାକୁ ଗମ୍ଭୀରତାର ସହ ନେଇ ଏହି ପ୍ରସଙ୍ଗରେ ଥିବା ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନେଇ ମନ୍ତ୍ରୀ ଶ୍ରୀ ଗୋଏଲ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ଓଡିଶାରେ ରାଜ୍ୟ ସରକାରଙ୍କ ଦ୍ୱାରା ଧାନ କ୍ରୟ ନେଇ ଓଡିଶାର ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ଓଡିଶାର କୃଷକମାନଙ୍କୁ ନିରନ୍ତର ସହଯୋଗ କରି ଆସୁଛନ୍ତି। ୨୦୧୪ ପର ଠାରୁ କେନ୍ଦ୍ର ସରକାର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଆଧାରରେ ଓଡ଼ିଶାର ଚାଷୀଙ୍କ ଠାରୁ ୩୭୦ ଲକ୍ଷ ମେଟ୍ରିକ୍ ଟନ୍(ଏଲଏମଟି) ଧାନ ୬୦ ହଜାର ୫୯୪ କୋଟି ଟଙ୍କା ମୂଲ୍ୟରେ କିଣିଛନ୍ତି। ପିଏମ-କିଷାନ ଯୋଜନାରେ ପ୍ରତି ୩ ମାସରେ ପ୍ରତ୍ୟେକ ପଞ୍ଜିକୃତ ଚାଷୀଙ୍କ ବ୍ୟାଙ୍କ୍ ଖାତାକୁ ୨ ହଜାର ଟଙ୍କା ଲେଖାଁଏ ହସ୍ତାନ୍ତର କରାଯାଇଛି। ଓଡ଼ିଶାର ସମସ୍ତ ଯୋଗ୍ୟ ପଞ୍ଜିକୃତ ଚାଷୀଙ୍କ ବ୍ୟାଙ୍କ୍ ଖାତାକୁ ୩ହଜାର ୨୭୪.୨୧ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି। ପିଏମ ଫସଲ ବୀମା ଯୋଜନା ଅଧୀନରେ ୨୦.୯୪ ଲକ୍ଷ ବୀମାକୃତ ଚାଷୀଙ୍କୁ ଫସଲ ନଷ୍ଟ ଅଭିଯୋଗ ସ୍ୱରୂପ ୪ହଜାର ୪୨୪.୮୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଶାସକ ଦଳ ଧାନ କ୍ରୟ ପାଇଁ କେନ୍ଦ୍ରର ଆର୍ଥିକ ସହାୟତା ଗ୍ରହଣ କରିନଥିବା ଭଳି ବିଭ୍ରାନ୍ତିକର ତଥ୍ୟ ଦେବା ସହ ପରିଚାଳନାରେ ନିଜର ବିଫଳତାକୁ ଲୁଚାଇବା ପାଇଁ ପ୍ରୟାସ କରୁଛି। ଓଡ଼ିଶାରେ ବ୍ୟାପକ ଫସଲ ସତ୍ୱେ ରାଜ୍ୟ ସରକାରଙ୍କ ଦୀର୍ଘ ଦିନର ଅପାରଗତା, ପ୍ରଶାସନିକ ଅବ୍ୟବସ୍ଥା ଏବଂ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ଶାସନ କଳର ଅପବ୍ୟବହାର କାରଣରୁ ରାଜ୍ୟରେ ଧାନ କ୍ରୟରେ ବିଳମ୍ବ ଏବଂ ଧାନ ହ୍ରାସ ହେବାର ମୂଳ କାରଣ ହୋଇଛି। ଅନୁକୂଳ ମୌସୁମୀ କାରଣରୁ ଧାନ ଅମଳର ଆଶା କରାଯାଉଥିବା ଅପେକ୍ଷା ଚଳିତ ବର୍ଷ ରାଜ୍ୟ ସରକାର ପ୍ରତ୍ୟେକ ଏକର ଜଳସେଚିତ ଜମି ପାଇଁ ୧୯ କ୍ୱିଂଟାଲ ଏବଂ ପ୍ରତ୍ୟେକ ଏକର ଅଣଜଳସେଚିତ ଜମି ପାଇଁ ୧୩ କ୍ୱିଂଟାଲ ଧାନ କ୍ରୟ ସର୍ବୋଚ୍ଚ ମୂଲ୍ୟର ସଂଶୋଧନ କରିନାହାଁନ୍ତି। ଏହି କାରଣରୁ ହଜାର ହଜାର ଚାଷୀ ଧାନ ବିକ୍ରି କରିପାରିନାହାନ୍ତି । ପରେ ସେମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଏମଏସପି ମୂଲ୍ୟ କ୍ୱିଂଟାଲ ପିଛା ୧୮୬୮ ଟଙ୍କା ଦାମରୁ ଅଧା ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ ହେଲେ। ଟୋକନ ନିର୍ଦ୍ଧାରିତ ସମୟ ଶେଷ ହୋଇଯିବା କାରଣରୁ ଅନେକ ଚାଷୀମାନେ ପିପିସି ଅଥବା ମଣ୍ଡିରେ ଧାନ ବିକ୍ରି କରିବାରୁ ବଂଚିତ ହେଉଛନ୍ତି । ଏହି ଗରିବ ଚାଷୀମାନେ କଟନୀ ଛଟନୀର ଶିକାର ହେଉଛନ୍ତି । ପରିବହନ ଖର୍ଚ୍ଚ ଏବଂ ମହଜୁଦ୍ କରି ରଖିବା ପାଇଁ ଅର୍ଥର ଅଭାବରୁ ଧାନ ଚାଷୀମାନେ ବହୁତ୍ କମ ମୂଲ୍ୟରେ ନିଜର ଉତ୍ପାଦିତ ସାମଗ୍ରୀକୁ ଏପିଏମସି ମଣ୍ଡିରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ଏହି କାରଣରୁ ଚାଷୀମାନେ ଋଣାଗ୍ରସ୍ତ ତଥା ଚାପର ବଶବର୍ତୀ ହୋଇ ଆତ୍ମହତ୍ୟା ଉଦ୍ୟମ କରିବାକୁ ବାଧ୍ୟ ହୁଅନ୍ତି । ଏହି ସମସ୍ତ ତଥ୍ୟରୁ ରାଜ୍ୟ ସରକାରଙ୍କ ଅପାରଗତା ଓ ଭୁଲ ନୀତି ଯୋଗୁଁ ଆନୁଷ୍ଠାନିକ ଭାବରେ ଚାଷୀ ମାନଙ୍କୁ ଶୋଷଣ କରାଯାଉଥିବା ସ୍ପଷ୍ଟ ହେଉଥିବା ସ୍ମାରକ ପତ୍ରରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ ରାଜ୍ୟ ବିଜେପି ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, କଳାହାଣ୍ଡି ଲୋକସଭା ସାଂସଦ ବସନ୍ତ କୁମାର ପଣ୍ଡା, ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ, ରାଜ୍ୟସଭା ସାଂସଦ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ମୟୂରଭଞ୍ଜ ଲୋକସଭା ସାଂସଦ ବିଶେଶ୍ୱର ଟୁଡୁ, ବଲାଙ୍ଗୀରର ଲୋକସଭା ସାଂସଦ ସଙ୍ଗୀତା ସିଂହଦଓ, ସମ୍ବଲପୁର ସାଂସଦ ନୀତିଶ ଗଙ୍ଗଦେଓ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ବରଗଡ ଲୋକସଭା ସାଂସଦ ସୁରେଶ ପୂଜାରି ପ୍ରମୁଖ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଂଟନ ମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ଭେଟି ଏହି ସ୍ମାରକ ପତ୍ର ପ୍ରଦାନ କରିଥିଲେ ।


MUNICIPAL COUNCIL : RAIRANGPUR

Phone No:-06794-222054, E-Mail ID:-rairangpurn.hud@ori.nic.in/rrpumac@gmail.com

"e" PROCUREMENT NOTICE

TENDER CALL NOTICE NO:-266 dt 9.3.21

BID IDENTIFICATION NO:- T9RRP2020-21

| | | |
|---|---|---|
| 1. | Name of the Work | :Civil works |
| 2. | Total No works | :13 Nos |
| 3. | Estimated Cost | :4.92 lacks to 35.41 lacks |
| 4. | Class of Contractors | : As per DTCN |
| 5. | Period of Completion | : As per DTCN |
| 6. | Availability of Tender Online for bidding | :17.3.2021 at 10:AM to 30.3.2021 up to 5:00PM |
| 7. | Date of Pre-bid meeting | :26.3.2021 |
| 8. | Tender Box Offline Dropping | :31.3.2021 up to 5:00PM |
| 9. | Date & Time of opening of Tender | :5.4.2021 at 11.00AM |

Other detail can be seen from the website www.tendersorissa.gov.in

OIPR : 13106/11/0006/2021

Executive Officer
Rairangpur Municipality

ଧ୍ୱନି ପ୍ରତିଧ୍ୱନି



# କରୋନା ବେଳେ ରାଜ୍ୟକୁ ଫେରିଛନ୍ତି ୧୦,୦୭,୩୩୦ ଜଣ ପ୍ରବାସୀ

ଭୁବନେଶ୍ୱର,୧୬/୦୩ (ନି.ପ୍ର): କରୋନା ସଂକ୍ରମଣ କାଳରେ ୨୦୨୦ ମସିହା ମାର୍ଚ୍ଚ ମାସରୁ ଅକ୍ଟୋବର ମାସ ମଧ୍ୟରେ ୧୦,୦୭,୩୩୦ ଜଣ ପ୍ରବାସୀ ରାଜ୍ୟକୁ ଫେରିଥିବା ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଆଜି ବିଧାନସଭାରେ ପ୍ରକାଶ କରିଛନ୍ତି। ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତରରେ ଶ୍ରମ ମନ୍ତ୍ରୀ କହିଛନ୍ତି, ଫେରନ୍ତା ପ୍ରବାସୀ ଶ୍ରମିକମାନଙ୍କୁ ସଙ୍ଗରୋଧ କେନ୍ଦ୍ରର ନିର୍ଦ୍ଦିଷ୍ଟ ରହଣି ଅବଧି ପରେ ତତକାଳ ସହାୟତା ବାବଦକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଜଣଙ୍କ ପିଛା ୨୦୦୦ଟଙ୍କାର ସହାୟତା ଦିଆଯାଇଛି ଏବଂ ଅଗଷ୍ଟ ୨୦୨୦ ସୁଦ୍ଧା ୬,୭୩,୦୭୯ ଜଣ ପ୍ରବାସୀ ଶ୍ରମିକଙ୍କୁ ୧୩୪.୬୨ କୋଟି ଟଙ୍କା ବଂଟନ କରାଯାଇଛି । ସେହିପରି ଶ୍ରମିକମାନଙ୍କ ଜୀବିକା ନିରାପତା ନିମନ୍ତେ ବିଭିନ୍ନ ବିଭାଗରେ ପ୍ରଚଳିତ ଯୋଜନା ଓ କାର୍ଯ୍ୟକ୍ରମ ଅଧୀନରେ ରୋଜଗାର ସୁଯୋଗ ସୃଷ୍ଟି କରାଯାଉଛି। ଏତଦ୍ ବ୍ୟତୀତ, ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ସକ୍ରିୟ ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କୁ ୧୫୦୦ ଟଙ୍କା ଲେଖାଏଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସ୍ଥଳେ ଅଗଷ୍ଟ ୨୦୨୦ ସୁଦ୍ଧା ୪,୬୮୯ ଜଣ ଫେରନ୍ତା ପ୍ରବାସୀ ଶ୍ରମିକମାନଙ୍କୁ ଏହି ସହାୟତା ପ୍ରଦାନ କରାଯାଇଅଛି । ଯେଉଁ ପ୍ରବାସୀ ପଞ୍ଜିକୃତ ନିର୍ମାଣ ଶ୍ରମିକମାନେ ସହାୟତା ବଂଟନ ସମୟରେ ରାଜ୍ୟ ବାହାରେ ଥିବେ ଅଥବା ଘରେ ଅନୁପସ୍ଥିତ ଥିବେ, ସେମାନଙ୍କର ସହାୟତା ରାଶିକୁ ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁଯାୟୀ ଉକ୍ତ ବ୍ୟକ୍ତିବିଶେଷଙ୍କର ବ୍ୟାଙ୍କ ଖାତାକୁ ଡି.ବି.ଟି. ମାଧ୍ୟମରେ ପଠାଇବାର ବ୍ୟବସ୍ଥା ମଧ୍ୟ ରହିଛି । ତେବେ କଟକଣା କୋହଳ ପରେ ଶ୍ରମିକ ଭିଟାମାଟି ଛାଡି ଅନ୍ୟ ରାଜ୍ୟକୁ ପଳାଇଥିବା ସମ୍ବନ୍ଧୀୟ ତଥ୍ୟ ଶ୍ରମ ବିଭାଗର ହସ୍ତଗତ ହୋଇନାହିଁ ବୋଲି ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି।

## ଉପନିବନ୍ଧକ ଦାୟିତ୍ୱରେ ଅତିରିକ୍ତ ତହସିଲଦାର

ଖଇରା,୧୬/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଉପ-ନିବନ୍ଧକ ପଦବୀ ୨ବର୍ଷ ଧରି ଖାଲି ପଡିବା ପରେ ମଙ୍ଗଳବାର ଖଇରା ତହସିଲର ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନ ଧଳଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି । ପୂର୍ବରୁ ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀଙ୍କ ୨୦୧୯ ମସିହାରେ ବଦଳୀପରେ ଏହି ପଦବୀ ଖାଲି ପଡିଥିଲା ।

## ରାଜୀବ ପରିଡା ହେଲେ ଜଳେଶ୍ୱର କଂଗ୍ରେସ ବ୍ଲକ ସଭାପତି



ଜଳେଶ୍ୱର, ୧୬/୩ (ନିପ୍ର) : ଜଳେଶ୍ୱର ବ୍ଲକ କଂଗ୍ରେସ କମିଟୀ ସଭାପତି ରାଜୀବ କୁମାର ପରିଡାଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଦ୍ୱାରା ମନୋନୀତ କରାଯାଇଛି । ତାଙ୍କ ପାଇଁ ଏପରି ଗୁରୁ ଦାୟିତ୍ୱ ବଡ ଆହ୍ୱାନ ସୃଷ୍ଟି କରିବା ସହିତ ଦଳକୁ ତୃଣମୂଳ ସ୍ତରରେ ମଜବୁତ୍ କରିବେ ବୋଲି ଉତ୍ତରରେ କହିଛନ୍ତି । ଏହି ପରିପ୍ରେକ୍ଷୀରେ ସେ ରାଜ୍ୟ ସଭାପତି ନିରଂଜନ ପଟ୍ଟନାୟକ, ବିଧାୟକ ତାରାବାହିନୀ ପତି, ନବଜ୍ୟୋତି ପଟ୍ଟନାୟକ, ସଂଜୀବ ଗିରି, ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଚା ଦୋକାନରୁ ୨୭୦ ଗ୍ରାମ୍ ବ୍ରାଉନସୁଗାର ଜବତ

କଟକ,୧୬/୦୩ (ନି.ପ୍ର): କଟକ ଜଗତପୁରର ଏକ ଚା ଦୋକାନରୁ ୨୭୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଘଟଣାରେ ଦୋକାନୀ ସମେତ ଦୁଇ ଜଣଙ୍କୁ ଗିରଫ କରିଛି କମିଶନରେଟ ପୋଲିସ । ଜବତ ବ୍ରାଉନସୁଗାରର ମୂଲ୍ୟ ୨୭ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଆଜି ଏନେଇ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କଟକ ଡ଼ିସିପି ପ୍ରତୀକ ସିଂହ ।

# ସବ-ରେଜିଷ୍ଟ୍ରାର ଅଫିସରେ ଅବ୍ୟବସ୍ଥା

## ‘ଫ୍ୟୁଚର ବାଲେଶ୍ୱର’ସଂଗଠନର ଗଣଧାରଣା



ବାଲେଶ୍ୱର,୧୬/୦୩ (ନି.ପ୍ର): ବାଲେଶ୍ୱରର ସବ-ରେଜିଷ୍ଟ୍ରାର ଅଫିସରେ ସାଧାରଣ ଲୋକେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟାକୁ ନେଇ ‘ଫ୍ୟୁଚର ବାଲେଶ୍ୱର’ ପକ୍ଷରୁ ସୋମବାର ଗଣଧାରଣା ଦିଆଯାଇଥିଲା । ଅଫିସ ସମ୍ମୁଖରେ ଆୟୋଜିତ ଏହି ଗଣଧାରଣାରେ ସଂଗଠନର ସଭାପତି ଆଇନଜୀବୀ ବିଜୟ ପାଣିଗ୍ରାହୀ ନେତୃତ୍ୱ ନେବା ସହ ଜନସାଧାରଣଙ୍କୁ ଉଚିତ ସେବା ପ୍ରଦାନରେ ପ୍ରଶାସନିକ ଅବହେଳାକୁ ସମାଲୋଚନା କରିଥିଲେ। ଜିଲାର ରାଜସ୍ୱ ସଂଗ୍ରହରେ ପ୍ରମୁଖ କେନ୍ଦ୍ର ଭାବେ ପରିଗଣିତ ବାଲେଶ୍ୱରର ସବ-ରେଜିଷ୍ଟ୍ରାର ଅଫିସରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପ୍ରଶାସନିକ ସ୍ଥାଣୁତା ଅଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଥିଲେ। ତାଙ୍କ ଆରୋପ ଅନୁସାରେ ପ୍ରତ୍ୟେକ ଦିନ ଶତାଧିକ ଲୋକ ନିଜର ଜମିଜମା କ୍ରୟ-ବିକ୍ରୟ ପଞ୍ଜୀକରଣ ପାଇଁ ବାଲେଶ୍ୱର ସବ-ରେଜିଷ୍ଟ୍ରାର ଅଫିସକୁ ଆସୁଥିବା ବେଳେ ସେଠାରେ ଗାଡ଼ି ପାର୍କିଂ ପାଇଁ ଟିକିଏ ହେଲେ ସ୍ଥାନ ନାହିଁ। ଫଳରେ ଲୋକେ କଚେରୀକୁ ଯାଉଥିବା ସଙ୍କୁଚିତ ରାସ୍ତାରେ ଗାଡି ପାର୍କିଂ କରିବାକୁ ବାଧ୍ୟ ହେଉଛନ୍ତି। ଅନୁରୂପ ଭାବେ ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କ ପାଇଁ ପିଇବା ପାଣି କିମ୍ବା ଶୌଚାଳୟର ବ୍ୟବସ୍ଥା ମଧ୍ୟ ନାହିଁ। ଏ ସମ୍ପର୍କରେ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଆପତ୍ତି କରାଯାଇଥିଲେ ବି ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ବୋଲି ଶ୍ରୀ ପାଣିଗ୍ରାହୀ କହିଥିଲେ । ପୂର୍ବରୁ ପ୍ରାଶାସନିକ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା ଏବଂ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅବ୍ୟବହୃତ ସ୍ଥାନରେ ଗାଡି ପାର୍କିଂ ପାଇଁ ଅସ୍ଥାୟୀ ବ୍ୟବସ୍ଥା ହୋଇଥିଲା। ମାତ୍ର ଗତ କିଛିଦିନ ଧରି ସମ୍ପୃକ୍ତ ସ୍ଥାନର ପ୍ରବେଶ ଫାଟକ ବନ୍ଦ କରାଯିବା ଫଳରେ ଏବେ ଲୋକେ ରାସ୍ତାରେ ଗାଡ଼ି ପାର୍କିଂ କରୁଛନ୍ତି ବୋଲି ସଂଗଠନର କର୍ମକର୍ତ୍ତାମାନେ କହିଥିଲେ । ସବ-ରେଜିଷ୍ଟ୍ରାର ଅଫିସକୁ ଆସୁଥିବା ଲୋକଙ୍କ ପାଇଁ ଗାଡି ପାର୍କିଂ, ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା ଦାବିରେ ଶେଷରେ ଧାରଣା ଦେବା ପାଇଁ ସଂଗଠନ ବାଧ୍ୟ ହୋଇଛି ବୋଲି ସେମାନେ ସୂଚନା ଦେଇଥିଲେ । ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଦୀର୍ଘ ସମୟ ଧରି ଧାରଣାରେ ବସିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମରେ ସଦର ଅତିରିକ୍ତ ତହସିଲଦାର ଅତନୁ ନାୟକ ଓ ସହଦେବଖୁଣ୍ଟା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ପଲେଇ ଧାରଣାସ୍ଥଳରେ ପହଞ୍ଚିଥିଲେ। ସବରେଜିଷ୍ଟ୍ରାର ଅଫିସ ସମସ୍ୟା ସମାଧାନ ସମ୍ପର୍କରେ ସେମାନେ ଫ୍ୟୁଚର ବାଲେଶ୍ୱର ସଂଗଠନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ଅତିଶୀଘ୍ର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅବ୍ୟବହୃତ ସ୍ଥାନରେ ଗାଡି ପାର୍କିଂ ପାଇଁ ସ୍ଥାୟୀ ବ୍ୟବସ୍ଥା ପାଇଁ ଅତିରିକ୍ତ ତହସିଲଦାର ଶ୍ରୀ ନାୟକ ପ୍ରତିଶ୍ରୁତି ଦେଇଥିଲେ। ଉପଯୁକ୍ତ ସ୍ଥାନ ନିରୂପଣ ପରେ ଶୌଚାଳୟ ସହ ପାନୀୟ ଜଳ ବ୍ୟବସ୍ଥା ଓ ରେଷ୍ଟ ସେଡ୍ ନିର୍ମାଣ କରାଯିବ ବୋଲି ସେ କହିଥିଲେ । ଦୁଇ ଅଧିକାରୀଙ୍କ ନିକଟରୁ ନିର୍ଭର ପ୍ରତିଶ୍ରୁତି ପାଇବା ପରେ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଧାରଣାରୁ ପ୍ରତ୍ୟାହୃତ ହୋଇଥିଲା । ଫ୍ୟୁଚର ବାଲେଶ୍ୱର ସଂଗଠନର ସମ୍ପାଦକ ଦୁକୁଲ ଚନ୍ଦ୍ର ଘଡେଇ, ସୁଶାନ୍ତ ଦାସ, ସଂଯୁକ୍ତାରାଣୀ ବେହେରା, ନିହାରିକା ବିଶ୍ୱାସ, ନିରଞ୍ଜନ ପରିଡା, ସବିତା ମହାନ୍ତି, ଭରତ ଲେଙ୍କା ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଏହି ଧାରଣରେ ଅଂଶଗ୍ରହଣ କରିଥିଲେ ।

## ସୁବର୍ଣ୍ଣରେଖା ବନ୍ଦରକୁ ବିରୋଧ କରି ବିଜେପିର ବୈଠକ

ବାଲିଆପାଳ,୧୬/୦୩ (ନି.ପ୍ର): ବାଲିଆପାଳ ବ୍ଲକର ଚୌମୁଖ ଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରକୁ ବିରୋଧ କରି ବିଜେପିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଡଗରା ସରପଂଚ ଅବନ୍ତି ମହାନ୍ତିଙ୍କ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ବିଜେପି ନେତା ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗ ଦେଇ ବିଜେପି ଉନ୍ନୟନ କାର୍ଯ୍ୟକୁ ବିରୋଧ କରେ ନାହିଁ । କିନ୍ତୁ ଏକ ଉର୍ବର ଶସ୍ୟଶ୍ୟାମଳା ଅଂଚଳରେ ହଜାର ହଜାର ଲୋକଙ୍କୁ ବିସ୍ଥାପିତ କରି ଏ ଭଳି ଏକ ବୃହତ ବନ୍ଦର ଓ ଶିଳ୍ପାୟନ ପ୍ରସ୍ତାବକୁ ବିରୋଧ କରେ ବୋଲି କହିଥିଲେ । ତେଣୁ ବନ୍ଦରକୁ ଜନବସତି ନଥିବା ଅନ୍ୟ ଅଂଚଳକୁ ସ୍ଥାନାନ୍ତରିତ କରିବାକୁ ସେ ପ୍ରସ୍ତାବ ଦେଇଥିଲେ । ଦଳମତ ନିର୍ବିଶେଷରେ ଏହି ଆନ୍ଦୋଳନରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ । ବିଜେପିର ଏକ କେନ୍ଦ୍ରୀୟ ପ୍ରତିନିଧି ଦଳ ଏହି ଅଂଚଳ ଗସ୍ତ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବାକୁ ସେ ପ୍ରସ୍ତାବ ଦେବେ ବୋଲି କହିଥିଲେ । ଏହି ବୈଠକରେ ଡଗରା ସରପଂଚଙ୍କ ପ୍ରତିନିଧି ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସତ୍ୟାନନ୍ଦ ମହାନ୍ତି, ବିଜେପି ନେତା ଅରବିନ୍ଦ ବେହେରା, ସୁଦାମ ତରାଇ, ଲକ୍ଷ୍ମୀକାନ୍ତ ଖଟୁଆ, ପ୍ରମୋଥ ପାତ୍ର, ଦେବାନନ୍ଦ ପିଳା, ଶମ୍ଭୁ ଦାସ, ଲକ୍ଷ୍ମୀଧର ଜେନା, ରବିନ୍ଦ୍ର ଜେନା, ରବିନ୍ଦ୍ର ଦାସ, ବଳରାମ ଖୀଲାର, କମଳାକାନ୍ତ ଦେହୁରୀଙ୍କ ସମେତ ବହୁ ଅଂଚଳବାସୀ ଯୋଗ ଦେଇଥିଲେ ।

# ଜୀବନ ଜ୍ୟୋତି ଭିନ୍ନକ୍ଷମ ଆଶ୍ରମରେ ହୋଟେଲ ଅନୀତା ପକ୍ଷରୁ ସହାୟତା



ବାରିପଦା,୧୬/୦୩ (ନି.ପ୍ର): ବାରିପଦା ରଘୁନାଥପୁର ଠାରେ ରହିଥିବା ଜୀବନ ଜ୍ୟୋତି ଭିନ୍ନକ୍ଷମ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟରେ ରହିଥିବା ଅନ୍ତେବାସୀ ମାନଙ୍କ ଉଦ୍ଦେଶ୍ୟରେ ବୁଢାମରା ସ୍ଥିତ ହୋଟେଲ ଅନୀତା ପକ୍ଷରୁ ଆଜି ଅପରାହ୍ନରେ ୧୨ ହଜାର ଟଙ୍କାର ଏକ ଚେକ ହୋଟେଲର ପରିଚାଳନା ନିର୍ଦ୍ଦେଶକ ଅନୀତା ପୁଟି ପ୍ରଦାନ କରିବା ସହିତ ଜୀବନଜ୍ୟୋତି ଭିନ୍ନକ୍ଷମ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ କିଛିସମୟ ଆଲୋଚନା କରିଥିଲେ । ଏହି ଅବସରରେ ସେ ପିଲା ମାନଙ୍କ ସହିତ କିଛି ସମୟ କଟାଇବା ସହିତ ଭାବର ଆଦାନ ପ୍ରଦାନ କରିଥିଲେ । ସମାଜରେ ଏହିଭଳି ଅବହେଳିତ ବର୍ଗର ପିଲାଙ୍କ ସହାୟତା ପାଇଁ ସବୁବର୍ଗର ଲୋକଙ୍କ ସହାୟତା ତଥା ଅନୁକମ୍ପା ମିଳିଲେ ଏହି ଭିନ୍ନକ୍ଷମ ଅସହାୟ ପିଲା ମାନଙ୍କ ଠାରେ ଥିବା ପ୍ରତିଭାର ବିକାଶ ହେବା ସହିତ ସେମାନେ ମଧ୍ୟ ସମାଜରେ ସୁପ୍ରତିଷ୍ଠିତ ହୋଇ ପାରିବେ ବୋଲି ଶ୍ରୀମତୀ ପୁଟୀ କହିଛନ୍ତି । ତେବେ ପ୍ରତିମାସ ଉକ୍ତ ଅନୁଷ୍ଠାନକୁ ନିୟମିତ ଭାବରେ କିଛି ଆର୍ଥିକ ଅନୁଦାନ ଯୋଗାଇ ଦେବାର ବନ୍ଦୋବସ୍ତ କରାଯାଇଛି ବୋଲି ହୋଟେଲ ଅନୀତା ପକ୍ଷରୁ ନିର୍ଦ୍ଦେଶକ ସୁଶାନ୍ତ ପୁଟି କହିଛନ୍ତି ।

## ରାସ୍ତାରେ ବୁଲିଲା ଖଣ୍ଡା, ଯୁବକ ଗୁରୁତର

ପୁରୀ,୧୬/୦୩ (ନି.ପ୍ର): ବାଳେସୀସାହି ଥାନା ଅନ୍ତର୍ଗତ ମିଶ୍ରସାହିର ପ୍ରଦୀପ କୁମାର ତ୍ରିପାଠୀ ମାର୍କେଣ୍ଡୟ ପୁଷ୍କରିଣୀକୁ ସ୍ନାନ କରିବା ପାଇଁ ଯାଉଥିବା ସମୟରେ କେତେକ ଦୁର୍ବୃତ୍ତ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରାସ୍ତା ଉପରେ ଖଣ୍ଡାରେ ହାଣିଥିଲେ। ଏଥିରେ ପ୍ରଦୀପ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ପରେ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଡାକ୍ତର କଟକ ପଠାଇ ଦେଇଥିଲେ। ଏ ସଂପର୍କରେ ପ୍ରଦୀପଙ୍କ ଘର ପକ୍ଷରୁ ବାସେଳୀସାହି ଥାନାରେ ଏତଲା ଦିଆଯାଇଛି । ପ୍ରଦୀପଙ୍କ ଭଉଣୀଙ୍କ କହିବାନୁଯାୟୀ ତାଙ୍କ ଭାଇଙ୍କ ବେକରୁ ୨ଲକ୍ଷ ଟଙ୍କାର ଚେନ୍ ଓ ୧୫ହଜାର ଟଙ୍କାର ମୋବାଇଲ ଛଡାଇ ନେଇଯାଇଥିବ କହିଛନ୍ତି । ପୁଲିସ ପକ୍ଷରୁ ଏ ସଂପର୍କରେ ଛାନଭିନ୍ କରାଯାଉଛି ।

# ବାଲେଶ୍ୱରରେ ଆନ୍ତର୍ଜାତିକ ଉପଭୋକ୍ତା ଦିବସ

ବାଲେଶ୍ୱର,୧୬/୦୩ (ନି.ପ୍ର): ରାଷ୍ଟ୍ରୀୟ ଉପଭୋକ୍ତା ଅଧିକାର ଆୟୋଗ ପକ୍ଷରୁ ଆନ୍ତର୍ଜାତିକ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି। ବାଲେଶ୍ୱର ସହରର ଗୋପାଳଗାଁ ସ୍ଥିତ ଆୟୁଷ୍ମାନ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ଉପଭୋକ୍ତା ଅଧିକାର ଆୟୋଗର ରାଜ୍ୟ ଅଧକ୍ଷା ଏସ ଗୀତାଞ୍ଜଳି ଉଦଘାଟନ କରିବା ସହିତ ଆନ୍ତର୍ଜାତିକ ଉପଭୋକ୍ତା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଉଦ୍ୟୋଗପତି ଲକ୍ଷ୍ମୀନାରାୟଣ ମହାନ୍ତି ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ଖାଉଟି ଓ ଉଦ୍ୟୋଗୀମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ଖାଉଟି ଜାଗ୍ରତ ହେଲେ ଦେଶ ଜାଗିବ ବୋଲି ଶ୍ରୀ ମହାନ୍ତି ପରାମର୍ଶ ଦେଇଥିଲେ। ଅଧ୍ୟାପକ ରଶ୍ମୀରଞ୍ଜନ ଶତପଥୀଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଉପାଧକ୍ଷ ପର୍ଶୁରାମ ବେହେରା ଯୋଗଦେଇ ଉପଭୋକ୍ତାଙ୍କ ଅଧିକାର ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାବିତ ଗଣେଶ ଚନ୍ଦ୍ର ପ୍ରହରାଜ ଏଥିରେ ମୁଖ୍ୟବକ୍ତାଭାବେ ଯୋଗଦେଇ ଖାଉଟି ସୁରକ୍ଷା ଆଇନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ସଂଗଠନ ନାରୀଶକ୍ତିର ରାଜ୍ୟ ସଭାନେତ୍ରୀ ତଥା ଚଳଚ୍ଚିତ୍ର ଅଭିନେତ୍ରୀ ରେଣୁବାଳା ବିଶ୍ୱାଳ, ସମାଜସେବୀ ଗୌରାଙ୍ଗ ଦାସ, ବରିଷ୍ଠ ଆଇନଜୀବି ପ୍ରଦୀପ କର, ଅନୁଷ୍ଠାନର ସମ୍ପାଦକ ମାଣିକଲାଲ ସାହୁ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଷ୍ଟ୍ରୀୟ ଉପଭୋକ୍ତା ଅଧିକାର ଆୟୋଗର ରାଜ୍ୟ ମିଡିଆ ସଂଯୋଜକ କାର୍ତିକ ଚନ୍ଦ୍ର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ପିଆରଓ ରାଜେନ୍ଦ୍ର ରଣା, ଅରୂପ ଜେନା, ତପନ କୁମାର ସାହୁ, ଶୋଭାକର ସାହୁ, ଇବ୍ରାନା ଖାତୁନ, ଦୀପାଳି ପଣ୍ଡିତ, ସୁଜାତା ରାଣୀ ସିଂହ ପ୍ରମୁଖ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ଓଡିଶା ଗସ୍ତ ପୂର୍ବରୁ ରାଷ୍ଟ୍ରପତିଙ୍କୁ ଭେଟିଲେ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୬/୦୩ (ନି.ପ୍ର): ଆସନ୍ତା ମାର୍ଚ୍ଚ ୨୧ ତାରିଖରେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଓଡ଼ିଶା ଗସ୍ତ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଦିନ ରାଷ୍ଟ୍ରପତିଙ୍କୁ ସହ ରାଷ୍ଟ୍ରପତି ଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ସାକ୍ଷାତ ସମୟରେ ରାଷ୍ଟ୍ରପତିଙ୍କୁ ହାତବୁଣା ପାରମ୍ପରିକ ‘ଗାମୁଛା’ ଭେଟି ଦେଇଛନ୍ତି । ଅନୁଗୁଳ ଆଠମଲ୍ଲିକର ଜଣେ ଦଳିତ କାରିଗରଙ୍କ ଦ୍ୱାରା ଏହି ଗାମୁଛା ତିଆରି ହୋଇଛି।

## ସ୍ୱର୍ଣ୍ଣ ପକ୍ଷରୁ ମହିଳାମାନଙ୍କୁ ସଡକ ସୁରକ୍ଷା ସଚେତନତା



ଜଳେଶ୍ୱର, ୧୬/୩ (ନିପ୍ର) : ସଡକରେ ମହିଳାମାନେ ୨ ଚକିଆ ଯାନ ଚଳାଇବା ବେଳେ କିପରି ସଚେତନା ଅବଲମ୍ବନ କରିବେ ସେଥିଲାଗି ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଜଳେଶ୍ୱର ପୌରପରିଷଦର ୧୩ନଂ ୱାର୍ଡ ନନ୍ଦିକା ଠାରେ ଅନୁଷ୍ଠିତ ହୋଇ ଯାଇଛି । ଗାଡି ଚଳାଇବା ବେଳେ ଡ୍ରାଇଭର ଓ ପଛରେ ବସିଥିବା ଲୋକ ଉଭୟେ ହେଲମେଣ୍ଟ ପିନ୍ଧିବା, ନିଶା ଖାଇ ଗାଡି ନ ଚଳାଇବା, ଟ୍ରାଫିକ୍ ନିୟମ ପାଳନ କରିବା, ସ୍ୱାମୀ ମାନେ ନିଶା ସେବନ କରି ଗାଡି ଚଳାଇବାରୁ ନିବୃତ କରାଇବା ଇତ୍ୟାଦି ସଂପର୍କରେ ସଚେତନ କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣର ମୁଖ୍ୟ ନିମାଇଁ ଚରଣ ପ୍ରଧାନ, ସରୋଜ ପ୍ରଧାନ, ସରୋଜ ପାତ୍ର, ସଂଯୋଜକ ଅଭିମନ୍ୟୁ ସେନାପତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅନନ୍ୟା ବେବି ପାତ୍ର, ରଂଜନା ପାତ୍ର, ଅଂଜଳି ପାତ୍ର, ସବିତା ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

# ଆଇନ ଶୃଙ୍ଖଳା ପରିଚାଳନାରେ ବିଫଳ ପୁଲିସ ପ୍ରଶାସନ ବିଜେପି ପକ୍ଷରୁ ବାଲେଶ୍ୱର ଏସପିଙ୍କ ବଦଳି ଦାବି




ବାଲେଶ୍ୱର,୧୬/୦୩ (ନି.ପ୍ର): ବାଲେଶ୍ୱରରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ପୁଲିସ ପ୍ରଶାସନର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛି ବିଜେପି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ମାନସ କୁମାର ଦତ୍ତ ଯୋଗଦେଇ ପୁଲିସ ନିଷ୍କ୍ରିୟତା ଯୋଗୁଁ ବାଲେଶ୍ୱର ସମ୍ପ୍ରତି ଅପରାଧୀଙ୍କ ଭୂସ୍ୱର୍ଗ ପାଲଟିଛି ବୋଲି ମତପ୍ରକାଶ କରିଥିଲେ । ୪୮ଘଣ୍ଟା ବ୍ୟବଧାନରେ ଦୁଇ ଦୁଇଟି ଗୁଳିକାଣ୍ଡ ଘଟଣାରେ ବାଲେଶ୍ୱରବାସୀ ଭୟଭୀତ ହୋଇ ପଡ଼ିଥିବା ବେଳେ ଜନତାଙ୍କୁ ସୁରକ୍ଷା ଦେବାରେ ପୁଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଶ୍ରୀ ଦତ୍ତ କହିଥିଲେ। କିଛି ଦିନ ପୂର୍ବରୁ ନଗ୍ରମ ପଞ୍ଚାୟତର ଜଣେ ବ୍ୟକ୍ତିଙ୍କୁ ନୃଶଂସ ହତ୍ୟା କରାଯାଇଥିଲା, ମାତ୍ର ଆଜି ଯାଏ ଅପରାଧୀଙ୍କୁ ଗିରଫ କରିବାରେ ପୁଲିସ ସକ୍ଷମ ହୋଇପାରିନାହିଁ। ଅନରୂପ ଭାବେ ପାରିକୂଳ ରାସ୍ତାରେ ସୁନା ଦୋକାନୀଙ୍କୁ ଆକ୍ରମଣ ଓ ଲୁଟ ଘଟଣାର ଅଭିଯୁକ୍ତଙ୍କୁ ଏବେ ସୁଦ୍ଧା ଧରିପାରିନାହିଁ । ଦିନକୁ ଦିନ ବାଲେଶ୍ୱର ସହର ସମେତ ଆଖପାଖ ଅଂଚଳରେ ବଢିଚାଲିଥିବା ଅପରାଧିକ କାର୍ଯ୍ୟକଳାପ ରୋକିବାରେ ପୁଲିସ ପ୍ରଶାସନ ବିଫଳ ହୋଇଛି। ଜନସମ୍ପର୍କ ରକ୍ଷାକୁ ଆରକ୍ଷୀ ଅଧିକ୍ଷକ ଭୟ କରୁଥିବା ବେଳେ ଜିଲାର ଥାନାଗୁଡ଼ିକର ସୀମାକୁ ନେଇ ଅଧିକାରୀମାନେ ଟଣାଓଟରାରେ ଲାଗିଛନ୍ତି । ପୁଲିସ ପାଟ୍ରୋଲିଂ ଅଭାବରୁ ଅପରାଧିକ କାର୍ଯ୍ୟକଳାପ ଆଶାତୀତ ବୃଦ୍ଧି ପାଇବାରେ ଲାଗିଛି ବୋଲି ଶ୍ରୀ ଦତ୍ତ ଅଭିଯୋଗ କରିଛନ୍ତି। ଖୋଦ ମୁଖ୍ୟମନ୍ତ୍ରୀ ବାଲେଶ୍ୱରର ଦାୟିତ୍ୱ ନେଇଥିବା ଘୋଷଣା ପରେ ପୁଲିସ ପ୍ରଶାସନ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଥିବା ସେ କହିଛନ୍ତି । ତୁରନ୍ତ ବଳରାମଗଡି ଗୁଳିକାଣ୍ଡରେ ଜଡ଼ିତ ଅପରାଧୀଙ୍କୁ ଗିରଫ ସହ ଆରକ୍ଷୀ ଅଧିକ୍ଷକଙ୍କ ବଦଳି ପାଇଁ ଶ୍ରୀ ଦତ୍ତ ଦାବି କରିଛନ୍ତି । ନଚେତ୍ ଆଗାମୀ ଦିନରେ ବିଜେପି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ଦତ୍ତ ଚେତାବନୀ ଦେଇଛନ୍ତି। ବିଜେପି ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ସତ୍ୟଜିତ ମିଶ୍ର, ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ଲୋକନାଥ ଭୂୟାଁ, ଅରୂପ ଜେନା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ଶ୍ରୀରାମ ନବମୀ ମହୋତ୍ସବ : ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ଭଦ୍ରକ,୧୬/୦୩ (ନି.ପ୍ର): ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବର ଅବ୍ୟବହିତ ପୂର୍ବରୁ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ନୂଆବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ପ୍ରଶାସନର କରୋନା ନିୟମାବଳୀ ମଧ୍ୟରେ ରହି ଚଳିତ ବର୍ଷର ଶ୍ରୀରାମ ନବମୀ ମହୋତ୍ସବ ପାଳନ ହେବ ବୋଲି ସଭାପତି ବରିଷ୍ଠ ଆଇନଜୀବୀ ରାୟ ରାମାନନ୍ଦ ମହାପାତ୍ର ପ୍ରକାଶ କରିଛନ୍ତି। ଚଳିତ ବର୍ଷ ୧୦୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମେଢ ନଗର ଶୋଭାଯାତ୍ରାରେ ସାମିଲ ହେଉଥିବା ସଭାପତି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ। ଏପ୍ରିଲ ମାସ ୪ ତାରିଖ ରବିବାର ସକାଳ ୬ଟା ୩୦ ମିନିଟରେ ‘ମାତୃଭୂମି ପାଇଁ ଗଣଦୌଡ଼’ ଅନୁଷ୍ଠିତ ହେବାକୁ ଥିବା ବେଳେ ସେହି ମାସ ୧୧ତାରିଖ ଦିନ ରାଷ୍ଟ୍ରୀୟ ନବବର୍ଷ, ଗୋ - ପୂଜନ, ସନ୍ଥ ପୂଜନ କାର୍ଯ୍ୟକ୍ରମ ସହର ନିକଟସ୍ଥ ରାମନବମୀ ବେତଡ଼ା ଠାରେ ଆୟୋଜିତ ହେବ। ଏପ୍ରିଲ ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଗାନ୍ଧୀ ପଡ଼ିଆରେ ମୀନାବଜାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ଏପ୍ରିଲ ୧୯ ତାରିଖ ସୋମବାର ଦିନ ମାତୃଶକ୍ତି ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା, ବିଭିନ୍ନ ଦେବାଦେବୀଙ୍କ ପୀଠରୁ ଆଜ୍ଞାମାଳ ଯାତ୍ରା ଓ ଶ୍ରୀରାମ ନବମୀ ଯଜ୍ଞାରମ୍ଭ ହେବ। ୨୦ ତାରିଖ ମଙ୍ଗଳବାର ଦିନ ୧୦୮ ହନୁମାନ ଚାଳିଶା ପାଠ ଯଜ୍ଞ ମଣ୍ଡପ ପରିସରରେ ଅନୁଷ୍ଠିତ ହେବ। ଶେଷରେ ଏପ୍ରିଲ ୨୧ ତାରିଖ ବୁଧବାର ଦିନ ଯଜ୍ଞର ପୂର୍ଣ୍ଣାହୁତି ହେବା ସହ ବିଶାଳ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ସମିତି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆ ଯାଇଛି। ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକୁ ଶୃଙ୍ଖଳିତ, ସରସ ସୁନ୍ଦର ଓ ଭବ୍ୟ କରିବା ସହ ଜିଲ୍ଲାର ସମସ୍ତ ବର୍ଗର ଶ୍ରୀରାମ ଭକ୍ତଙ୍କୁ ସାମିଲ କରିବା ଦିଗରେ ସମିତିର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ଶ୍ରୀରାମ ମହାଯଜ୍ଞ ସମିତିର ସଂପାଦକ ଶରତ ପଢିଆରୀ, ସଂଯୋଜକ ଗୋବିନ୍ଦ ରାଉତ, ଅଭିମନ୍ୟୁ ସେଠୀ, ପ୍ରଦୀପ୍ତ ବିଶ୍ୱାଳ, ଅମ୍ବିକା ଦାସ, ପ୍ରଭାତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିବା ବେଳେ ଗଣମାଧ୍ୟମ ସଂଯୋଜକ ସ୍ୱାଧୀନ ସୁନ୍ଦର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo